CMYK

* Vol.- 46, Issue No. 105
* Wednesday, 15 July 2026
* ବୁଧବାର,୧୫ ଜୁଲାଇ ୨୦୨୬
* Bhubaneswar
* Price: Rs. 2.00, Page: 8
* R.N.I. Regd. No. 34063/81
* Postal Regd. No. BN/79/18-20
* Online Portal: www.dinalipi.com
* Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com



# ମହାପ୍ରଭୁଙ୍କ ନବଯୌବନ ଦର୍ଶନ

## ■ ଝିପିଝିପି ବର୍ଷା ସତ୍ତ୍ୱେ ପ୍ରବଳ ଗହଳି ■ କିଛି ଶ୍ରଦ୍ଧାଳୁ ହେଲେ ଅଣନିଶ୍ୱାସୀ

ପୁରୀ,୧୪ ।୭(ନିପ୍ର): ମଙ୍ଗଳବାର ମହାପ୍ରଭୁଙ୍କ ନବଯୌବନ ଓ ନେତ୍ରୋତ୍ସବ ଯୋଗୁଁ ପାଇଁ ଶ୍ରୀମନ୍ଦିର ସମେତ ଶ୍ରୀକ୍ଷେତ୍ର ଚଳଚଞ୍ଚଳ ହୋଇଉଠିଥିଲା। ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ ଦର୍ଶନ ଦେଖି ଭକ୍ତ ଧନ୍ୟ ହୋଇଛନ୍ତି । ଅଣସର ଡାଟି ଫିଟିବା ସହ ବିଭିନ୍ନ ନୀତିକାନ୍ତି ବଢିବା ପରେ ମହାପ୍ରଭୁଙ୍କ ଚକ୍ଷୁର ଦର୍ଶନ ପାଇଛନ୍ତି ଭକ୍ତ । ଝିପି ଝିପି ବର୍ଷା ଓ କୋହଲା ପାଗରେ ଭକ୍ତ ହୋଇଛନ୍ତି ଭାବବିହ୍ୱଳ । ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ଶ୍ରୀମନ୍ଦିର । କାଳିଆର ଚକାଡୋଳା ଦର୍ଶନ କରି ଭକ୍ତର ଲୁହ ଝରିଛି । ଭାବ ଭକ୍ତିର ସହ ସମର୍ପିତ ହୋଇ ଭକ୍ତ ଦର୍ଶନ କରିଛି କାଳିଆକୁ । ମହାପ୍ରଭୁଙ୍କ ନବଯୌବନ ଦର୍ଶନ ପୂର୍ବରୁ ଅଣସର ଡାଟିରେ ପୂଜିତ ପଟ୍ଟିଦିଅଁମାନଙ୍କୁ ବିସର୍ଜନ କରି ଦିଆଯାଇଛି । ଭକ୍ତମାନେ ଶ୍ରୀବିଗ୍ରହଙ୍କୁ ଦାରୁବ୍ରହ୍ମ ରୂପରେ ଦର୍ଶନ କରିଛନ୍ତି । ଏହା ହେଉଛି ନବଯୌବନ ଦର୍ଶନ । ପରେ ମହାପ୍ରଭୁଙ୍କ ନେତ୍ରୋତ୍ସବ ନୀତି । ଏହି ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ପୂର୍ବର ବନକଲାଗି କରାଯାଇ ଶ୍ରୀମୁଖ-ଶିଙ୍ଗାରୀ ଦତ୍ତ ମହାପାତ୍ର ସେବକମାନେ ଶ୍ରୀଜଗନ୍ନାଥାଦି ଦେବତାମାନଙ୍କର ନେତ୍ର ଅଙ୍କନ କରିଥିଲେ। ନେତ୍ରୋତ୍ସବରେ ଦତ୍ତ ମହାପାତ୍ର ସେବକ ତିନିଟି ରୁପା ପାତ୍ରରେ କଳା ପ୍ରସ୍ତୁତ କରି ଦେବା ପରେ, ପୂଜାପଣ୍ଡା ସେବକ ସେହି ନେତ୍ର ପିତୁଳା ଅଙ୍କନକୁ ସଂପୂର୍ଣ୍ଣ କରିବା ପାଇଁ ତିନି ଖଣ୍ଡି ତୁଳସୀ କାଠିରେ ଅଙ୍କନ କରିଥିଲେ । ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଗହଳି ପରିଲକ୍ଷିତ ହୋଇଛି । କିଛି ଶ୍ରଦ୍ଧାଳୁ ଅଣନିଶ୍ୱାସୀ ହୋଇଥିଲେ। ପାରିମାଣିକ ଦର୍ଶନ ଓ ସର୍ବ ସାଧାରଣ ଦର୍ଶନ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦର୍ଶନ ବ୍ୟବସ୍ଥା ଶୃଙ୍ଖଳିତ ଭାବେ କରାରାଇଥିଲା। ପୋଲିସ ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ସମେତ ବାହାର ଭିତର କଡାକଡି ବ୍ୟବସ୍ଥା କରାଯାଇଛି।

## ରାଜ୍ୟ କ୍ୟାବିନେଟ: ୧୩ ପ୍ରସ୍ତାବ ଉପରେ ମୋହର

# ୫ ବର୍ଷ ପାଇଁ ବଢ଼ିଲା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା

ଭୁବନେଶ୍ୱର,୧୪ ।୭: ରାଜ୍ୟ କ୍ୟାବିନେଟ୍ ଗୁରୁତ୍ୱପୂର୍ଣ୍ଣ ବୈଠକ ମଙ୍ଗଳବାର ଶେଷ ହୋଇଛି। ବୈଠକରେ ୭ଟି ବିଭାଗର ୧୩ଟି ପ୍ରସ୍ତାବ ଉପରେ ମୋହର ବାଜିଛି। ଜଳ ସମ୍ପଦ ବିଭାଗ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ , ସମବାୟ , କୃଷି ଓ କୃଷକ ସଶକ୍ତି ବେଳେ ରାସ୍ତା ନ ଥିବା ଗାଁ ଗୁଡିକୁ ଏହାଦ୍ୱାରା ସଂଯୋଗ କରାଯିବ। ବିଶେଷ କରି ଦୁର୍ଗମ ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥା ସୁଦୃଢ କରିବା ପାଇଁ ଏହି ପ୍ରୟାସ ଜାରି ରହିବ ବୋଲି କହିଛନ୍ତି ମୁଖ୍ୟ ସଚିବ। ରାଜ୍ୟର 'ସେତୁ ବନ୍ଧ ଯୋଜନା'ର ଅବଧି ମଧ୍ୟ ୫ ବର୍ଷ ବୃଦ୍ଧି

★ 'ସେତୁ ବନ୍ଧ ଯୋଜନା'ର ଅବଧି ମଧ୍ୟ ୫ ବର୍ଷ ବୃଦ୍ଧି
★ ଗାଁକୁ ସଂଯୋଗ ହେବ ରାସ୍ତା, ପାନୀୟଜଳ ଓ ବିଜୁଳି

କରଣ , ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ , ରାଜସ୍ୱ ବିଭାଗରୁ ଗୋଟିଏ ଲେଖାଏଁ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ୭ଟି ଏହିପରି ମୋଟ ୭ଟି ବିଭାଗର ମୋଟ ୧୩ ଟି ପ୍ରସ୍ତାବ କ୍ୟାବିନେଟ ବୈଠକରେ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଛି ।ବୈଠକ ଶେଷ ହେବା ପରେ ମୁଖ୍ୟ ସଚିବ ଅନୁ ଗର୍ଗ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଏନେଇ ସୂଚନା ଦେଇଛନ୍ତି। କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଅନୁଯାୟୀ, ଗ୍ରାମ୍ୟ ଉନ୍ନୟନ ବିଭାଗର 'ମୁଖ୍ୟମନ୍ତ୍ରୀ ସଡକ ଯୋଜନା'ର ଅବଧିକୁ ଆଉ ୫ ବର୍ଷ ପାଇଁ ବୃଦ୍ଧି କରାଯାଇଛି। ଏହା ଅଧୀନରେ ୪୬୦୦ କିଲୋମିଟର ନୂଆ ସଡ଼କ ନିର୍ମାଣ ପାଇଁ ଅନୁମୋଦନ ମିଳିଥିବା ପାଇଛି। ଯେଉଁଥିରେ ୩୧୬୭ଟି ପୁରୁଣା ସେତୁର ମରାମତି ଓ ନବୀକରଣ କରାଯିବ। ଅନ୍ୟପଟେ ସମବାୟ ବିଭାଗର ୧୯୫୬ ମସିହାର ପୁରୁଣା ଆଇନ ସଂଶୋଧନ ପ୍ରସ୍ତାବକୁ ମଧ୍ୟ ବୈଠକରେ ମଞ୍ଜୁରି ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ଦ୍ୱାରା 'ମୁଖ୍ୟମନ୍ତ୍ରୀ ସଡକ ଯୋଜନା –ଆନ୍ତଃରାଜ୍ୟ, ଆନ୍ତଃଜିଲ୍ଲା ଓ ଆନ୍ତଃବ୍ଲକ ମଧ୍ୟରେ ଅସଂଯୋଜିତ ରାସ୍ତା ଗୁଡିକୁ ମୁଖ୍ୟ ରାସ୍ତା ସହ ସଂଯୋଗୀକରଣ' ଯୋଜନାକୁ ଆଉ ୫ ବର୍ଷ ପାଇଁ ବୃଦ୍ଧି କରାଯାଇଛି ।ସଂପୃକ୍ତ ଅଂଚଳର ସ୍ଥାନୀୟ ବାସିନ୍ଦା ମାନଙ୍କର ଆର୍ଥିକ ଏବଂ ସାମାଜିକ ଉନ୍ନତିକରଣ ପାଇଁ ଗ୍ରାମାଞ୍ଚଳରେ ଥିବା ପଞ୍ଚାୟତ କାର୍ଯ୍ୟାଳୟ, ଚିକିତ୍ସାଳୟ, ଶିକ୍ଷାନୁଷ୍ଠାନ



ମୁଖ୍ୟ ବଜାର, ପର୍ଯ୍ୟଟନସ୍ଥଳ, ବ୍ୟବସାୟ କେନ୍ଦ୍ର ଇତ୍ୟାଦିକୁ ନିକଟବର୍ତ୍ତୀ ମୁଖ୍ୟରାସ୍ତା ସହ ସଂଯୋଗ କରିବା ସହିତ ଉନ୍ନତମାନର ରାସ୍ତା ନିର୍ମାଣ କରିବା ଏହି ଯୋଜନାର ମୂଳଲକ୍ଷ୍ୟ । ରାଜ୍ୟ କ୍ୟାବିନେଟ୍ ଦ୍ୱାରା ଏହି ଯୋଜନାରେ ପାଞ୍ଚ ଆର୍ଥିକ ବର୍ଷ ଯଥା :-୨୦୨୫-୨୬ ଠାରୁ ୨୦୨୯-୩୦ ବର୍ଷରେ କାର୍ଯ୍ୟକାରୀ କରିବା ପାଇଁ ୧୯୧୭ କୋଟି ଟଙ୍କାର ବ୍ୟୟବରାଦରେ ଆନୁମାନିକ ୩୮୫୦ କି.ମି. ନୂତନ ରାସ୍ତା ତଥା ସେତୁ ନିର୍ମାଣ ଏବଂ ଚାଲୁରହିଥିବା ପ୍ରକଳ୍ପ ଗୁଡିକର କାର୍ଯ୍ୟ ସଂପୂର୍ଣ୍ଣ କରିବାପାଇଁ କ୍ୟାବିନେଟ୍‌ରେ ଅନୁମୋଦିତ ହୋଇଛି । ରାଜ୍ୟ ସରକାରଙ୍କ ଦ୍ୱାରା ବ୍ରିଜ କମ୍ ୱେୟାର ଯୋଜନା ଆରମ୍ଭ ହେବାକୁ ଯାଉଛି। ନଦୀଗର୍ଭ ଏବଂ ସେତୁର ଉପର ମୁଣ୍ଡରେ ମୌସୁମୀ ଜଳକୁ ସଂରକ୍ଷିତ କରି ଜଳ ଯୋଗାଣ କରାଯିବ। ଏହି ଯୋଜନାର ୫ ବର୍ଷର ଅବଧି ପାଇଁ ମୋଟ ୬୦୦ କୋଟିର ବ୍ୟୟବରାଦ କରାଯାଇଛି। ଏହା ସହ ୫୦୮ଟି ନୂତନ ପ୍ରକଳ୍ପର ନିର୍ମାଣ ଓ ୧୬୨ଟି ଅଧୁରା ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ପାଇ ଅନୁମୋଦନ କରିଛନ୍ତି।

# କେଜିରୁ ପିଜି ମାଗଣା ଶିକ୍ଷା: ଆସିଲା ଏସ୍‌ଓପି

ଭୁବନେଶ୍ୱର,୧୪ ।୭: କେଜିରୁ ପିଜି ମାଗଣା ଶିକ୍ଷା ପାଇଁ ମଙ୍ଗଳବାର ଆସିଛି ସ୍ୱତନ୍ତ୍ର ଏସ୍‌ଓପି। ପରୀକ୍ଷା ଏବଂ ହଷ୍ଟେଲ ଫି'କୁ ବାଦ୍ ଦେଇ ନାମଲେଖା ବେଳେ ଆଦାୟ ହେବନାହିଁ କୌଣସି ଫି'। ମାଗଣା ଶିକ୍ଷାର ଅନ୍ତର୍ଭୁକ୍ତ ହେବା ପାଇଁ ଅତି କମରେ ୭୫ ପ୍ରତିଶତ ଉପସ୍ଥାନ ବାଧ୍ୟତାମୂଳକ କରାଯାଇଛି। କଲେଜଗୁଡିକ ପ୍ରତି ଶିକ୍ଷାବର୍ଷରେ କିସ୍ତି ଅନୁସାରେ ପାଇବେ ଅର୍ଥ। ନାମଲେଖା ପରେ ପ୍ରଥମ କିସ୍ତିରେ ମିଳିବ ୧୦ ପ୍ରତିଶତ ଅର୍ଥ। ସରକାରୀ ଏବଂ ସରକାରୀ ଅନୁଦାନ ପ୍ରାପ୍ତ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଫି ଦେବାକୁ ପଡିବ ନାହିଁ। ସରକାରୀ ବିଶ୍ୱବିଦ୍ୟାଳୟ, ବେସରକାରୀ ଅନୁଦାନ ୪୮୮ ଓ ୬୬୨ ବର୍ଗ ମହାବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ, ବେସରକାରୀ ଅନୁଦାନପ୍ରାପ୍ତ ସଂସ୍କୃତି ମହାବିଦ୍ୟାଳୟ ଯୋଜନାର ଅନ୍ତର୍ଭୁକ୍ତ ହେବେ। ମାଗଣା ଶିକ୍ଷାର ଅନ୍ତର୍ଭୁକ୍ତ ପାଇଁ ଜାରି ହୋଇଛି ସର୍ତ୍ତାବଳୀ। ଶ୍ରେଣୀ ଗୃହରେ ସର୍ବନିମ୍ନ ୭୫ ପ୍ରତିଶତ ଉପସ୍ଥାନ। କୋହଳ ହେବା ପରେ ମଧ ସର୍ବନିମ୍ନ ଉପସ୍ଥାନ କୌଣସି ପରିସ୍ଥିତିରେ ୬୫ ପ୍ରତିଶତରୁ କମ୍ ହେବ ନାହିଁ। କେବଳ ଛାତ୍ରଛାତ୍ରୀ, ଏକାଡେମିକ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ ମାଧ୍ୟମରେ ଯୋଗ୍ୟ ଶିକ୍ଷାନୁଷ୍ଠାନରେ ନିୟମିତ ସ୍ନାତକ ବା ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଇଥିବେ। ଜ୍ଞାନୋଦୟ ଯୋଜନା ଅନ୍ତର୍ଭୁକ୍ତ ନିୟମିତ ପାଠ୍ୟକ୍ରମଗୁଡ଼ିକର ଫି' ପରିବର୍ତ୍ତନ ବା ସଂଶୋଧନ କରିପାରିବେ ନାହିଁ। ଜରୁରୀ ପରିସ୍ଥିତିରେ ଶିକ୍ଷାନୁଷ୍ଠାନ ଫି' ନିୟନ୍ତ୍ରଣ କମିଟିକୁ ସଂଶୋଧନ ପାଇଁ ପ୍ରସ୍ତାବ ଦେଇପାରିବେ । ପରୀକ୍ଷା ଶୁଳ୍କ ଯୋଜନା ଅନ୍ତର୍ଭୁକ୍ତ ହେବନାହିଁ। ହଷ୍ଟେଲ୍ ଫି' ମଧ ପିଲାଙ୍କୁ ଦେବାକୁ ପଡ଼ିବ। କଲେଜଗୁଡିକୁ ପ୍ରତି ଶିକ୍ଷାବର୍ଷରେ କିସ୍ତି ଅନୁସାରେ ମିଳିବ ପଇସା। ନାମଲେଖା ପରେ ପ୍ରଥମ କିସ୍ତିରେ ୧୦%, ଦ୍ୱିତୀୟରେ ୧୫% ଏବଂ ପରେ ୨୫% ହିସାବରେ ଅର୍ଥ ଦିଆଯିବ।

## ମେଡିସିନ ଷ୍ଟୋର ଆଗରେ ଲାଗିବ ରେଟ୍ ଚାର୍ଟ

ଭୁବନେଶ୍ୱର,୧୪ ।୭(ନିପ୍ର): ଏଣିକି ରାଜ୍ୟର ସବୁ ମେଡିସିନ ଷ୍ଟୋର ଆଗରେ ରେଟ୍ ଚାର୍ଟ ଲାଗିବ । ସାରା ଓଡ଼ିଶା ପାଇଁ ଗୋଟିଏ ମେଡିସିନ ଦର ରହିବ ବୋଲି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ସେ କହିଛନ୍ତି କେନ୍ଦ୍ର ୩୯ଟି ମେଡିସିନ ଦର ଧାର୍ଯ୍ୟ କରିବା ପରେ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ରକ୍ତଚାପ, ମଧୁ ମେହ, ହୃଦ୍‌ରୋଗ ଭଳି ୩୯ ଟି ଔଷଧର ଦର ଧାର୍ଯ୍ୟ ହୋଇଛି। କେନ୍ଦ୍ର ରସାୟନ ମନ୍ତ୍ରାଳୟ ଜାରି କରିଥିବା ତାଲିକା ସବୁ ଷ୍ଟୋରରେ ଲଗାଯିବ।

## ସ୍କୁଲ ପାଠ୍ୟପୁସ୍ତକରେ ତ୍ରୁଟି ମାମଲା

# ଜେଲ୍ ଗଲେ ମନୋଜ ପାଢ଼ୀ

କଟକ/ଭୁବନେଶ୍ୱର,୧୪ ।୭ (ନିପ୍ର): ସ୍କୁଲ ପାଠ୍ୟପୁସ୍ତକରେ ତ୍ରୁଟି ମାମଲାରେ ଅଟକ ଥିବା ଏସସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢ଼ୀ ଗିରଫ ହୋଇଛନ୍ତି। ଗିରଫଦାରି ପରେ ତାଙ୍କ ଜାମିନ ଆବେଦନ ସ୍ଥାନୀୟ ଜେଏମଏଫସିରେ



ଖାରଜ ପରେ ୧୪ଦିନିଆ ବିଚାର ବିଭାଗୀୟ ହାଜତକୁ ତାଙ୍କୁ ପଠାଇ ଦିଆଯାଇଛି। ମନୋଜ ପାଢ଼ୀ ଏସସିଇଆରଟି ନିର୍ଦ୍ଦେଶକ ଥିବା ସମୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ପ୍ରସ୍ତୁତ ଓ ମୁଦ୍ରଣ କରାଯାଇଥିଲା। ତେଣୁ ବହିରେ ହଜାର ହଜାର ଭାଷାଗତ ଓ ତଥ୍ୟଗତ ତ୍ରୁଟି କିପରି ରହିଗଲା, ଏହା ପଛରେ କାହାର ଅବହେଳା କିମ୍ବା ଷଡ଼ଯନ୍ତ୍ର ଥିଲା କି ନାହିଁ, ସେ ନେଇ ତଦନ୍ତ ଚାଲିଛି। ପାଠ୍ୟପୁସ୍ତକ ତ୍ରୁଟି ମାମଲାରେ ୬ ଜଣଙ୍କ ନାଁରେ କ୍ରାଇମବ୍ରାଞ୍ଚରେ ଏତଲା ଦିଆଯାଇଥିଲା । ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢୀଙ୍କ ସହ ଆଉ ୫ ଜଣଙ୍କ ନାଁରେ ଏତଲା ଦିଆଯାଇଥିଲା । କ୍ରାଇମବ୍ରାଞ୍ଚରେ ଏତଲା ପରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା କ୍ରାଇମବ୍ରାଞ୍ଚର ତଦନ୍ତକାରୀ ଟିମ୍ । ଡ଼ିଏସପି ନରେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ତଦନ୍ତକାରୀ ଟିମ୍ ଗଠନ ହୋଇଥିବା ବେଳେ ବିଭିନ୍ନ ଦିଗ ନେଇ ତନାଘନା ଚଳାଇଥିଲା ଟିମ୍। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ କାହିଁକି ତ୍ରୁଟି ହେଲା ? କିପରି ହେଲା ? କିଏ କଲା ? ଏହା ପଛର କାରଣ କ'ଣ ? ସେସବୁକୁ ନେଇ ତନାଘନା ଆରମ୍ଭ କରିଛି କ୍ରାଇମବ୍ରାଞ୍ଚ । ଏସସିଇଆରଟି ପକ୍ଷରୁ ପୂରା ପ୍ରକ୍ରିୟାରେ ରହିଥିବା ବହୁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ମଧ୍ୟ କ୍ରାଇମବ୍ରାଞ୍ଚକୁ ଦିଆଯାଇଛି। ପାଠ୍ୟପୁସ୍ତକ ପ୍ରସ୍ତୁତି, ବିଷୟବସ୍ତୁ ଚୟନ, ଅନୁମୋଦନ, ମୁଦ୍ରଣ, ପ୍ରକାଶନ ପର୍ଯ୍ୟନ୍ତ ସମଗ୍ର ପ୍ରକ୍ରିୟାର ପ୍ରତ୍ୟେକ ପର୍ଯ୍ୟାୟକୁ ଯାଞ୍ଚ କରାଯିବ ବୋଲି କ୍ରାଇମବ୍ରାଞ୍ଚ ସୂଚନା ଦେଇଛି ।

## ଦେବ୍ରିଗଡ଼କୁ ମିଳିପାରେ ଜାତୀୟ ଉଦ୍ୟାନ ମାନ୍ୟତା !

ସମ୍ବଲପୁର,୧୪ ।୭: ଓଡ଼ିଶାର ବନ୍ୟପ୍ରାଣୀ ସଂରକ୍ଷଣ ଓ ପର୍ଯ୍ୟଟନ କ୍ଷେତ୍ରରେ ଯୋଡ଼ି ହେବାକୁ ଯାଉଛି ଆଉ ଏକ ନୂଆ ସଫଳତା । ସମ୍ବଲପୁର ଜିଲ୍ଲାର ପ୍ରସିଦ୍ଧ ଦେବ୍ରିଗଡ଼ ଅଭୟାରଣ୍ୟକୁ ଖୁବଶୀଘ୍ର ଜାତୀୟ ଉଦ୍ୟାନ ବା ନ୍ୟାସନାଲ ପାର୍କର ମାନ୍ୟତା ମିଳିପାରେ । ଏନେଇ ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି । ଯଦି ସବୁକିଛି ଠିକ୍ ରହେ, ତେବେ ଶିମିଳିପାଳ ଓ ଭିତରକନିକା ପରେ ଦେବ୍ରିଗଡ଼ ରାଜ୍ୟର ତୃତୀୟ ଜାତୀୟ ଉଦ୍ୟାନ ଭାବେ ପରିଗଣିତ ହେବ । ମନ୍ତ୍ରୀଙ୍କ କହିବା ଅନୁଯାୟୀ, ଦେବ୍ରିଗଡ଼କୁ ଏହି ମାନ୍ୟତା ପ୍ରଦାନ କରିବା ପାଇଁ ଆବଶ୍ୟକ ଥିବା ସମସ୍ତ ବୈଷୟିକ ପ୍ରକ୍ରିୟା ବା ଟେକନିକାଲ ଫର୍ମାଲିଟିଜ୍ ଶେଷ ହୋଇଛି । ଏହି ସମ୍ପର୍କିତ ଏକ ପ୍ରସ୍ତାବ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଯାଇ ସାରିଛି।

# ୨୬ ବର୍ଷ ପରେ ମୁକୁଳିବେ ଦାରା !

ଭୁବନେଶ୍ୱର, ୧୪ ।୭: ୨୬ ବର୍ଷ ପରେ କାରାଗାରରୁ ବାହାରିବେ ଦାରା ସିଂହ ଓରଫ ରବୀନ୍ଦ୍ର କୁମାର ପାଲ୍। ଅଗଷ୍ଟ ୧୫ ସୁଦ୍ଧା ତାଙ୍କୁ ଜେଲରୁ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ଯଦି ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶକୁ ଅମାନ୍ୟ କରାଯାଏ ତେବେ ୧୯ ତାରିଖରେ ପୁଣି ଶୁଣାଣି ହେବ । ସୂଚନା ଅନୁଯାୟୀ, ୨୦୨୬ ମସିହା ଜୁଲାଇ ୬ ତାରିଖରେ ଷ୍ଟେଟ ରିଭ୍ୟୁ ବୋର୍ଡରେ କଏଦୀଙ୍କୁ ଛାଡ଼ିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଏହାକୁ ନେଇ ଦାରା ସେନା ପକ୍ଷରୁ ସୁପ୍ରିମକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା । ଦାରା ସେନା ପକ୍ଷରୁ ପକ୍ଷ ରଖିଥିଲେ ଆଇନଜୀବୀ ଏପି ସିଂହ । ସମସ୍ତ ପକ୍ଷକୁ ବିଚାରକୁ ନେଇ ସୁପ୍ରିମକୋର୍ଟ ଦାରା ସିଂହ ଓରଫ ରବୀନ୍ଦ୍ର କୁମାର ପାଲଙ୍କୁ ଅଗଷ୍ଟ ୧୫ ତାରିଖ ସୁଦ୍ଧା ଖଲାସ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।ଏକ ସୂତ୍ରରୁ ପ୍ରକାଶ ଯେ ଏହି ମାମଲାରେ କିଛି ବୈଷୟିକ ଦିଗ ରହିଥିବାରୁ ସମସ୍ୟା ସୃଷ୍ଟି ହେଉଛି । ଯେହେତୁ ଦାରା ସିଂହ ଉତ୍ତର ପ୍ରଦେଶର ବାସିନ୍ଦା ତେଣୁ ଯାଞ୍ଚ ପାଇଁ ଅସୁବିଧା ରହିଛି । ଯଦି ଅଗଷ୍ଟ ୧୫ ସୁଦ୍ଧା ନ ଛାଡ଼ନ୍ତି, ତାହେଲେ ଅଗଷ୍ଟ ୧୯ରେ ପୁଣି ଶୁଣାଣି ହେବ ବୋଲି ସୁପ୍ରିମକୋର୍ଟଙ୍କ ପକ୍ଷରୁ ସୂଚନା ମିଳିଛି। ୧୯୯୯ ମସିହାରେ କେନ୍ଦୁଝର ଜିଲ୍ଲାର ମନୋହରପୁରରେ ଅଷ୍ଟ୍ରେଲୀୟ ମିଶନାରୀ ଗ୍ରାହାମ ଷ୍ଟେନ୍ସ ଏବଂ ତାଙ୍କର ଦୁଇ ନାବାଳକ ପୁଅଙ୍କୁ ଜୀବନ୍ତ ଜାଳିଦେବା ଘଟଣାରେ ସେ ଦୋଷୀ ସାବ୍ୟସ୍ତ ହୋଇଥିଲେ । ୨୬ ବର୍ଷ ହେଲା ଦାରା ସିଂହ ଜେଲରେ ସଜା କାଟୁଛନ୍ତି ।



# ମଧ୍ୟପ୍ରାଚ୍ୟ ପୁଣି ଅଶାନ୍ତ

## ହର୍ମୁଜରେ ୟୁଏଇ ତୈଳ ଟ୍ୟାଙ୍କର ଉପରେ ଆକ୍ରମଣ

## ଜଣେ ଭାରତୀୟ କ୍ରୁ ସଦସ୍ୟଙ୍କ ମୃତ୍ୟୁ

## ୨୦% ଶୁଳ୍କ ବଦଳାଇବାକୁ ଟ୍ରମ୍ପଙ୍କ ନିଷ୍ପତ୍ତି



ତେହରାନ,୧୪ ।୭: ଆମେରିକା-ଇରାନ ମଧ୍ୟରେ ଚାଲିଥିବା ସାମରିକ ଉତ୍ତେଜନା ଏବେ ସମଗ୍ର ମଧ୍ୟପ୍ରାଚ୍ୟକୁ ଜଟିଳ ସ୍ଥିତି ଭିତରକୁ ଠେଲି ଦେଇଛି। ଏହାରି ମଧ୍ୟରେ ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ) ଦାବି କରିଛି ଯେ ହର୍ମୁଜ ପ୍ରଣାଳୀ ନିକଟରେ ଏହାର ଦୁଇଟି ତୈଳ ଟ୍ୟାଙ୍କର୍ ଯଥା: ମୋମ୍ବାସା ଏବଂ ଅଲ୍ ବାହିଆ ଉପରେ କ୍ରୁଜ ମିଶାଇଲ ଆକ୍ରମଣ କରାଯାଇଥିଲା। ଏହି ଆକ୍ରମଣରେ ଜଣେ ଭାରତୀୟ କ୍ରୁ ସଦସ୍ୟଙ୍କ ମୃତ୍ୟୁ ହୋଇଥିଲା ଏବଂ ଅନ୍ୟ ଆଠ ଜଣ ଆହତ ହୋଇଥିଲେ। ଏହାକୁ ଅନ୍ତର୍ଜାତୀୟ ଆଇନର ଏକ ଗମ୍ଭୀର ଉଲ୍ଲଂଘନ ବୋଲି ଦର୍ଶାଇ ୟୁଏଇ ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଚେତାବନୀ ଦେଇଛି ।ଏକ ବିବୃତିରେ, ୟୁଏଇ ପ୍ରତିରକ୍ଷା ମନ୍ତ୍ରଣାଳୟ ଏହାର ଦୁଇଟି ତୈଳ ଟ୍ୟାଙ୍କର୍ ଉପରେ ଆକ୍ରମଣକୁ 'ନିର୍ଲଜ ଆକ୍ରମଣ' ଏବଂ ଅନ୍ତର୍ଜାତୀୟ ଆଇନର ଏକ ଖୋଲା ଉଲ୍ଲଂଘନ ବୋଲି ବର୍ଣ୍ଣନା କରିଛି। ରାଷ୍ଟ୍ରପତି ଟ୍ରମ୍ପ ମଙ୍ଗଳବାର କହିଛନ୍ତି ଯେ ସେ ହର୍ମୁଜ୍ ପ୍ରଣାଳୀ ଦେଇ ମାଲ ପରିବହନ ଉପରେ ୨୦% ଶୁଳ୍କ 'ବଦଳାଇବାକୁ ନିଷ୍ପତ୍ତି ନେଇଛନ୍ତି'। ଯାହା ସେ ଗୋଟିଏ ଦିନ ପୂର୍ବରୁ ଘୋଷଣା କରିଥିଲେ। ଉପସାଗରୀୟ ରାଷ୍ଟ୍ରଗୁଡ଼ିକରୁ ବାଣିଜ୍ୟ ଏବଂ ନିବେଶ ଚୁକ୍ତି ସହିତ ବଦଳାଇବାକୁ ନିଷ୍ପତ୍ତି ନେଇଛନ୍ତି। ଅବରୋଧ ଉପରେ ସ୍ଥିତି ପୁନଃସ୍ଥାପନ କରି ଟ୍ରମ୍ପ କହିଛନ୍ତି ଯେ ଏହି ପ୍ରଣାଳୀ 'ଇରାନ ବ୍ୟତୀତ' ସମସ୍ତ ଯାତାୟାତ ପାଇଁ ଖୋଲା ଅଛି।

# ୨୪ ଘଣ୍ଟାରେ ଲଘୁଚାପ !

## ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା

ଭୁବନେଶ୍ୱର,୧୪ ।୭: ଆସନ୍ତା ୪ ଦିନ ପର୍ଯ୍ୟନ୍ତ ସାରା ରାଜ୍ୟରେ ଭୀଷଣ ବର୍ଷା ସମ୍ଭାବନା ରହିଛି । ତୁହାକୁ ତୁହା ବର୍ଷା ସହିତ କେତେକ ସ୍ଥାନରେ ଘନଘନ ବିଜୁଳି ଓ ଘଡ଼ଘଡ଼ି ହୋଇପାରେ । ରଥଯାତ୍ରା ପୂର୍ବରୁ ପାଣିପାଗରେ ପରିବର୍ତ୍ତନ ଆସିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କତା ଜାରି କରାଯାଇଛି । ଆସନ୍ତା ୨୪ ଘଣ୍ଟାରେ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବା ସହ ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଭୀଷଣ ବର୍ଷା ପାଇଁ ରେଡ୍ ଆଲର୍ଟ ଜାରି କରିଛି ପାଣିପାଗ ବିଜ୍ଞାନ କେନ୍ଦ୍ର । ବର୍ତ୍ତମାନ ଉତ୍ତର ବଙ୍ଗୋପସାଗର ଓ ଏହା ସଂଲଗ୍ନ ଦକ୍ଷିଣ ବାଂଲାଦେଶ ପାଖରେ ଉପର ବାୟୁ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ସମୁଦ୍ର ପତ୍ତନଠାରୁ ୭.୬ ମିଟର ଉଚ୍ଚତାରେ ରହିଥିବା ବେଳେ ଉତ୍ତର ପଶ୍ଚିମକୁ ଢଳି ରହିଛି । ଆଗାମୀ ୪ ଦିନ ଯାଏଁ ପ୍ରବଳରୁ ଅତି ପ୍ରବଳ ଏବଂ ଅତ୍ୟଧିକ ପ୍ରବଳ ବର୍ଷା ହୋଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ମଙ୍ଗଳବାର ସକାଳ ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ,ଭଦ୍ରକ ଜିଲ୍ଲାରେ ମଧ୍ୟମରୁ ପ୍ରବଳ ବର୍ଷା ରେକର୍ଡ ହୋଇଛି। ଚାନ୍ଦବାଲିରେ ସର୍ବାଧିକ ୬୭.୨ ମି.ମି. ବର୍ଷା ହୋଇଥିବା ବେଳେ ଧାମନଗରରେ ୪୯ ମି.ମି., ବନ୍ତରେ ୪୪ ମି.ମି., ତିହିଡ଼ିରେ ୪୨ ମି.ମି., ଭଣ୍ଡାରିପୋଖରୀ ରେ ୩୦ ମି.ମି. ଏବଂ ବାସୁଦେବପୁରରେ ୨୯ ମି.ମି. ବର୍ଷା ରେକର୍ଡ କରାଯାଇଛି।

CMYK

# ଶ୍ରୀଗୁଣ୍ଡିଚା



*ବିଶ୍ୱପ୍ରସିଦ୍ଧ ଶ୍ରୀଜଗନ୍ନାଥ ରଥଯାତ୍ରାର ଅନ୍ୟତମ ପ୍ରମୁଖ ପର୍ବ ହେଉଛି ଶ୍ରୀଗୁଣ୍ଡିଚା ଯାତ୍ରା। ଏହି ପବିତ୍ର ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ଶ୍ରୀବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରା ନିଜ ଭକ୍ତମାନଙ୍କୁ ଦର୍ଶନ ଦେବା ପାଇଁ ଶ୍ରୀମନ୍ଦିରରୁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ବିଜେ କରନ୍ତି। ଏହି ଦିବ୍ୟ ଯାତ୍ରା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ବରଂ ଶତାବ୍ଦୀ ପୁରୁଣା ପରମ୍ପରା, ସେବାପଦ୍ଧତି, ଆଧ୍ୟାତ୍ମିକ ଭାବନା ଓ ଓଡ଼ିଆ ସଂସ୍କୃତିର ଅନନ୍ୟ ପ୍ରତୀକ।*

ଶ୍ରୀଗୁଣ୍ଡିଚାର ଠିକ ପୂର୍ବ ଦିନ ଶ୍ରୀମନ୍ଦିର ସଦର କାର୍ଯ୍ୟାଳୟ ସମ୍ମୁଖସ୍ଥ ରଥଖଳାଠାରେ ଥିବା ତିନିରଥ ସୁସଜ୍ଜିତ ପୂର୍ବକ ଶ୍ରୀବିଗ୍ରହମାନଙ୍କ ଆଜ୍ଞାମାଳ ଆସି ଲାଗି ହେବା ପରେ ରଥଗୁଡ଼ିକ ଅପରାହ୍ନରେ ଟଣା ହୋଇ ସିଂହଦ୍ୱାରଠାରେ ରଖାଯାଇଥାଏ। ଉଲ୍ଲେଖଯୋଗ୍ୟ ଯେ, ରଥଖଳାର ପରମ୍ପରା ଅନୁଯାୟୀ ପ୍ରଥମେ ଜଗନ୍ନାଥ, ସୁଭଦ୍ରା ଓ ଶେଷରେ ବଳଭଦ୍ରଙ୍କ ରଥ ଟଣା ହୋଇଥାଏ। ନେତ୍ରୋତ୍ସବ ଦିନ ବିଳମ୍ବିତ ରାତ୍ରରେ ଅଣସର ପିଣ୍ଡିରେ ବିରାଜମାନ କରିଥିବା ଶ୍ରୀବିଗ୍ରହମାନଙ୍କ କେତେକ ଗୁପ୍ତ ନୀତି ଯଥା ବାହୁଟକଣ୍ଠ, ସେନାପଟା, ଶୁକ୍ଳ ସଜ ଲାଗି ଇତ୍ୟାଦି କାର୍ଯ୍ୟ ଶେଷ ହୋଇଥାଏ। ଶ୍ରୀଗୁଣ୍ଡିଚା ଦିନ ପ୍ରତ୍ୟୁଷରୁ ଠାକୁରମାନଙ୍କର ମଙ୍ଗଳ ଆଳତି, ମଇଲମ, ଅବକାଶ, ରୋଷ ହୋମ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ବେଶ ଇତ୍ୟାଦି ନୀତି ଉକ୍ତ ଦିନର ପାଳିଆ ସେବକମାନଙ୍କଦ୍ୱାରା ସମାପିତ ହୋଇଥାଏ। ଏହାପରେ ଏକାଠି ଗୋପାଳବଲ୍ଲଭ ଓ ସକାଳ ଧୂପ ( ଖେଚେଡ଼ି ଭୋଗ) ପୂଜା ଅନୁଷ୍ଠିତ ହୋଇଥାଏ। ଅପରପକ୍ଷରେ ଶ୍ରୀମନ୍ଦିର ପୁରୋହିତ ଓ ଅନ୍ୟାନ୍ୟ ଶୋତ୍ରୀୟ ବ୍ରାହ୍ମଣମାନଙ୍କଦ୍ୱାରା ରଥ ପ୍ରତିଷ୍ଠା କାର୍ଯ୍ୟ ହୋଇଥାଏ। ତପରେ ଠାକୁରମାନଙ୍କ ମନମୁଗ୍ଧକର ପହଣ୍ଡି ନୀତି ଅନୁଷ୍ଠିତ ହେବା ପୂର୍ବରୁ ବିଜେ କାହାଳି ବାଜି ମଙ୍ଗଳାପର୍ଣ ନୀତି ବଢ଼ିଥାଏ। ପହଣ୍ଡି ସମୟରେ ପ୍ରଥମେ ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର, ଶ୍ରୀସୁଭଦ୍ରା ଓ ଶ୍ରୀଜଗନ୍ନାଥ ଧାଡି ପହଣ୍ଡିରେ ବିଜେ ହୋଇଥାନ୍ତି। ଜଗମୋହନଠାରେ ଘଣ୍ଟ, ପଖଉଜ ଇତ୍ୟାଦି ବାଦ୍ୟ ବାଜିଥାଏ। ବିଭିନ୍ନ ମଠର ମଠାଧୀଶ, ବ୍ୟକ୍ତିବିଶେଷମାନେ ଚାମର, ଆଲଟ ସେବା କରିବା ସହିତ କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ପନ୍ତି ଭୋଗ ହୋଇଥାଏ। ପହଣ୍ଡି ଦେଖିବା ନିମନ୍ତେ ମନ୍ଦିର ପ୍ରଶାସନ ପକ୍ଷରୁ ପହଣ୍ଡି ଦର୍ଶନ ଟିକେଟ ବିକ୍ରୟ କରାଯାଇ ଦର୍ଶନାର୍ଥୀମାନଙ୍କୁ ମନ୍ଦିର ପରିସରକୁ ଆସିବା ନିମନ୍ତେ ଅନୁମତି ପ୍ରଦାନ କରାଯାଇଥାଏ। ଠାକୁରମାନେ ଜଗମୋହନର ସାତ ପାହଚ ଉପରେ ପହଞ୍ଚିବା କ୍ଷଣି ରାଘବ ଦାସ ମଠ ପ୍ରଦତ୍ତ ଟାହିୟା' ଶ୍ରୀମସ୍ତକରେ ଲଗାଯାଇଥାଏ। ପହଣ୍ଡି ସମୟରେ ବେହେରା ଖୁଣ୍ଟିଆ ମଣିମା ଡ଼ାକ ଦେଇଥାନ୍ତି। ସମଗ୍ର ବଡ଼ ଦେଉଳ ଓ ସିଂହଦ୍ୱାର ଅଞ୍ଚଳ ହୁଳହୁଳି, ହରିବୋଲ, ଜୟ ଜଗନ୍ନାଥ ଓ ଦେବ ଧ୍ୱନି ଶବ୍ଦରେ ପ୍ରକମ୍ପିତ ହୋଇଥାଏ। ଶ୍ରୀବିଗ୍ରହମାନେ ରଥାରୂଢ଼ ହେବାପରେ ପୁଷ୍ପାଳକ ମହାଜନମାନେ ଶ୍ରୀମଦନମୋହନଙ୍କୁ ନନ୍ଦିଘୋଷ ରଥରେ ଏବଂ ରାମ, କୃଷ୍ଣ ବିଗ୍ରହଙ୍କୁ ତାଳଧ୍ୱଜ ରଥ ଉପରେ ଅଧିଷ୍ଠିତ କରାଇଥାନ୍ତି। ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିରର ଘସା (ତେଲିଙ୍ଗି) ଓ କାହାଳି ବାଦ୍ୟ ସହ ବଣିଆ ସେବକମାନଙ୍କଠାରୁ ସୋଲ ଚିତା ତିନୋଟି ଅଣାଯାଇ ସିଂହଦ୍ୱାର ସଂଲଗ୍ନ ଛାଉଣୀ ମଠରେ ରଖାଯାଇଥାଏ। ରଥ ଉପରେ ରୁନ୍ଧା, ଫୁଲମାଳ, ବେଶ, ଶୋଲ ଚିତା ଲାଗି ଇତ୍ୟାଦି ନୀତି ବଢ଼ିବା ସଙ୍ଗେ ସଙ୍ଗେ ଗୋବର୍ଦ୍ଧନ ପୀଠର ଜଗଦଗୁରୁ ଶଙ୍କରାଚାର୍ଯ୍ୟ ତିନି ରଥ ଉପରେ ଶ୍ରୀବିଗ୍ରହମାନଙ୍କୁ ଦର୍ଶନ କରିଥାନ୍ତି। ଏହା ପରେ ପାରମ୍ପରିକ ନୀତିରେ ଗଜପତି ମହାରାଜାଙ୍କଦ୍ୱାରା ଛେରାପହଁରା ନୀତି ସମାହିତ ହୋଇଥାଏ। ଏଥି ପୂର୍ବରୁ ଶ୍ରୀବିଗ୍ରହମାନଙ୍କ ନୀତି ପାଇଁ ଆବଶ୍ୟକ ଥିବା ଦୈନନ୍ଦିନ ସାଜ ବସ୍ତ୍ର ଓ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଥିବା ସିନ୍ଦୁକକୁ କୋଠ ସୁଆଁସିଆ ସେବକମାନେ ରଥ ଉପରେ ଆଣି ରଖିଥାନ୍ତି। ଛେରା ପହଁରା ନୀତି ଶେଷ ହେବା ପରେ ରଥରେ ସାରଥୀଙ୍କୁ ଅଧିଷ୍ଠିତ କରାଯାଏ। ରଥରୁ ଚାରମାଳ ଖୋଲାଯିବା ପରେ ଘୋଡ଼ା ବନ୍ଧାଯାଏ। ଏହି କାର୍ଯ୍ୟକ୍ରମ ସରିବା ପରେ ରଥରେ ଦଉଡ଼ି ଲଗାଯାଇ ରଥଟଣା ହୋଇଥାଏ।





# ରଥ ଭୋଗ



ଶ୍ରୀବିଗ୍ରହମାନେ ରଥ ଉପରେ ଅବସ୍ଥାନ କରୁଥିବା ସମୟରେ ଅନ୍ନ ଭୋଗ ନ ହୋଇ କେବଳ ଶୁଖିଲା ଭୋଗ ହୋଇଥାଏ। ଗୋପାଳବଲ୍ଲଭଠାରୁ ଆରମ୍ଭ କରି ସମସ୍ତ ଧୂପ, ମଧ୍ୟାହ୍ନ ଧୂପ, ସନ୍ଧ୍ୟା ଧୂପ ଓ ବଡ଼ ସିଂହାର ଧୂପରେ ମୂଖ୍ୟତଃ ବଲ୍ଲଭ ଖଇ, କୋରା, ଶର୍କରା ଜାତୀୟ ଦ୍ରବ୍ୟ ଭୋଗ ହୁଏ । ସ୍ୱତନ୍ତ୍ର ଆକାରର ରଥ କୋରା ଶ୍ରୀମନ୍ଦିରରେ ନିର୍ମିତ ହୋଇ ବଡ଼ଦାଣ୍ଡରେ ରଥ ଯେଉଁ ସ୍ଥାନରେ ରହି ନୀତି ଆରମ୍ଭ ହୋଇଥାଏ, ସେଠାରେ ଏହି ଭୋଗ କରାଯାଏ। ମହାସୁଆରମାନେ ଭୋଗ ଆଣି ରଥ ଉପରେ ପନ୍ତିରେ ବାଢ଼ନ୍ତି । ପୂଜାପଣ୍ଡାମାନେ ପଞ୍ଚୋପଚାରରେ ଏହି ଧୂପ ପୂଜାଗୁଡ଼ିକୁ ସମାପନ କରିଥାନ୍ତି । ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ଉଲ୍ଲେଖ ଅଛି ଯେ, ରଥ ଉପରେ ପୂର୍ବରୁ ହେଉଥିବା ଭୋଗଗୁଡ଼ିକ ମଧ୍ୟରେ ବଡ଼ ସାନ ମନୋହର- ୧୬ ମୂର୍ତ୍ତି, ପଶୁପାଳନ କାକର - ୯ ମୂର୍ତ୍ତି, ତାଟ ବାବଦ ନାଡି- ୮ ମୂର୍ତ୍ତି, ଗଜା ବଡ଼ ସାନ - ୪ ମୂର୍ତ୍ତି, ଟାକୁଆ - ୨ ମୂର୍ତ୍ତି, ଫେଣି- ୧ ମୂର୍ତ୍ତି, କକରା - ୧୨ ମୂର୍ତ୍ତି,ଡାଲିମ୍ବ- ୩୦ ମୂର୍ତ୍ତି, ଟାକୁଆ ସାନ ସରା- ୪ ମୂର୍ତ୍ତି, ଗଜା- ୧୫ ମୂର୍ତ୍ତି, ସୁଆର ନଡୁ- ୧୪ ମୂର୍ତ୍ତି ଓ କାକରା - ୫ ମୂର୍ତ୍ତି ଅନ୍ତର୍ଭୁକ୍ତ । ଏତଦ୍ ବ୍ୟତୀତ ଶ୍ରୀଗୁଣ୍ଡିଚା ଦିନ ରଥ ଉପରେ ଘଣ୍ଟ ଛତା ଅଧିକ ଭୋଗ ମଧ୍ୟରେ କୋରା - ୭୪ ମୂର୍ତ୍ତି, ଖଇ- ୨୧ ଓଳି, ବଡ଼ କାକରା- ୪୮ ମୂର୍ତ୍ତି, ଉଠା କାକର -୨୬ ମୂର୍ତ୍ତି, ମହା ପ୍ରଶସ୍ତ ମନହର - ୮ ମୂର୍ତ୍ତି, ବଡ଼ ଅମାଲୁ- ୩୦ମୂର୍ତ୍ତି, ସାନ ଅମାଲୁ- ୬୧ ମୂର୍ତ୍ତି, , ଝଡେଇ ନେଦା - ୧ ତାଡ଼, ମାଣ୍ଡୁଅ - ୨୭ ମୂର୍ତ୍ତି, ଟାକୁଆ - ୨୨ ମୂର୍ତ୍ତି, ଟାକୁଆ ବଡ଼ସେରା - ୪ ମୂର୍ତ୍ତି, ରଥ ମନହର- ୨୬ ମୂର୍ତ୍ତି, ମରିଚ ନଡ୍ଡୁ-୧୦୪ ମୂର୍ତ୍ତି ଉଲ୍ଲେଖ ଥିବା ଜଣାଯାଏ। ଅନେକ ବର୍ଷ ପୂର୍ବରୁ ଏପରିକି ସ୍ୱତ୍ୱଲିପି ପ୍ରଣୀତ ହେବା ଆଗରୁ ଉପରୋକ୍ତ ବର୍ଣ୍ଣିତ ଭୋଗ ଦ୍ରବ୍ୟ ରଥ ଉପରେ ଭୋଗ ହେଉନାହିଁ। ସମ୍ପ୍ରତି ପରମ୍ପରା ଅନୁଯାୟୀ ବିଭିନ୍ନ ପ୍ରକାରର ଓ ଧାର୍ଯ୍ୟ ପରିମାଣର ରଥ କୋରା, ବଲ୍ଲଭ ଖଇ, ଗଜାମୁଗ, ପାତି ନଡିଆ, ବିଭିନ୍ନ ଫଳ, ଶଙ୍ଖାକୃତି ଶାକର ଇତ୍ୟାଦି ଭୋଗ ରଥରେ ଠାକୁରଙ୍କ ଉଦ୍ଦେଶ୍ୟରେ ନୈବେଦ୍ୟ ହେଉଛି।



# ସନ୍ତୁଷ୍ଟି ସ୍ୱୟଂକୁ ମୁକ୍ତ କରିଦେଇଥାଏ

ସନ୍ତୁଷ୍ଟି ଜୀବନର ସେହି ଆନ୍ତରିକ ଅବସ୍ଥା ଅଟେ,ଯେଉଁଠି ମନୁଷ୍ୟ ପ୍ରାପ୍ତ ଆଉ ଅପ୍ରାପ୍ତର ଦ୍ୱନ୍ଦ୍ୱର ଉପରକୁ ଉଠିକରି ଆତ୍ମିକ ଶାନ୍ତି ଅନୁଭବ କରିଥାଏ । ଏହା ଆତ୍ମାର ସେହି ତୃପ୍ତି ଅଟେ, ଯାହା ବ୍ୟକ୍ତିକୁ ପରିସ୍ଥିତି ପରେ ସ୍ଥିରତା ଆଉ ଆନନ୍ଦର ଅନୁଭବ କରାଇ ଥାଏ । ଯେତେବେଳେ ମନୁଷ୍ୟ ଜୀବନରେ ସନ୍ତୋଷର ଉଦୟ ହୋଇଥାଏ ଆଉ ସେହି ସନ୍ତୋଷ ତାକୁ କଠିନରୁ କଠିନ ପରିସ୍ଥିତିରେ ମଧ୍ୟ ଧୈର୍ଯ୍ୟ ଆଉ ସାହସ ପ୍ରଦାନ କରିଥାଏ । ଜୀବନ ଗୋଟିଏ ନିରନ୍ତର ପ୍ରବାହିତ ଯାତ୍ରା । ଏଥିରେ ବିଶ୍ରାମ ସମ୍ଭବ ଅଟେ କିନ୍ତୁ ସ୍ଥିରତା ନୁହେଁ । ଯେମିତି ଅଟକି ଥିବା ଜଳ ନିଜର ନିର୍ମଳତା ହରେଇ ଦିଏ,ସେମିତି ହିଁ ଉଦ୍ଦେଶ୍ୟହୀନ ଜୀବନ ମଧ୍ୟ ନିଜର ସଜୀବତା ହରେଇ ଦେଇଥାଏ । ସେଥିପାଇଁ ସନ୍ତୁଷ୍ଟିର ଅର୍ଥ ଜୀବନର ଗତିକୁ ଅଟକେଇ ଦେବା ନୁହେଁ,ଆଉ ବର୍ତ୍ତମାନକୁ ସ୍ୱୀକାର କରିକି ଭବିଷ୍ୟତ ଆଡକୁ ସକାରାତ୍ମକ ଭାବରେ ବଢି ଚାଲିବା ଶ୍ରେୟସ୍କର । ସନ୍ତୁଷ୍ଟ ଲୋକ କର୍ମରେ ବିମୁଖ ହୋଇ ନଥାଏ,ତଥା ଏହା ପରିଣାମର ଚିନ୍ତାରୁ ମୁକ୍ତ ହୋଇକରି ପୂରା ସମର୍ପଣର ସହିତ ନିଜର କର୍ତ୍ତବ୍ୟକୁ ନିର୍ବାହ କରିଥାଏ । ବାସ୍ତବିକ ସନ୍ତୁଷ୍ଟି ସେତେବେଳେ ଜନ୍ମ ନେଇଥାଏ ଯେତେ ବେଳେ ମନୁଷ୍ୟ ତୁଳନା,ଲାଳସା ଅଉ ଅନାବଶ୍ୟକ ଅପେକ୍ଷାରେ ସ୍ୱୟଂକୁ ମୁକ୍ତ କରିଦେଇ ଥାଏ । ଯେଉଁ ଉପଲବ୍ଧି ଅଛି,ତା'ର ପ୍ରତି କୃତଜ୍ଞ ହେବା ଆଉ ଯାହା ଏବେ ପ୍ରାପ୍ତ ହୋଇ ନାହିଁ,ତା'ର ପାଇଁ ପୁରୁଷାର୍ଥ କରିବା,ଏହା ସନ୍ତୁଳିତ ଜୀବନର ଆଧାର ଅଟେ । ଅନ୍ୟଙ୍କଠାରେ ନିଜର ତୁଳନା କରିବାବାଲା ବ୍ୟକ୍ତି କେବେ ସନ୍ତୁଷ୍ଟ ହୋଇ ନଥାଏ । କାହିଁକି ଇଚ୍ଛାର ଅନ୍ତ ନ ଥାଏ । ଏହାର ବିପରୀତ ଯିଏ ନିଜ ଭିତରେ 'ସ୍ୱ'କୁ ଚିହ୍ନି ଦେଇଥାଏ,ସେ ସୀମିତ ସାଧନରେ ମଧ୍ୟ ଅସୀମ ଆନନ୍ଦର ଅନୁଭବ କରିଥାଏ । ସନ୍ତୁଷ୍ଟିର ଅର୍ଥ ସ୍ୱପ୍ନକୁ ତ୍ୟାଗ ଆଉ ନିଷ୍କ୍ରିୟ ହେବା ନୁହେଁ,ଆଉ ଇଚ୍ଛା ଉପରେ ବିବେକପୂର୍ଣ୍ଣ ନିୟନ୍ତ୍ରଣ ରଖିକି ଜୀବନକୁ ସାର୍ଥକ ବନେଇବା । ଏହା ମନୁଷ୍ୟକୁ ପରୋପକାର,କରୁଣା ଆଉ କୃତଜ୍ଞତାର ଆଡକୁ ପ୍ରେରିତ କରିଥାଏ । ସନ୍ତୁଷ୍ଟ ବ୍ୟକ୍ତି ସ୍ୱୟଂ ମଧ୍ୟ ପ୍ରସନ୍ନ ରହିଥାଏ ଆଉ ନିଜର ବ୍ୟବହାରରେ ଅନ୍ୟମାନଙ୍କର ଜୀବନରେ ମଧ୍ୟ ଆଶାର ପ୍ରକାଶ ବିସ୍ତାର କରିଥାଏ । ଏହା ପ୍ରକୃତ ସୁଖ ଆଉ ପୂର୍ଣ୍ଣତାର ଆଧାର ଅଟେ । ***ମନୋଜ କୁମାର ବେହେରା, ମୋ- ୭୯୭୮୮୩୦୬୧୧***





# -କର୍ମଫଳ ଭୋଗିଲେ ମହାମୁନି-

ଏଇ ଭାରତ ଖଣ୍ଡରେ କୁଶାମ୍ବି ନାମକ ଏକ ଦେଶ ଥିଲା। ସେହି ଦେଶର ରାଜାଙ୍କ ନାମ ତବଲା ରୁଦ୍ରଦେବ। ସେହି ରାଜା ନ୍ୟାୟବାନ, ଧର୍ମଶୀଳ ଓ ପ୍ରଜାପାଳକ ଥିଲେ। ଥରେ ରାଜନଗର ମଧ୍ୟରେ ଦଶଜଣ ଚୋର ପଶି ବହୁ ମୂଲ୍ୟବାନ ଧନ ରତ୍ନ ଚୋରି କରି ନେଇଗଲେ। ରାଜାଙ୍କ ନଗର ରକ୍ଷକ ସିପାହୀମାନେ ଜାଣିପାରି ସେହି ଚୋରମାନଙ୍କ ପିଛା କଲେ। ସେହି ସିପାହୀମାନେ ଗୋଡ଼ାଉଛନ୍ତି ଜାଣିପାରି ଚୋରମାନେ ପ୍ରାଣ ବିକଳରେ ଦୌଡ଼ିବାକୁ ଲାଗିଲେ। ସେହି କୁଶାମ୍ବି ନଗରୀର ଅନତି ଦୂରରେ ମାଣ୍ଡବ୍ୟ ନାମକ ଜଣେ ମହାମୁନି ଆଶ୍ରୟ କରି ରହିଥିଲେ। ଋଷି ମାଣ୍ଡବ୍ୟ ଅତି ତେଜସ୍ୱୀ, ଜିତେନ୍ଦ୍ରୀୟ ଓ ଧର୍ମ ପରାୟଣ ଅଟନ୍ତି। ସେ ସର୍ବଦା ଧର୍ମ କାର୍ଯ୍ୟରେ ମନୋନିବେଶ କରି ରହୁଥିଲେ। ତାଙ୍କ ଆଶ୍ରମ ମଧ୍ୟରେ ନନ୍ଦନକାନନ ଶ୍ୟାମସୁନ୍ଦରଙ୍କର ମୂର୍ତ୍ତି ଅତି ଯତ୍ନର ସହିତ ପୂଜିତ ହେଉଥିଲେ। ଆଶ୍ରମ ସମ୍ମୁଖ ଭାଗରେ ଏକ ବିରାଟ ବୃକ୍ଷ ଥିଲା। ତାର ଛାୟା ଅତି ସୁଶୀତଳ ଥିବା ଓ ନିକାଞ୍ଚନ ହୋଇଥିବା ଯୋଗୁଁ ଋଷି ମାଣ୍ଡବ୍ୟ ସେହି ସ୍ଥାନକୁ ନିଜର ତପସାଧନାର ସ୍ଥଳୀ ରୂପେ ବାଛି ନେଇଥିଲେ। ସେ ମହାମୁନି ଅଧିକାଂଶ ସମୟ ମୌନବ୍ରତ ଅବଲମ୍ବନ କରି ଊର୍ଦ୍ଧ୍ୱକୁ ବାହୁ ରଖି ସମାଧିସ୍ଥ ହେଉଥିଲେ। ସେ ସମାଧିସ୍ଥ ହେବା ସମୟରେ ବାହ୍ୟ ଜଗତ ସମ୍ବନ୍ଧରେ କିଛି ଜାଣି ପାରୁ ନଥିଲେ। ତାଙ୍କର ପାର୍ଥିବ ଶରୀର ବାହ୍ୟ ଜଗତରେ ଥିଲେ ମଧ୍ୟ ମନ ଓ ହୃଦୟ ବ୍ରହ୍ମରେ ରହୁଥିଲା। ସେହି ମାଣ୍ଡବ୍ୟ ମହାମୁନି ଏହିପରି ସମାଧିସ୍ଥ ଥିବା ସମୟରେ ସେହି ଚୋରମାନେ ପ୍ରାଣ ବିକଳରେ ଆସି ଆଶ୍ରମ ପାଖରେ ଉପସ୍ଥିତ ହେଲେ। ସିପାହୀମାନେ ନିକଟସ୍ଥ ଜାଣିପାରି ଆଶ୍ରମ ମଧ୍ୟରେ ଧନ-ରତ୍ନ ରଖି ଆଶ୍ରମ ଚଉପାଶରେ ଋଷି ମାଣ୍ଡବ୍ୟଙ୍କ ପରି ଚକ୍ଷୁ ବନ୍ଦ କରି ଊର୍ଦ୍ଧ୍ୱ ବାହୁ ହୋଇ ବସି ରହିଲେ। ରାଜାଙ୍କ ସିପାହୀମାନେ ଆସି ଋଷି ମାଣ୍ଡବ୍ୟଙ୍କ ତପସ୍ୟା ସ୍ଥାନରେ ଉପସ୍ଥିତ ହେଲେ। ସିପାହୀମାନେ ସହଜରେ ମହାମୂର୍ଖ। କେବଳ ସେମାନେ ନଗର ଜଗିବା କାମରେ ଅଭ୍ୟସ୍ତ। ବିଦ୍ୟାବୁଦ୍ଧିରେ ସେମାନଙ୍କର କିଛି ନଥାଏ ।ଋଷିଙ୍କୁ ସେମାନେ ସମାଧିସ୍ଥ ବୋଲି ଜାଣିପାରିଲେ ନାହିଁ। ମନ ମଧ୍ୟରେ ଚିନ୍ତାକଲେ, ଏହି ଯେଉଁ ବୃଦ୍ଧ ଏଠାରେ ଉପରକୁ ବାହୁ ଟେକି ବସିଛନ୍ତି, ସେ ନିଶ୍ଚୟ ଚୋରମାନଙ୍କୁ ଦେଖିଥିବେ। ଏହିପରି ବିଚାର କରି ସେମାନେ ଋଷିଙ୍କୁ କହିଲେ ହେ ବୁଢ଼ା ବାବା, ଉଠ ଏହି ବାଟେ କେତେ ଜଣ ଲୋକ ଯିବା ଦେଖିଛ କି ?ସେମାନେ ଚୋର ଆମ୍ଭେ ତାଙ୍କୁ ଧରିନେବୁ। ତୁମ୍ଭେ କହି ଦେଲେ ରାଜାଙ୍କୁ କହି ତୁମ୍ଭଙ୍କୁ ପୁରସ୍କାର ଦିଆଇବୁ। ଉଠି କୁହା।' ଋଷି ତ ଧ୍ୟାନସ୍ଥ ଥିଲେ, କିଛି ଜାଣିପାରିଲେ ନାହିଁ। ତେଣୁ ସିପାହୀମାନେ ନିଜ ନିଜ ମଧ୍ୟରେ ବିଚାର କରି ଋଷିଙ୍କୁ ଟଣାଓଟରା କଲେ। ସେଥିରେ ଋଷିଙ୍କର ଧ୍ୟାନ ଭଗ୍ନ ନ ହେବାରୁ କହିଲେ, ' ଏ ମୌନୀ ବାବାର ଘରକୁ ତଲାସ କରି ଦେଖ। ଏଠାରେ ଧନରତ୍ନ ମିଳି ଯାଇପାରେ । ତଲାସିରେ ସମସ୍ତ ଧନରତ୍ନ ଦେଖି ଋଷିଙ୍କ ପାଖରେ ସେହି ଚୋରଙ୍କ ସହ ଋଷିଙ୍କୁ ରାଜାଙ୍କ ନିକଟକୁ ନେଲେ ।ରାଜା ବିଚାର କରି ତାଙ୍କୁ ଶୂଳି ଦଣ୍ଡର ଆଦେଶ ଦେଲେ। ଶୂଳିର ତୀକ୍ଷ୍ଣ ଧାର ଉପରେ ବସି ମଧ୍ୟ ମୁନିଙ୍କର ଧ୍ୟାନ ଭଗ୍ନ ହେଲା ନାହିଁ। ସେହିପରି ସ୍ଥିତ ମୌନ ହୋଇ ଦୁଇ ବାହୁ ଊର୍ଦ୍ଧ୍ୱକୁ ଟେକି ଶୂଳି ଉପରେ ରହି ବସିଥାନ୍ତି। ଅନ୍ୟ ଚୋରମାନେ ସଂଗେ ସଂଗେ ଶୂଳି ଖମ୍ବରେ ବସି ପ୍ରାଣ ତ୍ୟାଗକଲେ । ଶୂଳି ଖମ୍ବ ତାଙ୍କର ଏପଟ କିମ୍ବା ସେପଟ ଯାଉନାହିଁ। ସେହିପରି ସ୍ଥିର ଅଛନ୍ତି। ସେ ବ୍ୟକ୍ତିକୁ କିଛି କଷ୍ଟ ହେଲା ପରି ମନେ ହେଉନାହିଁ। ଏହାଶୁଣି ରାଜା, ମନ୍ତ୍ରୀ ଓ ପୁରୋହିତ ଏକ ସାଙ୍ଗରେ ଶୂଳି ଦେଇଥିବା ସ୍ଥାନକୁ ଗମନ କଲେ। ପୁରୋହିତ ଶୂଳି ଖମ୍ବକୁ ଚାହିଁ ବିସ୍ମୟ ହୋଇ କହିଲେ ମହାରାଜ ଋଷି ମାଣ୍ଡବ୍ୟଙ୍କୁ ଶୂଳିର ତୀକ୍ଷ୍ଣେ ଧାର ଉପରେ ବସାଇଛନ୍ତି। ହେ ମଣିମା ଏ ଘଟଣା ବହୁତ ଅମଙ୍ଗଳ ।

## ଗୋପବନ୍ଧୁଙ୍କ ଜୀବନ ସେବା ଓ ତ୍ୟାଗ ଆଧାରିତ

**କାକଟପୁର:** ମହାନ୍ ସ୍ୱାଧୀନତା ସଂଗ୍ରାମୀ, ନିର୍ଭିକ ସାମ୍ବାଦିକତାର ଅନନ୍ୟ ପୁରୁଷ ଓ ନିଷ୍କାମ ଜନସେବାର ଅମ୍ଳାନ ପ୍ରତିଭା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ପୁଣ୍ୟ ଶ୍ରାଦ୍ଧ ବାର୍ଷିକୀ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି ତରଫରୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅନ୍ତର୍ଗତ ଐତିହାସିକ ଲବଣ ସତ୍ୟାଗ୍ରହ ପୀଠ କୁହୁଡ଼ିଠାରେ ସମିତିର ବରିଷ୍ଠ ସଦସ୍ୟ ଭୋଳାନାଥ ସ୍ୱାଇଁ ଓ ଅନ୍ୟତମ ସଦସ୍ୟ ସମାଜସେବୀ ଅର୍ଜୁନ ମଲ୍ଲିକଙ୍କ ସୁପରିଚାଳନାରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ଅମିୟ କୁମାର ପଟ୍ଟନାୟକ ଭୁବନେଶ୍ୱର ଗୋପବନ୍ଧୁଛକ ସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ପଣ୍ଡିତ ଗୋପବନ୍ଧୁଙ୍କ ଭଳି ଜଣେ ଦେଶଭକ୍ତ ଦେଶ ସେବକ ଆଜିର ଦିନରେ ବିରଳ ବୋଲି ପ୍ରକାଶ କରିଛନ୍ତି । ସେ ସମାଜର ଜଣେ ଦରଦୀ ବନ୍ଧୁ ଏବଂ ଆଦର୍ଶବାଦୀ ପୁରୁଷ ଥିଲେ ।

**ରମ୍ଭା :** ଓଡିଶା ଐକୀକରଣର ଆଦିପୀଠ ରମ୍ଭାର ପି ଏମ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର ସଂଗ୍ରାମୀ ସ୍ମାରକୀ ପୀଠରେ ଓଡ଼ିଶାର ଅନ୍ୟତମ ବରପୁତ୍ର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ୯୮ ତମ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ପାଳନ କରାଯାଇଛି । ଉତ୍ସବରେ ମୁଖ୍ୟ ଅତିଥିଭାବେ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ବିଜୟାନନ୍ଦ ମହାପାତ୍ର, ସମ୍ମାନୀତ ଅତିଥିଭାବେ ପି ଏମ ଶ୍ରୀ ରମ୍ଭା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକୃତିବନ୍ଧୁ ଗୋପୀନାଥ ବେହେରା,ବକ୍ତାଭାବେ ପଂ. ଶ୍ରୀରାମ ଶର୍ମା ଆଚାର୍ଯ୍ୟ ସ୍ମୃତି ସାହିତ୍ୟ ଓ ସାଂସ୍କୃତିକ ପରିଷଦର ସମ୍ପାଦକ ପ୍ରକୃତିବନ୍ଧୁ ପଞ୍ଚାନନ ଖଟୁଆ ଯୋଗଦେଇ ଉତ୍କଳ ସଂଗ୍ରାମୀ ସ୍ମାରକୀ ପୀଠର ଭବ୍ୟ ଓ ଦିବ୍ୟ ମଞ୍ଚରେ ସୁଶୋଭିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଉତ୍ତରୀୟ ,ପୁଷ୍ପାକ୍ଷତ,ଚନ୍ଦନ ଧୂପ, ଦୀପ ପ୍ରଜ୍ୱଳନ କରିବା ସହିତ ଉତ୍କଳ ପ୍ରଦେଶ ଗଠନ ସହିତ ଓଡିଶା ଓ ଓଡ଼ିଆ ଜାତି ପାଇଁ ଗୋପବନ୍ଧୁଙ୍କ ଜୀବନ ବ୍ୟାପି ସେବା,ତ୍ୟାଗ, ନିଷ୍ଠା, ସାଧନାର ପ୍ରତିଟି ଦିଗ ଉପରେ ଆଲୋକପାତ କରିଥିଲେ ।

**ଆଠଗଡ:** ମହାନ ଦେଶଭକ୍ତ, ଜନସେବକ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସାରସ୍ୱତ ସାଧକ, ପ୍ରବୀଣ ସାମ୍ବାଦିକ ଏବଂ 'ସମାଜ'ର ପ୍ରତିଷ୍ଠାତା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ୯୮ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଆଠଗଡରେ ତିଳତର୍ପଣ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଆଠଗଡରେ ସକାଳ ପ୍ରହରରୁ ପ୍ରତିକୂଳ ପାଗ ସତ୍ତ୍ୱେ ବହୁ ସଂଖ୍ୟାରେ ବିଶିଷ୍ଟ ଲୋକମାନେ ପଣ୍ଡିତ ଗୋପବନ୍ଧୁଙ୍କ ଅମର ଆତ୍ମାର ଶାନ୍ତି ଓ ସଦଗତି କାମନା ପୂର୍ବକ ତିଳତର୍ପଣ କରିଥିଲେ । ସ୍ଥାନୀୟ ଗଦାସାହି ନିକଟସ୍ଥ ଭାଗିରଥି ସାଗର (ବଡ ପୋଖରୀ) ରେ ପୁରୋହିତ ନିମାଇଁ ଚରଣ ଦାଶଙ୍କ ବୈଦିକ ମନ୍ତ୍ର ମଧ୍ୟରେ ଜଣକ ପରେ ଜଣେ ତିଳତର୍ପଣ କରିଥିଲେ । ଶିକ୍ଷାବିତ ଶ୍ରୁତିଧର ପ୍ରଧାନ, ଧରଣୀଧର ମହାପାତ୍ର, ନବକିଶୋର ରାଉତ, ବୁଦ୍ଧିଜୀବୀ ସଂଘର ସଂପାଦକ ଗିରୀଶ କୁମାର ମିଶ୍ର, ଉପସଭାପତି ଇଂ ପ୍ରଭାତ ମିଶ୍ର, ବିଜେପି ଜିଲ୍ଲା ସଭାପତି ରାମନାରାୟଣ ମହାନ୍ତି, ବରିଷ୍ଠ ବିଜେପି ନେତା ହରପ୍ରସାଦ ମିଶ୍ର ପୌରାଞ୍ଚଳ ବରିଷ୍ଠ ନାଗରିକ ସଂଘ ସଦସ୍ୟ ଆଇନଜୀବୀ ଶ୍ୟାମାନନ୍ଦ ମହାରଣା, ଆଇନଜୀବୀ ସପନ ପଟ୍ଟନାୟକ ଓ ପ୍ରମୋଦ କୁମାର ଜେନା, ସୁବାସ ରାଉତ, ମିହିର ତ୍ରିପାଠୀ, ସାମ୍ବାଦିକ ସର୍ବେଶ୍ୱର ପଣ୍ଡା, ଅର୍ଦ୍ଧେନ୍ଦୁ ମହାନ୍ତି, ସନ୍ତୋଷ ବାରିକ ପ୍ରମୁଖ ଉତ୍କଳମଣିଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ତିଳତର୍ପଣ କରିଥିଲେ । ଆଠଗଡ ସମାଜ ପ୍ରତିନିଧି ସୁଧି ରଞ୍ଜନ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଛୁରାମାଡ଼: ଅଭିଯୁକ୍ତ ଗିରଫ



ନିରାକାରପୁର(ନିପ୍ର): ପୂର୍ବ ଜମିଜମା ବିବାଦକୁ କେନ୍ଦ୍ରକରି କଣ୍ଟ୍ରୋଲ ଦୋକାନରୁ ଚାଉଳ ନେବା ସମୟରେ ଘଟିଥିଲା ଏକ ସାଙ୍ଘାତିକ ଛୁରାମାଡ଼ । ଏହି ଆକ୍ରମଣରେ ତିନି ଜଣ ଗୁରୁତର ହୋଇଥିବା ବେଳେ ପୋଲିସ ଅଭିଯୁକ୍ତକୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି । ମିଳିଥିବା ସୂଚନା ଅନୁଯାୟୀ, ଗତ ୨.୭.୨୬ ରିଖ ସକାଳ ପ୍ରାୟ ୯:୩୦ ମିନିଟ୍ ସମୟରେ ବଡ଼ପୋଖରିଆ ଗ୍ରାମର ପ୍ରତାପ ମାନସିଂହ, ହୁଲାଶ ଲେଙ୍କା ଓ ତ୍ରିନାଥ ଲେଙ୍କା ଗ୍ରାମର କଣ୍ଟ୍ରୋଲ ଦୋକାନରୁ ଚାଉଳ ଆଣୁଥିଲେ । ଏହି ସମୟରେ ସେହି ଗ୍ରାମର ଧୋବା ପ୍ରଧାନଙ୍କ ପୁଅ ଧନଞ୍ଜୟ ପ୍ରଧାନ ସେଠାରେ ପହଞ୍ଚି ଏକ ଧାରୁଆ ଛୁରୀରେ ସେମାନଙ୍କୁ ଆତର୍କିତ ଆକ୍ରମଣ କରିଥିଲେ । ଆକ୍ରମଣର ଶିକାର ହୋଇଥିବା ସମସ୍ତ ବ୍ୟକ୍ତି ଏବଂ ଅଭିଯୁକ୍ତ ପରସ୍ପରର ସମ୍ପର୍କୀୟ ଓ ଗୋଟିଏ ପରିବାରର ବୋଲି ଜଣାପଡ଼ିଛି । ପୂର୍ବରୁ ସେମାନଙ୍କ ମଧ୍ୟରେ ଥିବା ଜମିଜମା ବିବାଦକୁ କେନ୍ଦ୍ର କରି ଏହି ଅଭାବନୀୟ କାଣ୍ଡ ଘଟିଥିବା ପୋଲିସ ଆଇଆଇସି ବିଶ୍ୱଜିତ୍ ରାଉତରାୟଙ୍କ ସୂତ୍ରରୁ ପ୍ରକାଶ । ଏହି ସମ୍ପର୍କରେ ପୋଲିସ କେସ୍ ନମ୍ବର ୨୪୨/୨୬ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇ ଥିଲା । ମାମଲାର ତଦନ୍ତକାରୀ ଅଧିକାରୀ ଏଏସଆଇ ଗୁପ୍ତ ପ୍ରସାଦ ମହାନ୍ତି ଅଭିଯୁକ୍ତ ଧନଞ୍ଜୟ ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି ।

### ଖେଳ ପଡ଼ିଆ ନିକଟରେ ସୃଷ୍ଟି ହୋଇଛି ଜଙ୍ଗଲ

# ଛାତ୍ରଛାତ୍ରୀ ଓ ସ୍ଥାନୀୟ କ୍ରୀଡ଼ାବିତ୍ ଆତଙ୍କିତ, ସଫେଇ ପାଇଁ ଦାବି

ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସ୍ଥିତ କ୍ଷେତ୍ରବାସୀ ଡି.ଏ.ଭି ମହାବିଦ୍ୟାଳୟ ପରିସରରେ ଏବେ ଦେଖାଦେଇଛି ଏକ ଗମ୍ଭୀର ସମସ୍ୟା । କଲେଜର ବିକାଶ ପାଇଁ ବର୍ତ୍ତମାନ କୋଟି କୋଟି ଟଙ୍କା ବ୍ୟୟ ବରାଦରେ ନୂତନ ଶ୍ରେଣୀ ଗୃହ ଓ ଅଡିଟୋରିଅମ ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବା ବେଳେ, ଅନ୍ୟପଟେ କଲେଜ ଖେଳ ପଡ଼ିଆର ଏକ ବଡ଼ ଅଂଶ ଅବହେଳିତ ଅବସ୍ଥାରେ ପଡ଼ି ରହିଛି । ବିଶେଷ କରି ପଡ଼ିଆର ପୂର୍ବ ପାର୍ଶ୍ୱ ଏବେ ଘଞ୍ଚ ଜଙ୍ଗଲରେ ପରିଣତ ହୋଇ ବିଷାକ୍ତ ସରୀସୃପଙ୍କ ଆଡ୍ଡାସ୍ଥଳ ପାଲଟିଛି, ଯାହାକୁ ନେଇ ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ପିଲାମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଓ ଭୟର ବାତାବରଣ ସୃଷ୍ଟି ହୋଇଛି । ସ୍ଥାନୀୟ ଲୋକ ଓ



ଛାତ୍ରଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ବହୁ ପୂର୍ବରୁ କଲେଜର ପୁରୁଣା ଗୃହ ଭଙ୍ଗାଯିବା ସମୟରେ ବାହାରିଥିବା ପଥର ଓ ଅନ୍ୟାନ୍ୟ ନିର୍ମାଣ ସାମଗ୍ରୀକୁ ଆଣି ଖେଳ ପଡ଼ିଆର ପୂର୍ବ ପାର୍ଶ୍ୱରେ ପରିତ୍ୟକ୍ତ ଭାବେ ପକାଇ ଦିଆଯାଇଥିଲା । ଦୀର୍ଘ ଦିନ ଧରି ଏଗୁଡ଼ିକୁ ସେଠାରୁ ହଟା ନଯିବାରୁ ସେହି ସ୍ଥାନରେ ଘଞ୍ଚ ଜଙ୍ଗଲ ଭଳି ଗଛଲତା ଓ ବୁଦା ସୃଷ୍ଟି ହୋଇଛି । ଏହି ଅନାବନା ଗଛଲତା ମଧ୍ୟରେ ବହୁ ସଂଖ୍ୟାରେ ନାଗ, ଚିତି ଭଳି ବିଷାକ୍ତ ସରୀସୃପ ବାସ କରୁଥିବା ଦେଖିବାକୁ ମିଳୁଛି ।ଏହି ପଡ଼ିଆରେ ନିୟମିତ ଭାବେ କଲେଜର ଛାତ୍ରଛାତ୍ରୀ ଓ ସ୍ଥାନୀୟ ଅଞ୍ଚଳର ଯୁବକମାନେ ଫୁଟବଲ୍, କ୍ରିକେଟ୍ ଆଦି ଖେଳିବା ସହ କ୍ରୀଡ଼ା ପ୍ରଶିକ୍ଷଣ ନେଇଥାନ୍ତି । ମାତ୍ର ଖେଳୁଥିବା ସମୟରେ ବହୁ ସମୟରେ ବଲ୍‌ଟି ଉକ୍ତ ଜଙ୍ଗଲିଆ ବୁଦା ଭିତରକୁ ଚାଲିଯାଉଛି । ସରୀସୃପ କାମୁଡ଼ିବା ଭୟରେ ପିଲାମାନେ ସେହି ସ୍ଥାନକୁ ଯିବାକୁ ସାହସ କରୁନାହାନ୍ତି, ଯାହାଫଳରେ ସେମାନଙ୍କ ଖେଳରେ ବ୍ୟାଘାତ ସୃଷ୍ଟି ହେଉଛି । କେବଳ ସେତିକି ନୁହେଁ, ପଡ଼ିଆ କଡ଼ରେ ଯାତାୟାତ କରୁଥିବା ପଥଚାରୀ ଓ ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ମଧ୍ୟ ଏହା ବଡ଼ ବିପଦ ସଦୃଶ ହୋଇଛି । ମହାବିଦ୍ୟାଳୟର ସାମଗ୍ରିକ ବିକାଶ ହେଉଥିବା ବେଳେ ଖେଳ ପଡ଼ିଆ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଏଭଳି ଅପରିଷ୍କାର ଓ ବିପଦପୂର୍ଣ୍ଣ କରି ରଖାଯିବା ନିନ୍ଦନୀୟ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ଛାତ୍ରଛାତ୍ରୀଙ୍କ ନିରାପଦ ଚଳପ୍ରଚଳ ଓ ଅବାଧରେ କ୍ରୀଡ଼ା ପ୍ରଶିକ୍ଷଣ ପାଇଁ କଲେଜ କର୍ତ୍ତୃପକ୍ଷ ତୁରନ୍ତ ଏହି ଜଙ୍ଗଲିଆ ସ୍ଥାନକୁ ସଫା କରିବା ସହ ପରିତ୍ୟକ୍ତ ପଥରଗୁଡ଼ିକୁ ସେଠାରୁ ହଟାଇବାକୁ ସାଧାରଣରେ ଦୃଢ଼ ଦାବି ହେଉଛି ।

## ପନିପରିବା ଦର ଆକାଶଛୁଆଁ: ଚିନ୍ତାରେ ସାଧାରଣ ଲୋକେ



ସୋନପୁର,(ନିପ୍ର): ସ୍ଥାନୀୟ ବଜାରରେ ଏବେ ପନିପରିବା ଦରରେ ନିଆଁ ଲାଗିଛି । ହୁ ହୁ ହୋଇ ବଢିଚାଲିଛି ନିତିଦିନିଆ ପରିବା ଦର । ପନିପରିବା ଦର ଏବେ ଆକାଶ ଛୁଆଁ ହୋଇଥିବା ବେଳେ ସାଧାରଣ ଖାଉଟି ଓ ମଧ୍ୟବିତ୍ତ ପରିବାର ଚିନ୍ତାରେ ପଡ଼ିଯାଇଛନ୍ତି । ବଜାରକୁ ୫୦୦ ଟଙ୍କା ନେଇ ଗଲେ ବି ମୁଣା ପୁରୁନାହିଁ, ଯାହା ଫଳରେ ରୋଷେଇ ଘରର ବଜେଟ୍ ସମ୍ପୂର୍ଣ୍ଣ ବିଗିଡ଼ି ଯାଇଛି । ବର୍ତ୍ତମାନ ବଜାରରେ ପରିବା ଦର ଶୁଣିଲେ ଲୋକଙ୍କ ହୋସ୍ ଉଡିଯାଉଛି । ତାଲିକାରେ ସବୁଠାରୁ ଉପରେ ରହିଛି କାଙ୍କଡ଼ (କଷି) କିଲୋ ପ୍ରତି ୩୫୦ରୁ ୪୦୦ ଟଙ୍କା ଛୁଇଁଥିବା ବେଳେ, ବିନ୍ସ, ରସୁଣ ଏବଂ ଲଙ୍କା କିଲୋ ପ୍ରତି ୨୦୦ ଟଙ୍କାରେ ବିକ୍ରି ହେଉଛି । ସେହିପରି ରୋଷେଇ ପାଇଁ ଅତ୍ୟାବଶ୍ୟକ ଅଦା ଦର ୧୬୦ ଟଙ୍କାରେ ପହଞ୍ଚିଥିବା ବେଳେ ଫୁଲକୋବି, ଗାଜର ଏବଂ ସିମିଳା ଲଙ୍କା କିଲୋ ପିଛା ୧୦୦ ଟଙ୍କାରେ ବିକ୍ରି ହେଉଛି । ଦୈନନ୍ଦିନ ଖାଦ୍ୟରେ ବ୍ୟବହୃତ ଅନ୍ୟାନ୍ୟ ପରିବା ମଧ୍ୟ ସାଧାରଣ ଲୋକଙ୍କ ପକେଟ୍ ଉପରେ ଭାରି ପଡୁଛି । ବଜାରରେ ଶାଗ, ଭେଣ୍ଡି ଓ କଲରା କିଲୋ ପ୍ରତି ୮୦ ଟଙ୍କା ରହିଛି । ଅନ୍ୟପଟେ ପୋଟଳ ୬୦, କାନ୍ଦୁରୁ ୬୦, ଝୁଡ଼ଙ୍ଗ ୬୦ ଏବଂ ଲାଉ (ଲକି) ଦର ୬୦ ଟଙ୍କାରେ ପହଞ୍ଚିଛି । ଅପେକ୍ଷାକୃତ ଶସ୍ତା ଭାବେ ଗଣାଯାଉଥିବା ବନ୍ଧାକୋବି, ପାତାଳଘଣ୍ଟା (ଟମାଟୋ) ଓ ବାଇଗଣ କିଲୋ ପ୍ରତି ୫୦ ଟଙ୍କାରେ ମିଳୁଛି, ଯାହାକି ସ୍ୱାଭାବିକ ସମୟ ତୁଳନାରେ ଯଥେଷ୍ଟ ଅଧିକ ଅଟେ ।ଆମଦାନୀ କମିବା ଏବଂ ପରିବହନ ଖର୍ଚ୍ଚ ବୃଦ୍ଧିର ଆଳ ଦେଖାଇ ବ୍ୟବସାୟୀମାନେ ଚଢ଼ା ଦରରେ ପନିପରିବା ବିକ୍ରି କରୁଥିବା ଗ୍ରାହକମାନେ ଅଭିଯୋଗ କରିଛନ୍ତି । ବଜାର ଦର ଉପରେ ପ୍ରଶାସନର କୌଣସି ଅଙ୍କୁଶ ନଥିବାରୁ ଏଭଳି ସ୍ଥିତି ଉପୁଜିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ସମ୍ପୃକ୍ତ ବିଭାଗ ତୁରନ୍ତ ବଜାର ଉପରେ ଚଢ଼ାଉ କରି କଳାବଜାରୀ ରୋକିବା ସହ ଦରଦାମ୍ ଉପରେ ନିୟନ୍ତ୍ରଣ ଆଣିବାକୁ ସାଧାରଣରେ ଦାବି ହେଉଛି ।

## ରାଜ୍ୟସ୍ତରୀୟ ଓଡ଼ିଶା ଶିକ୍ଷା ରତ୍ନ ସମ୍ମାନ - ୨୦୨୬
## ୯୮ କୃତୀ ଶିକ୍ଷକଶିକ୍ଷୟତ୍ରୀ ସମ୍ମାନିତ



ଭୁବନେଶ୍ୱର,(ନିପ୍ର): ଗୀତଗୋବିନ୍ଦ ସଦନ ,ଭୁବନେଶ୍ୱର ଠାରେ ମୁଖ୍ୟ ଅତିଥି ଡକ୍ଟର ଜଷ୍ଟିସ ବି ଆର ସରଙ୍ଗୀ ପୂର୍ବତନ ମୁଖ୍ୟ ନ୍ୟାୟାଧୀଶ ଝାଡ଼ଖଣ୍ଡ ଉଚ୍ଚ ନ୍ୟାୟାଳୟଙ୍କ ଉପସ୍ଥିତିରେ ଓଡ଼ିଶା ଶିକ୍ଷା ରତ୍ନ ସମ୍ମାନ - ୨୦୨୬ କାର୍ଯ୍ୟକ୍ରମ ଉଦଘାଟନ ହୋଇଛି । ଓଡ଼ିଶାର ୧୭ ଟି ଜିଲ୍ଲା ରୁ ୯୮ ଜଣ କୃତୀ ପ୍ରତିଭାଶାଳୀ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କୁ ମାନପତ୍ର ସହିତ ସ୍ମୃତିଫଳକ ଦେଇ ସମ୍ମାନିତ କରାଯାଇଥିଲା । ଏଥିରେ ସମ୍ବଲପୁର ଜିଲ୍ଲାର ପ୍ରମୋଦ କୁମାର ପ୍ରଧାନ,(ନାକଟିଦେଉଳ ବ୍ଲକ୍),ପ୍ରଶାନ୍ତ କୁମାର ଦାଶ (କୁଚିଣ୍ଡା ବ୍ଲକ୍),ମନୋଜ କୁମାର ନାୟକ( ରେଙ୍ଗାଲି ବ୍ଲକ୍) ଓ ଧ୍ରୁବ ଚରଣ ରୋହିଦାସ (ମାନେଶ୍ୱର ବ୍ଲକ୍) ରାଜ୍ୟ ସ୍ତରରେ ' ଓଡ଼ିଶା ଶିକ୍ଷା ରତ୍ନ ସମ୍ମାନ -୨୦୨୬' ରେ ସମ୍ମାନିତ ହୋଇଥିଲେ ।ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ଅବସରପ୍ରାପ୍ତ ଆଇପିଏସ୍ ଅଫିସର ତଥା ପୂର୍ବତନ ପୋଲିସ କମିଶନର ମୁମ୍ବାଇ ଅରୂପ ପଟ୍ଟନାୟକ ବରିଷ୍ଠ ସାମ୍ବାଦିକ ରବି ଦାଶ,ବରିଷ୍ଠ ଓକିଲ ସର୍ବୋଚ୍ଚ ନ୍ୟାୟାଳୟ ,ନୂଆଦିଲ୍ଲୀ,ଅବନୀ ସାହୁ,ଅଭିଷେକ ମିତ୍ର,ସଭାପତି ରୋଟାରୀ କ୍ଲବ୍ ଭୁବନେଶ୍ୱର,ଅଭିଷେକ ଖେମକା,ସମ୍ପାଦକ ରୋଟାରୀ କ୍ଲବ୍ ଭୁବନେଶ୍ୱର ଓ ବାସୁଦେବ ଭଞ୍ଜ ସଭାପତି ଓଡ଼ିଶା ଶିକ୍ଷକ ମହାସଂଘ ପ୍ରମୁଖ ଉପସ୍ଥିତ ଥିଲେ ।

## ଫତେଗଡ଼ ଥାନାରେ ରଥଯାତ୍ରା କମିଟିକୁ ନେଇ ସମନ୍ୱୟ ବୈଠକ

ଭାପୁର,(ନିପ୍ର): ନୟାଗଡ଼ ଜିଲ୍ଲା ଫତେଗଡ ଥାନା ତରଫରୁ ବ୍ଲକରେ ତିନୋଟି ସ୍ଥାନରେ ହେଉଥିବା ସମସ୍ତ ରଥଯାତ୍ରା କମିଟି ମାନଙ୍କୁ ନେଇ ଏକ ସମନ୍ୱୟ ବୈଠକ ମଙ୍ଗଳବାର ଦିନ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି । ଥାନା ଅଧିକାରୀ ଅଜୟ କୁମାର ସାହୁଙ୍କ ନେତୃତ୍ୱରେ ଏହି ବୈଠକ ବସିଥିଲା । ବ୍ଲକର ପ୍ରମୁଖ ରଥଯାତ୍ରା ଭାପୁର ବଜାର ରଥଯାତ୍ରା କମିଟି ତରଫରୁ ସମ୍ପାଦକ ଗଙ୍ଗାଧର ବାରିକ, ସହ ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର ଓ ସ୍ୱେଚ୍ଛାସେବୀ ନିତ୍ୟରଞ୍ଜନ ଦାଶ, ଟ୍ରଷ୍ଟର ସଭ୍ୟ ପ୍ରଭାକର ସାହୁ, କୁଳମଣୀ ସାହୁ, ସୁରେଶ ଚନ୍ଦ୍ର ପଣ୍ଡା ଓ ଭଗବାନ ପାଲ ଯୋଗ ଦେଇଥିବାବେଳେ ପଦ୍ମାବତୀ ଗ୍ରାମର ରଥଯାତ୍ରା କମିଟି ତରଫରୁ ଗାଁ ସଭାପତି ଚାପଧାରୀ ସାହୁ,ସମ୍ପାଦକ ବିରଞ୍ଚି ନାରାୟଣ ମଲ୍ଲିକ, ଦାଶରଥି ଖୁଣ୍ଟିଆ ଓ କୀର୍ତ୍ତନ ଦଳେଇ ଯୋଗ ଦେଇଥିଲେ ।

## ମିନିଗାଁ ଗୁଡା ଗ୍ରାମ: ରାସ୍ତା ନିର୍ମାଣ ଦାବିରେ ରାସ୍ତାରୋକ



କାଶୀନଗର(ନିପ୍ର): କାଶୀନଗର ବ୍ଲକ ଅନ୍ତର୍ଗତ କେ ସୀତାପୁର ପଞ୍ଚାୟତ ଅଧୀନରେ ଥିବା ନିମିଗାଁ ଗୁଡା ଗ୍ରାମରେ ଦୀର୍ଘ ଦିନ ହେଲା ରାଜ ରାସ୍ତାକୁ ସଂଯୋଗୀ କରଣ ପାଇଁ ଗ୍ରାମବାସୀ ମାନେ ଦାବୀ ଜଣେଇ ଅସୁଥିଲେ । ପ୍ରଶାସନ ସେମାନଙ୍କ ଦାବୀକୁ ଗୁରୁତ୍ୱ ନ ଦେବାରୁ କିଛି ଦିନ ପୂର୍ବରୁ ଗ୍ରାମବାସୀମାନେ ଏକ ହୋଇ ନିଜେ ରାସ୍ତା ପକେଇବା ପାଇଁ ଅଗ୍ରସର ହୋଇ କାମ ଆରମ୍ଭ କରିଥିଲେ । ଏହି ସମୟରେ ଯେହେତୁ ଯେଉଁ ସ୍ଥାନରେ ରାସ୍ତା ହେବ ତାହା ବେସରକାରୀ ସ୍ଥାନ ହୋଇଥିବାରୁ ରାସ୍ତା କାମକୁ ବିରୋଧ କରି ଗ୍ରାମବାସୀ ଜମି ମାଲିକ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିବା ମଧ୍ୟ ସୂଚନା ମିଳୁଛି । ଏହି ପରିପ୍ରେକ୍ଷୀରେ ଆଜି ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଅତିରିକ୍ତ ତହସିଲଦାର କେ. ଦିବ୍ୟ ରଞ୍ଜନ ଓ ଥାନା ଅଧିକାରୀ ତ୍ରିନାଥ ସେଠିଙ୍କ ଉପସ୍ଥିତିରେ ନିମିଗାଁ ଗ୍ରାମ ଠାରୁ ନିମିଗାଁ ଗୁଡା ଗ୍ରାମ ଯାଏଁ ରାସ୍ତା ପାଇଁ ଜମି ମାପ ପ୍ରକ୍ରିୟା ହୋଇଥିଲା । ଏହି ଜମି ମଧ୍ୟରେ କିଛି ଦିନ ପୂର୍ବେ ବୃକ୍ଷ ରୋପଣ କରାଯାଇ ଥିଲା ବୋଲି ସ୍ଥାନୀୟ ସରପଞ୍ଚ କେ ତେଜେଶ୍ୱର ରାଓ ସୂଚନା ଦେଇ ରାସ୍ତା କାମକୁ ବିରୋଧ ନ କରି ଯେଉଁ ସବୁ ବୃକ୍ଷ ନଷ୍ଟ ହୋଇଛି ତାହାକୁ ବିରୋଧ କରିଥିବା ସେ କହିଥିଲେ । ଆଜି ଗ୍ରାମବାସୀମାନେ ଏକଜୁଟ ହୋଇ ମିନିଗାଁ ଗୁଡା ଗ୍ରାମକୁ ଏକ ସବୁଦିନିଆ ରାସ୍ତା ଯାହାକି ଦୀର୍ଘ ୪ ବର୍ଷ ହେଲା ଦାବି କରି ଆସୁଛନ୍ତି ଏବଂ ଶୀଘ୍ର ରାସ୍ତା ନିର୍ମାଣ ପାଇଁ ଆଜି ପାରଳାଖେମୁଣ୍ଡି ଠାରୁ ଗୁଣୁପୁର ମୁଖ୍ୟ ରାସ୍ତା କିଛି ସମୟ ପାଇଁ ଅବରୋଧ କରିଥିଲେ । ସ୍ଥାନୀୟ ଥାନା ଅଧିକାରୀ ଶ୍ରୀ ସେଠି ଗ୍ରାମବାସୀଙ୍କୁ ବୁଝାସୁଝା କରି ରାସ୍ତାରୁ ହଟେଇ ଥିବା ସୂଚନା ମିଳିଛି ।

## ବିଗ୍ରହମାନଙ୍କ ନବ ଯୌବନ ଦର୍ଶନ କଲେ ଶହଶହ ଶ୍ରଦ୍ଧାଳୁ

ଖଣ୍ଡପଡା,(ନି.ପ୍ର): ଦେବସ୍ନାନ ପୂର୍ଣ୍ଣମୀରେ ଜଗତର ନାଥ ଶ୍ରୀଜଗନ୍ନାଥ, ଦେବୀ ସୁଭଦ୍ରା ଓ ପ୍ରଭୁ ବଳଭଦ୍ର ଅତ୍ୟଧିକ ସ୍ନାନ କରି ଜ୍ୱରରେ ପୀଡିତ ହେବା ସହ ଗତ ୧୪ ଦିନ କାଳ ଅନବସର ଘରେ ରହିଥିଲେ । ଅନବସର ଗୃହରୁ ବିଗ୍ରହମାନେ ଜ୍ୱରରୁ ଉଠିବା ପରେ ନବ ଯୌବନ ବେଶରେ ମଙ୍ଗଳବାର ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ଏ ଅବସରରେ ଖଣ୍ଡପଡା ରାଜ ପରିବାର ଦ୍ୱାରା ପରିଚାଳିତ ଶୀଜଗନ୍ନାଥ ମନ୍ଦିର ଓ ରାଜ୍ୟ ସରକାରଙ୍କ ଦେବୋତ୍ତର ବିଭାଗ ଦ୍ୱାରା ପରିଚାଳିତ ଶ୍ରୀ ରଘୁନାଥଜୀଉଙ୍କ ମନ୍ଦିରରେ ପାର୍ଶ୍ୱ ଦେବତା ଭାବେ ପୂଜା ପାଉଥିବା ୩ ବିଗ୍ରହଙ୍କ ନବ ଯୌବନ ଦର୍ଶନ ନିମନ୍ତେ ମନ୍ଦିର ପରିସରରେ ଶହଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।

# ବିଦ୍ୟାଳୟରେ ରୋଷେଇ କରି ଖାଇବାଦେବାକୁ ଦାବି

ବେଲଗୁଣ୍ଠା(ନିପ୍ର): ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟକୁ ଆକୃଷ୍ଟ କରିବା ସହିତ ସେମାନଙ୍କୁ ଆବଶ୍ୟକ ପୋଷଣ ଯୋଗାଇ ଦେବା ଉଦ୍ଦେଶ୍ୟରେ ପ୍ରତି ସରକାରୀ ସ୍କୁଲରେ ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ସରକାର ଯୋଗାଇଦେଉଛନ୍ତି ଉନ୍ନତ ମାନର ମଧ୍ୟାହ୍ନ ଭୋଜନ । ଗଞ୍ଜାମ ଜିଲ୍ଲାର ସବୁଠି ସ୍କୁଲ ଭିତରେ ନିଯୁକ୍ତ ପାଚିକା ମାନଙ୍କ ଦ୍ୱାରା ମଧ୍ୟାହ୍ନ ଭୋଜନ ରୋଷେଇ ହେଉଥିବା ବେଳେ କେବଳ ବେଲଗୁଣ୍ଠା ବ୍ଲକରେ ମହିଳା ସଂଚରିକା ଗୋଷ୍ଠୀ ରନ୍ଧା ଖାଦ୍ୟ ବଣ୍ଟନ କରୁଛି । କିନ୍ତୁ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଛି ଯେ ଏହି ଗୋଷ୍ଠୀ ଅତି ନିମ୍ନ ମାନର ଖାଦ୍ୟ ବଣ୍ଟନ କରି କୋଟି କୋଟି ଟଙ୍କା ହରିଲୁଟ୍ କରୁଛି । ବେଲଗୁଣ୍ଠା ବ୍ଲକ୍‌ରେ ସେଣ୍ଟ୍ରାଲ କିଚେନରୁ ପ୍ରତିଦିନ ଗାଡ଼ିରେ ଲୋଡ୍ ହୋଇ ପ୍ରତି ସ୍କୁଲରେ ପହଞ୍ଚୁଛି ରନ୍ଧା ଖାଦ୍ୟ । ପାଚିକାମାନେ ରନ୍ଧା ଖାଦ୍ୟ ପିଲାଙ୍କୁ ବଣ୍ଟନ କରୁଛନ୍ତି । କିନ୍ତୁ ଛାତ୍ରଛାତ୍ରୀଙ୍କୁ ରୁଚୁନି ଟାଣ ଭାତକୁ ପାଣିଆ ତରକାରୀ । ପିଲାଏ ଅଳ୍ପ ଖାଉଛନ୍ତି ଅଧିକ



ଫୋପାଡୁଛନ୍ତି । ସ୍କୁଲର ଅଧିକାଂଶ ପିଲାଏ ଘରୁ ଆଣିଥିବା ଟିଫିନ୍ ଖାଦ୍ୟ ବସି ଖାଉଛନ୍ତି । ଏ ଅଭାବନୀୟ ଦୃଶ୍ୟ ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକର ବିଭିନ୍ନ ସ୍କୁଲରେ ଦେଖିବାକୁ ମିଳୁଛି । ଗୋଠଳି ଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୨୦ ରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ପ୍ରତିଦିନ ସେମାନଙ୍କ ପାଇଁ ରନ୍ଧା ଖାଦ୍ୟ ଆସୁଛି ।ହେଲେ ପିଲାଏ ଖାଇବାକୁ ଆସୁନଥିବାରୁ ପାଚିକା ମାନେ ଡାକି ଡାକି ପିଲାଙ୍କୁ ଖାଦ୍ୟ ବାଢ଼ି ଦେଉଛନ୍ତି ।ରନ୍ଧାଖାଦ୍ୟ ଅତି ନିମ୍ନ ମାନର ହୋଇଥିବାରୁ ପିଲାଏ ଗୁଣ୍ଡାଏ ଖାଇ ସବୁତକ ତଳେ ଢାଳି ଦେଉଥିବା ଦେଖିବାକୁ ମିଳିଛି । ଟାଣ ଭାତ ସାଙ୍ଗକୁ ପାଣିଆ ଡାଲି ଖାଇଲେ ଦେହ ଖରାପ ହେଉଛି । ସେଥିପାଇଁ ବାଧହୋଇ ଘରୁ ଆଣିଥିବା ଖାଦ୍ୟ ଖାଉଛନ୍ତି ଛାତ୍ର ଛାତ୍ରୀ ।ସ୍କୁଲରେ ନିଯୁକ୍ତି ପାଇଥିବା ପାଚିକା ଓ ସହାୟିକା ମାନେ ରୋଷେଇ ନକରି କେବଳ ଦରମା ପାଉଥିବା କହିଛନ୍ତି । ତେଣୁ ପୂର୍ବଭଳି ବିଦ୍ୟାଳୟରେ ରୋଷେଇ କରି ଖାଦ୍ୟ ବଣ୍ଟନ କରିବାକୁ ଦାବି ହୋଇଛି ।

# ସବୁଠି ଭିଡ଼ : ଟ୍ରାଫିକ ସମାଧାନ ବ୍ୟବସ୍ଥା ଆଲୋଚନାରେ ଲଟକିଛି



ହିଞ୍ଜିଳିକାଟୁ,(ନି.ପ୍ର): ଗଞ୍ଜାମ ଜିଲ୍ଲାର ୨ୟ ବୃହତ୍ତମ ସହର ଭାବେ ପରିଗଣିତ ହିଞ୍ଜିଳିକାଟୁ ପୌରାଞ୍ଚଳରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଅଣାୟତ ହେବାରେ ଲାଗିଛି । ଏହାକୁ ନେଇ ସାଧାରଣରେ ଚାପା ଅସନ୍ତୋଷ ପ୍ରକାଶ ପାଇଛି । ଖୋଲାଖୋଲି ଭାବେ ସଡ଼କ ନିୟମକୁ ଉଲଙ୍ଘନ କରି ଯାନବାହାନ ଗୁଡିକ ରାସ୍ତାରେ ପାର୍କିଂ କରିବା ନିୟମିତ ଅଭ୍ୟାସ ପାଲଟି ଯାଇଛି । ରାସ୍ତା ସଙ୍କୋଚନ କାରଣରୁ ସହରର ଟ୍ରାଫିକ ସମସ୍ୟା ବିପର୍ଯ୍ୟସ୍ତ ହୋଇପଡିଛି । ବିଶେଷକରି ସହରର ମୁଖ୍ୟ ଛକ ଗୁଡ଼ିକରେ ଏଭଳି ଅବ୍ୟବସ୍ଥିତ ପରିସ୍ଥିତ ସୃଷ୍ଟି ହେଉଛି । କିନ୍ତୁ ସମସ୍ୟାର ସମାଧାନ ପାଇଁ ତାଳିପକା ପଦକ୍ଷେପ ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଟ୍ରାଫିକ ସମସ୍ୟା ସୁଧାରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସିସିଟିଭି କ୍ୟାମେରା ଓ ଟ୍ରାଫିକ ପୋଲିସ ମୁତୟନ କରାଯାଉଛି । ପରିତାପର ବିଷୟ ହିଞ୍ଜିଳିକାଟୁ ପୌରାଞ୍ଚଳରେ ଟ୍ରାଫିକ ବ୍ୟବସ୍ଥା ସ୍ଥିତି ଗମ୍ଭୀର ହୋଇଥିବା ସତ୍ତ୍ୱେ କୌଣସି ପ୍ରକାର ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାନଯିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ । ୫୯ ନଂ ଜାତୀୟ ରାଜପଥ ତଥା ହିଞ୍ଜିଳିକାଟୁ ପୌରାଞ୍ଚଳର ମୁଖ୍ୟ ରାସ୍ତା ବଇଁଚବଣିଆ ଛକ ଠାରୁ ଆରଏମସି ଛକ ପର୍ଯ୍ୟନ୍ତ ସଦାସର୍ବଦା ଭିଡ ଜମୁଛି । ସହରର ବଇଁଚବଣିଆ, ଲକ୍ଷ୍ମୀ ବଜାର, ବିଜୁ ପଟ୍ଟନାୟକ ଛକ, ବସ ଟର୍ମିନାଲ, ତାରାତାରିଣୀ ରୋଡ଼, ବ୍ଲକ ଛକରେ ଟ୍ରାଫିକ ସମସ୍ୟା ଗୁରୁତର ରହିଥିବା ବେଳେ ଉକ୍ତ ସ୍ଥାନ ଗୁଡିକରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ କୌଣସି ବ୍ୟବସ୍ଥା ନାହିଁ । ସହରର ମୁଖ୍ୟ ସଡ଼କର ଉଭୟ ପାର୍ଶ୍ୱରେ ବହୁ ବ୍ୟବସାୟିକ ପ୍ରତିଷ୍ଠାନ ସମେତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଓ କାର୍ଯ୍ୟାଳୟ ରହିଛି । ରାତି ପାହିଲେ ସହରକୁ ଆସୁଥିବା ଅଧିକାଂଶ ଲୋକେ ନିଜ ନିଜର ଗାଡ଼ି ମୋଟରକୁ ବେଆଇନ ଭାବେ ମନଇଛା ପାର୍କିଂ କରିବା ଦେଖା ଯାଇଛି । ସ୍ଥାନୀୟ ସହର ମଧ୍ୟରେ କୌଣସି ନିର୍ଦ୍ଦିଷ୍ଟ ସ୍ଥାନକୁ ପାର୍କିଂ ଭାବେ ରହିନଥିବା ଯୋଗୁଁ ବହୁ ସମୟରେ ମୋଟର ସାଇକେଲ ସମେତ ୪ ଓ ୬ ଚକିଆ ଗାଡି ଗୁଡିକ ଜାତୀୟ ରାଜପଥ ପ୍ୱାର୍ଶ୍ୱରେ ଘଣ୍ଟା ଘଣ୍ଟା ଧରି ବେଆଇନ ଭାବେ ପାର୍କିଂ କରିଥାନ୍ତି । ଯଦ୍ୱାରା ସହର ମଧ୍ୟରେ ଯାନବାହନ ଚଳାଚଳରେ ଅସୁବିଧା ଦେଖାଦେବା ସହ ସହର ମଧ୍ୟରେ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ଗତ କିଛି ଦିନ ତଳେ ଟ୍ରାଫିକ ସମସ୍ୟା ସମାଧାନ ପାଇଁ ପୌରପରିଷଦ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରମୁଖ କାରଣ ଗୁଡିକୁ ତର୍ଜମା କରାଯାଇ ସମାଧାନ ଦିଗରେ ପ୍ରସ୍ତାବ ମାନ ଆଗତ ହୋଇଥିଲା । କିନ୍ତୁ କାଗଜ କଲମରେ ସୀମିତ ରହିଗଲା ସିନା ଟ୍ରାଫିକ ସମସ୍ୟା ପୂର୍ବଭଳି ବଳବତ୍ତର ରହିଛି । ଏଣେ ଟ୍ରାଫିକ ସମସ୍ୟାରେ ଅଣନିଃଶ୍ୱାସୀ ହୋଇ ଯାଆସ କରୁଥିବା ସାଧାରଣ ଲୋକଙ୍କର ଧନଜୀବନ କେବେ କେମିତି ମରଣ ମୁହଁରୁ ବର୍ତ୍ତି ଯାଇଥିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଫଳରେ ଟ୍ରାଫିକ ସମସ୍ୟାର ସମାଧାନ ସାଧାରଣ ଲୋକଙ୍କ ପାଇଁ କେବଳ ଆଲୋଚନାରେ ଲଟକି ରହିଛି ।

ତିଥି :(ପ୍ରତିପଦ): (ପୁଷ୍ୟାର୍କକଟ)
ଅମୃତ ବେଳା: ଦିବା ଘ ୭।୪୨ ଗତେ ଘ ୧୦।୫୪ ଗତେ

## ଆଜିର ଅନୁଚିନ୍ତନ

ଜୀର୍ଣ୍ଣ ବସ୍ତ୍ରଗୁଡ଼ିକୁ ପରିତ୍ୟାଗ କରି ମନୁଷ୍ୟ ଯେପରି ନୂତନ ବସ୍ତ୍ର ପରିଧାନ କରେ, ଠିକ୍ ସେହିପରି ଦେହୀ ପୁରାତନ ଶରୀର ତ୍ୟାଗ କରି ଅନ୍ୟ ନୂତନ ଶରୀରକୁ ଚାଲିଯାଏ।। - ଶ୍ରୀମଦ୍ ଭଗବଦ୍ ଗୀତା

# ସବୁଠୁ ବଡ଼ ବିଡ଼ମ୍ବନା

ବିଶ୍ୱର ପ୍ରାୟ ୨୦ ପ୍ରତିଶତ ଅଶୋଧିତ ତୈଳ ପରିବହନ ହୋଇଥାଏ ବହୁଚର୍ଚ୍ଚିତ ହର୍ମୁଜ ପ୍ରଣାଳୀରେ। ଏବେ ଏହା ଏକପ୍ରକାର ଅଚଳ। ଏହାକୁ ନେଇ ବିବାଦର ନିଆଁ ତେଜୁଛି। ଥମିବାର ନାଁ ନେଉନାହିଁ। ନିକଟରେ ଆମେରିକା ସେନାର ସେଣ୍ଟ୍ରାଲ କମାଣ୍ଡ କହିଲା ଆନ୍ତର୍ଜାତିକ ନିୟମ ଅନୁଯାୟୀ ହର୍ମୁଜରେ ଜାହାଜ ଚଳାଚଳ ସ୍ୱାଭାବିକ। ଏଥିରେ ଇରାନର କୌଣସି ନିୟନ୍ତ୍ରଣ ନାହିଁ। ଅପରପକ୍ଷେ ଇରାନ ସ୍ପଷ୍ଟ କରିଛି ହର୍ମୁଜରେ ଇରାନର କର୍ତ୍ତୃତ୍ୱ ହିଁ ସବୁଠୁ ବଡ଼ ଶକ୍ତି ବା ରଣନୀତିକ ହାତବାରିସି, ଯାହା ପରମାଣୁ ଅସ୍ତ୍ର ଠାରୁ ମଧ୍ୟ ଅଧିକ ପ୍ରଭାବଶାଳୀ। ତେବେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଦାବି ଯେହେତୁ ତେହେରାନ ଶାନ୍ତି ଚୁକ୍ତିକୁ ଭଙ୍ଗ କରିଛି ତେଣୁ ହର୍ମୁଜର ସୁରକ୍ଷା କର୍ତ୍ତା ହେଉଛି ଆମେରିକା। ତେଣୁ ସେହି ପ୍ରଣାଳୀ ଦେଇ ଅନ୍ୟ ଦେଶଗୁଡ଼ିକର ସମସ୍ତ ପଣ୍ୟବାହୀ ଜାହାଜର ସୁରକ୍ଷା ଦାୟିତ୍ୱ ଯେହେତୁ ଆମେରିକା ନେବ, ତେଣୁ ସମସ୍ତ ମାଲ ଉପରେ ୨୦ ପ୍ରତିଶତ ଶୁଳ୍କ ଦାବି କରିବ। ଉଲ୍ଲେଖ କରାଯାଇପାରେ ଯେ ଅଶୋଧିତ ତୈଳ ଦର ବିଶ୍ୱ ବଜାରରେ ଇତିମଧ୍ୟରେ ପ୍ରାୟ ୫ ପ୍ରତିଶତ ବୃଦ୍ଧି ପାଇଛି। ଫଳରେ ବ୍ୟାରେଲ ପିଛା ପାଖାପାଖି ୮୦ ଡଲାର ହୋଇଛି। ଏସବୁ ଭିତରେ ଯୁଦ୍ଧ ତୀବ୍ରତର ହୋଇଛି। ଯେପରିକି ନିକଟରେ ଇରାନର ୧୪୦ସ୍ଥାନକୁ ଆମେରିକା କ୍ଷେପଣାସ୍ତ୍ର ମାଡ଼ କରିଥିଲା। ପ୍ରତି ଜବାବରେ ୬ ଉପସାଗରୀୟ ରାଷ୍ଟ୍ରରେ ଥିବା ଆମେରିକୀୟ ସେନା ଘାଟିକୁ ଇରାନ ନିଶାଣ କରିଥିଲା। ନିକଟରେ ଇରାନର ପ୍ରାକ୍ତନ ସର୍ବୋଚ୍ଚ ଧର୍ମଗୁରୁ ଆୟାତୋଲ୍ଲା ଅଲ୍ଲୀ ଖାମନେଇଙ୍କ ଅନ୍ତ୍ୟେଷ୍ଟି ଶୋଭାଯାତ୍ରାରେ ମ୍ରିୟମାଣ ତଥା ଶୋକରେ ବୁଡିଥିବା ତେହେରାନ ଉପରେ ବୋମାମାଡ଼ କରିବାକୁ କୁଣ୍ଠିତ ହୋଇନଥିଲା ଆମେରିକା। ଏଭଳି ହେଉଛି ଆମେରିକାର ମାନସିକତା ଯାହାକୁ କିଭଳି ଭାବରେ ପରିଭାଷିତ କରାଯିବ ସେଥିଲାଗି ଶବ୍ଦର ହୁଏତ ଅଭାବ ହେବ। ଖୋଦ୍ ଆମେରିକା କଂଗ୍ରେସ ରାଷ୍ଟ୍ରପତି ଟ୍ରମ୍ପଙ୍କ ଇରାନ ଯୁଦ୍ଧକୁ ବିରୋଧ କରିସାରିଛି। ଏପରିକି ଟ୍ରମ୍ପଙ୍କ ନୀତି ଓ କାର୍ଯ୍ୟଧାରାକୁ ନେଇ ଆମେରିକାବାସୀ ତୀବ୍ର ସମାଲୋଚନା କରିଆସୁଛନ୍ତି। ଏହା ସତ୍ତ୍ୱେ ଟ୍ରମ୍ପଙ୍କ କ୍ଷେତ୍ରରେ କିଛି ଫରକ ପଡୁନାହିଁ। ସ୍ଥିତି ଏପରି ଉପୁଜିଲାଣି ଯେ ପ୍ରତିଶୋଧ ନେବା ପାଇଁ ଇରାନ ଯେଉଁ ପ୍ରୟାସ ଆରମ୍ଭ କରିଛି ଅର୍ଥାତ୍ ଏହାର ହିଟ୍ ଲିଷ୍ଟରେ ଶତ୍ରୁ ଭାବରେ ଯେଉଁ ୧୩ ଜଣଙ୍କୁ ଦର୍ଶାଇଛି ତାହାର ସବା ଆଗରେ ଅଛନ୍ତି ଟ୍ରମ୍ପ। ଇତିମଧ୍ୟରେ ରୁଷ ଇରାନକୁ ଏକ ସାମରିକ ବିମାନ ପ୍ରେରଣ କରିଛି ଯାହାକୁ 'ଡୁମସେଡେ' ଅର୍ଥାତ୍ ପ୍ରଳୟର ଦିନ ଭାବରେ ବିବେଚନା କରାଯାଉଛି। ଯାହା ମନେ ହେଉଛି ହୁଏତ ଅର୍ନ୍ତଦ୍ୱନ୍ଦ୍ୱ ବଢି ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ସ୍ଥିତି ମୁହାଁଇପାରେ।

ଏକବିଂଶ ଶତାବ୍ଦୀରେ ମଣିଷ ପାଖରେ ଯୁଦ୍ଧ କରିବାର ଯାବତୀୟ ପ୍ରଯୁକ୍ତି ସାଙ୍ଗକୁ କ୍ଷେତ୍ର ବ୍ୟାପକ ରହିଛି। ସାଇବର ସ୍ପେସ୍, ଅର୍ଥନୀତି, ଜଳବାୟୁ, ସୂଚନା ପ୍ରଭୃତିକୁ ଏହାର କ୍ଷେତ୍ର ସଂପ୍ରସାରିତ ହୋଇଛି। କିନ୍ତୁ ଯୁଦ୍ଧ ଅଟକାଇବାର ରାଜନୈତିକ ଇଚ୍ଛାଶକ୍ତି କ୍ରମଶଃ କ୍ଷୀଣ ହିଁ ଦିଶୁଛି। ଆମେରିକାର ଅହେତୁକ ସାମ୍ରାଜ୍ୟବାଦ, ମିଥ୍ୟା ଅହଂକାର ତଥା ବାଣିଜ୍ୟିକ କ୍ଷୁଧା ସାରା ବିଶ୍ୱକୁ ଛଟପଟ କରୁଛି ଏବଂ ଅନିଶ୍ଚିତତା ଭିତରକୁ ଠେଲି ଦେଇଛି, ଏ ବାବଦରେ ଆମେରିକାର ହୃଦ୍‌ବୋଧ ନ ହେବା ବିଶ୍ୱରେ ଏବେ ସବୁଠୁ ବଡ଼ ବିଡ଼ମ୍ବନା।

# ସ୍ୱଚ୍ଛତା ଆଣିବ ଡିଜିଟାଲ ଇଣ୍ଡିଆ

ସ୍ୱଚ୍ଛ, ଦକ୍ଷ ଏବଂ ନାଗରିକ-କୈନ୍ଦ୍ରିକ କରିବା ସହ ସମଗ୍ର ଦେଶରେ ସର୍ବାଙ୍ଗୀନ ବିକାଶକୁ ତ୍ୱରାନ୍ୱିତ କରିଛି । ଏହି ପ୍ରୟାସ ଜୀବନର ପ୍ରତ୍ୟେକ ଦିଗକୁ ସ୍ପର୍ଶ କରିଛି, ସରଳ ଡିଜିଟାଲ ପେମେଣ୍ଟ ଏବଂ ସ୍ୱଚ୍ଛ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫରରୁ ଆରମ୍ଭ କରି ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମିର ବିସ୍ତାର ପର୍ଯ୍ୟନ୍ତ, ପ୍ରଯୁକ୍ତିବିଦ୍ୟାକୁ 'ସହଜ ଜୀବନଯାପନ' ନିମନ୍ତେ ଏକ ଶକ୍ତିଶାଳୀ ମାଧ୍ୟମ କରିଛି ।ଏକ ବିଲିୟନରୁ ଅଧିକ ଭାରତୀୟ ପ୍ରଯୁକ୍ତିବିଦ୍ୟାକୁ ବ୍ୟାପକ ଭାବରେ ଗ୍ରହଣ କରିବା ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଛି, ଫଳରେ ଡିଜିଟାଲ ଇଣ୍ଡିଆ ବିକଶିତ ଏବଂ ଆତ୍ମନିର୍ଭରଶୀଳ ଭାରତ ପାଇଁ ଏକ ମଜଭୁତ ମୂଳଦୁଆରେ ପରିଣତ ହୋଇଛି । ଡିଜିଟାଲ ଇଣ୍ଡିଆ ଦେଶର ପ୍ରତ୍ୟେକ ସ୍ଥାନ ବିଶେଷକରି ଗ୍ରାମ ଏବଂ ଟାୟାର-୨ ତଥା ଟାୟାର-୩ ସହରରେ ନବାଚାର ପହଞ୍ଚାଇଛି । ସମଗ୍ର ଭାରତରୁ ଯୁବ ଉଦ୍ୟୋଗୀ, ଷ୍ଟାର୍ଟଅପ୍ ଏବଂ ନବସୃଜନକାରୀମାନେ ବିଶ୍ୱର କିଛି ପ୍ରମୁଖ ଆହ୍ୱାନର ମୁକାବିଲା ପାଇଁ ସମାଧାନ ବିକଶିତ କରୁଛନ୍ତି ।ଏହି ପଦକ୍ଷେପ ଶିକ୍ଷା, ସ୍ୱାସ୍ଥ୍ୟସେବା, କୃଷି, ବାଣିଜ୍ୟ ଏବଂ ସାର୍ବଜନୀନ ସେବା ଯୋଗାଣ ଭଳି ପ୍ରମୁଖ କ୍ଷେତ୍ରଗୁଡିକୁ ସୁଦୃଢ଼ କରିଛି, ଯାହା ଶାସନକୁ ଅଧିକ ସୁଗମ, ସ୍ୱଚ୍ଛ ଏବଂ ଦକ୍ଷ କରିଛି । କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ସେମିକଣ୍ଡକ୍ଟର ଏବଂ କ୍ୱାଣ୍ଟମ କମ୍ପ୍ୟୁଟିଂ ଭଳି କ୍ଷେତ୍ରରେ ଦେଶର ପ୍ରଗତି ଅଭିବୃଦ୍ଧି ତଥା ସୁଯୋଗ ପାଇଁ ୬



ନୂତନ ରାସ୍ତା ଖୋଲିବ ।'ଡିଜିଟାଲ ଇଣ୍ଡିଆ' ପଦକ୍ଷେପ ଆରମ୍ଭ ହେବାର ୧୧ ବର୍ଷ ପୂରଣ ହେଉଛି । ଏହି ପଦକ୍ଷେପ ଶାସନକୁ ପୁନଃପରିଭାଷିତ କରିଛି, ନାଗରିକମାନଙ୍କୁ ସଶକ୍ତ କରିଛି ଏବଂ ସର୍ବାଙ୍ଗୀନ ବିକାଶକୁ ତ୍ୱରାନ୍ୱିତ କରିଛି । ଏହା ଜୀବନର ପ୍ରତ୍ୟେକ ଦିଗକୁ ପ୍ରଭାବିତ କରିଛି । ସରଳ ଡିଜିଟାଲ ପେମେଣ୍ଟ ଏବଂ ସ୍ୱଚ୍ଛତା ସହିତ ହିତାଧିକାରୀମାନଙ୍କ ପାଖରେ ସିଧାସଳଖ ଲାଭ ପହଞ୍ଚିବାଠାରୁ ଆରମ୍ଭ କରି ସମ୍ପ୍ରସାରିତ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି ପର୍ଯ୍ୟନ୍ତ, ପ୍ରଯୁକ୍ତିବିଦ୍ୟା ସହଜ ଜୀବନଯାପନକୁ ଆଗକୁ ବଢ଼ାଇବା ପାଇଁ ଏକ ଶକ୍ତିଶାଳୀ ଉପକରଣ ପାଲଟିଛି ।ଡିଜିଟାଲ ଇଣ୍ଡିଆ ଭାରତର ସମସ୍ତ ଅଂଶ, ବିଶେଷକରି ଗ୍ରାମ, ଟାୟାର-୨ ଏବଂ ଟାୟାର-୩ ସହରଗୁଡିକରେ ନବାଚାର ପହଞ୍ଚାଇଛି । ଦେଶର ପ୍ରତ୍ୟେକ କୋଣରୁ ଯୁବ ଉଦ୍ୟୋଗୀ, ଷ୍ଟାର୍ଟଅପ୍ ଏବଂ ନବସୃଜନକାରୀମାନେ ଆମ ପୃଥିବୀ ସମ୍ମୁଖୀନ ହେଉଥିବା ପ୍ରମୁଖ ଆହ୍ୱାନର ସମାଧାନ କରୁଛନ୍ତି । ଏହି ପଦକ୍ଷେପ ଶିକ୍ଷା, ସ୍ୱାସ୍ଥ୍ୟସେବା, କୃଷି, ବାଣିଜ୍ୟ ଏବଂ ସାର୍ବଜନୀନ ସେବା ଯୋଗାଣକୁ ସୁଦୃଢ଼ କରିଛି, ଯାହା ପ୍ରଶାସନକୁ ଅଧିକ ସ୍ୱଚ୍ଛ, ଦକ୍ଷ ଏବଂ ସୁଗମ କରିଛି ।ଡିଜିଟାଲ ଦୁନିଆରେ ଆମର ଅଗ୍ରଗତି ଏହା ସୁନିଶ୍ଚିତ କରିଛି ଯେ, ଭାରତ ଏଆଇ, ସେମିକଣ୍ଡକ୍ଟର, କ୍ୱାଣ୍ଟମ କମ୍ପ୍ୟୁଟିଂ ଏବଂ ଅନ୍ୟାନ୍ୟ ଉଦୀୟମାନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଦ୍ରୁତ ପ୍ରଗତି କରୁଛି । ଏହା ମଧ୍ୟ ଅଭିବୃଦ୍ଧି ଏବଂ ସୁଯୋଗ ପାଇଁ ନୂତନ ରାସ୍ତା ଖୋଲିବ । ଆମର ଧ୍ୟାନ ଏପରି ଏକ ଭବିଷ୍ୟତ ନିର୍ମାଣ କରିବା ଉପରେ ରହିବ ଯେଉଁଠାରେ ପ୍ରଯୁକ୍ତିବିଦ୍ୟା ମାନବତାର ସେବା କରିବ, ପ୍ରତ୍ୟେକ ନାଗରିକକୁ ସଶକ୍ତ କରିବ ଏବଂ ସ୍ଥାୟୀ ବିକାଶକୁ ଆଗେଇ ନେବ । ଯେତେବେଳେ ଏକ ବିଲିୟନରୁ ଅଧିକ ଲୋକ ପ୍ରଯୁକ୍ତିବିଦ୍ୟାକୁ ଆପଣେଇ ନିଅନ୍ତି, ସେତେବେଳେ ଏହାର ପ୍ରଭାବ ପରିବର୍ତ୍ତନକାରୀ ହୋଇଥାଏ !ଡିଜିଟାଲ ଇଣ୍ଡିଆ ବିକଶିତ ଏବଂ ଆତ୍ମନିର୍ଭର ଭାରତର ମଜଭୁତ ମୂଳଦୁଆ ଅଟେ । ଗତ ୧୧ ବର୍ଷ ମଧ୍ୟରେ ଏହା ଗରିବ ଏବଂ ଦଳିତମାନଙ୍କର ସଶକ୍ତିକରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହ ଦେଶବାସୀଙ୍କ ଜୀବନକୁ ସୁଗମ କରିଛି ।

# ଭାରତର ସମୃଦ୍ଧି ସଂକଟ

**ମହାମେଘବାହନ ଐର ଖାରବେଳ ସ୍ୱାଇଁ**

**"ଦେଶରେ ଅଳ୍ପ ଲୋକ ଅଛନ୍ତି ଯେଉଁମାନେ ରାଷ୍ଟ୍ରର ମୁଣ୍ଡପିଛା ଆୟ ଅପେକ୍ଷା କମ୍ ରୋଜଗାର କରନ୍ତି ଏବଂ ସେଥିପାଇଁ ସେମାନଙ୍କର ସବ୍‌ସିଡି ଆବଶ୍ୟକତା ଅଛି । ତେଣୁ ପ୍ରଶ୍ନ ହେଉଛି କେତେ ଲୋକ ଅଛନ୍ତି ଏବଂ ସେମାନେ ସଂଖ୍ୟାଧିକ କି ? ଯେଉଁମାନେ ଏହାକୁ ରୋଜଗାର କରନ୍ତି ସେମାନେ ସମାଜର ସମୃଦ୍ଧି ପାଇଁ ଏହାକୁ ଖର୍ଚ୍ଚ କରନ୍ତି । ୟୁରୋପର ସମୃଦ୍ଧି ଆପେ ଆପେ ହୋଇଯାଇନାହିଁ । ସେଠାରେ ମୁଣ୍ଡପିଛା ଜିଡିପି ହାର ଅଧିକ ଅଟେ । ଲୋକଙ୍କର ଖର୍ଚ୍ଚ ମଧ୍ୟ ମୁଣ୍ଡପିଛା ଅଧିକ ଅଟେ । ଏ ସମୃଦ୍ଧି ହେଉଛି ଅଭିବୃଦ୍ଧି ଦ୍ରବ୍ୟ, ଯାହାକି ସମୃଦ୍ଧିର ଲକ୍ଷଣ ଅଟେ । ଅଧିକ ସଂଖ୍ୟକ ଲୋକମାନଙ୍କର ଏହି ସମୃଦ୍ଧି ଆସିଛି ସେମାନଙ୍କର ମୁଣ୍ଡପିଛା ରୋଜଗାର ବୃଦ୍ଧି ପାଉଛି, ଫଳରେ ଦେଶର ମୋଟ ଅଭିବୃଦ୍ଧି ଘଟୁଛି । ଏହାକୁ କୁହାଯାଏ ସମସ୍ତଙ୍କ ଅଭିବୃଦ୍ଧି ବା ମିଳିତ ଅଭିବୃଦ୍ଧି ।**

ଚୀନର ପୂର୍ବତନ ରାଷ୍ଟ୍ରପତି ଡେଙ୍ଗ ଜିଆଓପିଙ୍ଗ ଥରେ କହିଥିଲେ ଯେ, ଧନୀ ହେବା ଗୋଟିଏ ମହାନ କଥା । ଗରିବ ହେବା ହେଉଛି ମନୁଷ୍ୟତାରୁ ନିମ୍ନ ସ୍ତରର । ଯେଉଁ ବ୍ୟକ୍ତିମାନେ ଅତିରିକ୍ତ ଦାରିଦ୍ର୍ୟରେ ଅଛନ୍ତି ସେମାନେ ପୃଥିବୀରୁ ଅବଲୁପ୍ତ ହେବାର ଅବସ୍ଥାରେ ଅଛନ୍ତି । ସେମାନେ ସରକାରଙ୍କ ପାଖରୁ ଦୟାର ଭିକ୍ଷା ଚାହାନ୍ତି ବା ଅନୁକମ୍ପା ଚାହାନ୍ତି ବଞ୍ଚିବା ପାଇଁ । ସେମାନଙ୍କର ପିଲାମାନଙ୍କ ପାଇଁ ଏହି ଦୁର୍ଭାଗ୍ୟକୁ କାଟିବାର କୌଣସି ଉପାୟ ନ ଥାଏ । ଯଦି କେହି ସାହାଯ୍ୟ କରେ ତା'ହେଲେ କଥା ଅଲଗା । ଅତିରିକ୍ତ ଏବଂ ଲଗାତାର ଦାରିଦ୍ର୍ୟ ସବୁବେଳେ ଲାଗି ରହିଥାଏ । ଏହା ହେଉଛି ଗୋଟିଏ ରୋଗ ଯାହାର ନିରାକରଣ ନାହିଁ । ଏହି କାରଣ ପାଇଁ ବିଶ୍ୱ ସହସ୍ରାବ୍ଦୀ ଲକ୍ଷ୍ୟ ବିକାଶ ପାଇଁ (ଏମ୍‌ଡିଜି) ୨୦୨୦ ସୁଦ୍ଧା ବିଶ୍ୱରୁ ଅତିରିକ୍ତ ଦାରିଦ୍ର୍ୟକୁ ଦୂର କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲା । ଯାହା ହେଉ ଅନ୍ତତଃ ଭାରତରେ ଏହି ଲକ୍ଷ୍ୟ ସାଧିତ ହୋଇଛି । ଭାରତର ଅତିରିକ୍ତ ଦାରିଦ୍ର୍ୟ ୪୩ କୋଟି ୧୦ ଲକ୍ଷରୁ କମି ୧୯୯୦ରେ ୭ କୋଟି ୫୦ ଲକ୍ଷ ହୋଇଥିଲା । ଏବେ ତା'ଠାରୁ ଉତ୍କଟ ଦାରିଦ୍ର୍ୟ ଆହୁରି କମିଲାଣି । ପରବର୍ତ୍ତୀ ଲକ୍ଷ୍ୟ ହେଉଛି ସାର୍ବଜନୀନ ସମୃଦ୍ଧି ମଧ୍ୟ ବଢ଼ିଛି । ଏହାର ଅର୍ଥ ହେଉଛି ଜୀବନଧାରଣର ମୌଳିକ ଆବଶ୍ୟକତାକୁ ପୂରଣ କରିବା, ଫଳରେ ନିଜ ପାଖରେ ଜିନିଷ କିଣିବା ପାଇଁ ଯଥେଷ୍ଟ ଧନ ଥିବ ଏବଂ ସେଥିପାଇଁ ସବ୍‌ସିଡିର ଆବଶ୍ୟକ ପଡ଼ିବନାହିଁ । ସମୃଦ୍ଧିର ଅର୍ଥ ହେଲା ଖାଦ୍ୟ, ବସ୍ତ୍ର, ଭଲ ଘର, ସ୍ୱାସ୍ଥ୍ୟ ସେବା ଓ ଶିକ୍ଷା । ଏ ସମସ୍ତ ଦ୍ରବ୍ୟ ଓ ବିଶେଷ କରି ଶିକ୍ଷା ଓ ସ୍ୱାସ୍ଥ୍ୟସେବା ସମସ୍ତଙ୍କୁ ଦିଆଯାଉଛି କି ନାହିଁ କହିହେବନାହିଁ । କିନ୍ତୁ ପ୍ରଶ୍ନ ତାହା ନୁହେଁ । ପ୍ରଶ୍ନ ହେଉଛି ଦକ୍ଷତା ଏବଂ ସାର୍ବଜନୀନ ଭାବରେ ଏ ସମୃଦ୍ଧି ସମସ୍ତଙ୍କ ପାଖକୁ ଯାଇଛି କି ନାହିଁ । ଏହା ସମସ୍ତଙ୍କ ଦ୍ୱାରା ପାଇବା ସମ୍ଭବ ହେବ କି ଏବଂ କାହାରିକୁ ସବ୍‌ସିଡି ନ ଦେଇ ମଧ୍ୟ ଏସବୁ ମିଳିବ କି ? ଯଦି ଅର୍ଥନୀତିରେ ଅଧିକାଂଶ ଲୋକ ଏ ସବୁ କଥା ପାଆନ୍ତି ତା'ହେଲେ ଅର୍ଥନୀତିକୁ ୫ଟି କଥା ମିଳିବ, ଯାହାକୁ ସମୃଦ୍ଧିର ସଂକେତ ବୋଲି କୁହାଯାଏ ଏବଂ ଦେଶ ବିକଶିତ ବୋଲି କୁହାଯିବ । ଭାରତ ଏହି ସମୃଦ୍ଧିର ପ୍ରାଥମିକ ସ୍ତରରେ ପହଞ୍ଚିଛି । ବ୍ୟକ୍ତିମାନଙ୍କର ମୁଣ୍ଡପିଛା ଆୟ ଅଧିକ ହେଲେ ଏହା ଘଟେ ।

ଦେଶରେ ଅଳ୍ପ ଲୋକ ଅଛନ୍ତି ଯେଉଁମାନେ ରାଷ୍ଟ୍ରର ମୁଣ୍ଡପିଛା ଆୟ ଅପେକ୍ଷା କମ୍ ରୋଜଗାର କରନ୍ତି ଏବଂ ସେଥିପାଇଁ ସେମାନଙ୍କର ସବ୍‌ସିଡି ଆବଶ୍ୟକତା ଅଛି । ତେଣୁ ପ୍ରଶ୍ନ ହେଉଛି କେତେ ଲୋକ ଅଛନ୍ତି ଏବଂ ସେମାନେ ସଂଖ୍ୟାଧିକ କି ? ଯେଉଁମାନେ ଏହାକୁ ରୋଜଗାର କରନ୍ତି ସେମାନେ ସମାଜର ସମୃଦ୍ଧି ପାଇଁ ଏହାକୁ ଖର୍ଚ୍ଚ କରନ୍ତି । ୟୁରୋପର ସମୃଦ୍ଧି ଆପେ ଆପେ ହୋଇଯାଇନାହିଁ । ସେଠାରେ ମୁଣ୍ଡପିଛା ଜିଡିପି ହାର ଅଧିକ ଅଟେ । ଲୋକଙ୍କର ଖର୍ଚ୍ଚ ମଧ୍ୟ ମୁଣ୍ଡପିଛା ଅଧିକ ଅଟେ । ଏ ସମୃଦ୍ଧି ହେଉଛି ଅଭିବୃଦ୍ଧି ଦ୍ରବ୍ୟ, ଯାହାକି ସମୃଦ୍ଧିର ଲକ୍ଷଣ ଅଟେ । ଅଧିକ ସଂଖ୍ୟକ ଲୋକମାନଙ୍କର ଏହି ସମୃଦ୍ଧି ଆସିଛି ସେମାନଙ୍କର ମୁଣ୍ଡପିଛା ରୋଜଗାର ବୃଦ୍ଧି ପାଉଛି, ଫଳରେ ଦେଶର ମୋଟ ଅଭିବୃଦ୍ଧି ଘଟୁଛି । ଏହାକୁ କୁହାଯାଏ ସମସ୍ତଙ୍କ ଅଭିବୃଦ୍ଧି ବା ମିଳିତ ଅଭିବୃଦ୍ଧି । ଦେଶରେ ଯେଉଁ ହାରରେ ଜନସଂଖ୍ୟା ବଢୁଛି ସେହି ହାରରେ ଯଦି ମୁଣ୍ଡପିଛା ଆୟ ବଢ଼େ ତାହା ଅର୍ଥନୀତି ପାଇଁ ଅତ୍ୟନ୍ତ ସହାୟକ ହେବ । କାରଣ ଏହା ଫଳରେ ଅର୍ଥନୀତି ଏକ ସମୃଦ୍ଧ ସମାଜ ଗଠନରେ ସାହାଯ୍ୟ କରିବ । ସମାଜରେ କୋଟିପତି ଓ ଖର୍ବପତିମାନେ ଅଛନ୍ତି । କିନ୍ତୁ ଯଦି ସେହି ଖର୍ବପତିମାନଙ୍କ ସଂଖ୍ୟା ଅଧିକରୁ ଅଧିକ ବଢ଼େ ଏବଂ ଯଦି ସଂଖ୍ୟାଗରିଷ୍ଠ ଲୋକ ଦେଖନ୍ତି ଯେ, ଏ ଧରଣର ଅଭିବୃଦ୍ଧି ଅଟକି ରହିଛି ତା'ହେଲେ ଦେଶର ସମୃଦ୍ଧି ଲୋକଙ୍କର ଉନ୍ନତି ପାଇଁ କାମ କରୁନାହିଁ । ଏହାର ଅର୍ଥ ହେଉଛି ଆୟର ବୃଦ୍ଧି ହେଉଛି ଅଭିବୃଦ୍ଧିର ଉତ୍‌ଥାନ । କାରଣ ଏଥିରେ ଲୋକମାନଙ୍କ ଭିତରେ ଆୟର ତାରତମ୍ୟ ହେତୁ କିଛି କିଛି ଆୟର ହସ୍ତାନ୍ତରଣ ଧନୀ ପାଖରୁ ଗରିବ ଲୋକଙ୍କୁ ହେବ । ଲୋକ ଯଦି ଗରିବ ରହନ୍ତି ଏବଂ ଆୟ ବଢ଼େ, କାରଣ ସରକାର ଧନୀଠାରୁ ଗରିବ ଲୋକକୁ ଅର୍ଥର ହସ୍ତାନ୍ତରଣ କରନ୍ତି, ତା'ହେଲେ ଏହା ସମସ୍ତଙ୍କର ଅଭିବୃଦ୍ଧି ବୋଲି କୁହାଯାଇପାରିବନାହିଁ । ଏହାକୁ କ୍ଷତିପୂରଣ ଆୟ ବୋଲି କୁହାଯିବ । ଲୋକମାନଙ୍କୁ କ୍ଷତିପୂରଣ ଆକାରରେ ଯାହା ଦିଆଯାଉଛି ତାହା ଅର୍ଥନୈତିକ ପଦ୍ଧତିର ବିଫଳତା ବୋଲି କୁହାଯିବ । କାରଣ ଯେଉଁମାନେ ଅଧିକ ଆୟ କରୁଛନ୍ତି ସେମାନଙ୍କୁ ଅଧିକ ଆୟ କରିବା ପାଇଁ ଆଉ ଉତ୍ସାହ ମିଳିବନାହିଁ । ଯଦି ବହୁ ସଂଖ୍ୟକ ଲୋକ ଏହି ଧରଣର ହାତଟେକା ଅର୍ଥ ଉପରେ ନିର୍ଭର କରନ୍ତି, ତା'ହେଲେ ଦେଶକୁ ସମୃଦ୍ଧି ଦିଆଯାଉନାହିଁ ବୋଲି କହିବାକୁ ହେବ । ଜାପାନ, ଚୀନ, ଦକ୍ଷିଣ କୋରିଆ ଏବଂ ଚିଲ୍ଲି ଏ ସମ୍ପର୍କରେ ସୂଚନା ଦିଏ ଯେ, ସମୃଦ୍ଧିର ଏବଂ ଅନ୍ତର୍ଭୁକ୍ତିକରଣର ସମୟ ଆସିଛି, ଯାହା ସମୃଦ୍ଧିକୁ ନେଇ ହେଉଛି । ଏ ଧରଣର ବର୍ତ୍ତମାନର ଅଭିବୃଦ୍ଧି ଉତ୍ପାଦକମାନଙ୍କୁ ଅଧିକ ଦ୍ରବ୍ୟ ଉତ୍ପାଦନ କରିବା ପାଇଁ ଓ ଶସ୍ତାରେ ଶ୍ରମିକ ପାଇବା ପାଇଁ ପ୍ରୋତ୍ସାହିତ କରୁଛି । କିନ୍ତୁ ସମୟ କ୍ରମେ ଲୋକଙ୍କ ମଜୁରି ବହୁ ଭାବରେ ସାରା ଦେଶରେ ବଢ଼ିଲା, ଯାହା ଫଳରେ ଦେଶର ଅଭିବୃଦ୍ଧି ଅଧିକ ସମୃଦ୍ଧିଶାଳୀ ହେଲା । ଏହା ମଧ୍ୟ ଦେଶରେ ଖର୍ବପତିମାନଙ୍କୁ ସୃଷ୍ଟି କଲା । କିନ୍ତୁ ଏହା ସହିତ ଲୋକମାନଙ୍କର ପୁଞ୍ଜି ଲଗାଣ ବିଶ୍ୱ ଶ୍ରେଣୀର ସ୍ୱାସ୍ଥ୍ୟ ଏବଂ ଶିକ୍ଷା ବ୍ୟବସ୍ଥାକୁ ଠିଆ କରେଇଲା ଏବଂ ରହି ହେଉଥିବା ନଗରୀମାନ ଗଢ଼ି ଉଠିଲା । କେବଳ ସେତିକି ନୁହେଁ ଗ୍ରାମାଞ୍ଚଳରେ ମଧ୍ୟ ସୁନ୍ଦର ଘର ତିଆରି ହେଲା, ଯାହା ବ୍ୟାପକ ସମୃଦ୍ଧିର ଲକ୍ଷଣ ହେଲା । ଅନ୍ୟ ପକ୍ଷରେ ଦେଖିବାକୁ ଗଲେ ବ୍ରାଜିଲ, ତୁର୍କୀ, ଆର୍ଜେଣ୍ଟିନା, ଥାଇଲାଣ୍ଡ ଓ ଫିଲିପାଇନ୍ସ ସେମାନଙ୍କ ଦେଶରେ ଅନ୍ତର୍ଭୁକ୍ତିମୂଳକ ବିକାଶ ସୃଷ୍ଟି କରିପାରିଲେ ନାହିଁ । ସେ ଦେଶରେ ଖର୍ବପତିମାନେ ମଧ୍ୟ ଅଛନ୍ତି । କିନ୍ତୁ ସେ ଦେଶରେ ସମୃଦ୍ଧି ନାହିଁ । ଏ ପର୍ଯ୍ୟନ୍ତ ମଧ୍ୟ ସେ ଦେଶରେ ମଧ୍ୟମ ଧରଣର ଆୟ ଜାଲରେ ଏ ପର୍ଯ୍ୟନ୍ତ ପଡ଼ି ରହିଛନ୍ତି । ସେଠାରେ ଜିଡିପି ଗୋଟିଏ ମର୍ଯ୍ୟାଦାଜନକ ସ୍ତରକୁ ଉଠିଛି । କିନ୍ତୁ ସେ ଦେଶର ଅଧିକାଂଶ ଲୋକ ସରକାରୀ ବଦଳି ଓ ସରକାରୀ ଅନୁଦାନ ନିଜର ମୌଳିକ ଆବଶ୍ୟକତା ପୂରଣ ପାଇଁ ଓ ଭଲରେ ରହିବା ପାଇଁ ଆଶା କରନ୍ତି । ପ୍ରଶ୍ନ ଉଠେ ଭାରତରେ କ'ଣ ହେଉଛି ? ୧୯୮୦ରୁ ୨୦୧୦ ପର୍ଯ୍ୟନ୍ତ ଦେଶରେ ଆଶାଠାରୁ ଅଧିକ ଅଭିବୃଦ୍ଧି ହେଲା ଏବଂ ଅନ୍ତର୍ଭୁକ୍ତିମୂଳକ ସମୃଦ୍ଧିରେ କିଛିଟା ଅଭିବୃଦ୍ଧି ହେଲା ଏବଂ ସେଥିରେ ଦାରିଦ୍ର୍ୟ ଦୂରୀକରଣର ବେଗ କିଛି କମିଲା । ଭାରତ ଏ ସବୁ ହାସଲ କଲା ଯେତେବେଳେ ବଡ଼ ଧରଣର ଉତ୍ପାଦନ ଭିତ୍ତିକ ରପ୍ତାନୀ କଲାନାହିଁ । ଅବଶ୍ୟ ଭାରତରେ ରପ୍ତାନି ଓ ସେବା ସମାଜକୁ ସମୃଦ୍ଧ କରିବାରେ ଗୋଟିଏ ଭୂମିକା ଗ୍ରହଣ କରିଥିଲା । ବିଶେଷ କରି ଭାରତର ଦକ୍ଷିଣ ଓ ପଶ୍ଚିମ ଅଞ୍ଚଳରେ ଏହା ଘଟିଲା । ସେ ରାଜ୍ୟଗୁଡ଼ିକ ଘରୋଇ ଖର୍ଚ୍ଚକୁ ବଢ଼ାଇ ନିଜର ସମୃଦ୍ଧି ଆଣିଲା ଏବଂ ବାସ୍ତବ ମଜୁରିକୁ ବଢ଼ାଇ ଚାଲିଲେ । ସେମାନେ କୃଷିରେ ମଧ୍ୟ ଅଭିବୃଦ୍ଧି ଆଣିଲେ ।

ଭାରତର ସବୁଠାରୁ ଉପରେ ଥିବା ୧୦% ଲୋକ ଦେଖିଲେ ଯେ, ସମୃଦ୍ଧିରେ ବହୁତ ଅଭିବୃଦ୍ଧି ହୋଇଛି, ଯାହାକୁ ଆଗାମୀ ୪୦%ରୁ ୬୦% ଲୋକଙ୍କ ପାଖକୁ ଗଲା । କିନ୍ତୁ ୨୦୧୧ ପରେ ଭାରତ ସମୃଦ୍ଧିକୁ ପରବର୍ତ୍ତୀ ପର୍ଯ୍ୟାୟକୁ ଉଠେଇ ପାରିଲା ନାହିଁ । ଏଠାରେ ୧୫୦ କୋଟି ଲୋକ ରହିଲେ । ସେମାନଙ୍କର ଆୟ ସ୍ଥିର ହୋଇ ରହିଲା । ବିଭିନ୍ନ ଅଞ୍ଚଳ ମଧ୍ୟରେ ଅସମାନତା ବଢ଼ିବାରେ ଲାଗିଲା, ଯାହା ଫଳରେ ସଂଖ୍ୟାଧିକ ଲୋକସଂଖ୍ୟା ଥିବା ଉତ୍ତର ଏବଂ ପୂର୍ବାଞ୍ଚଳର ମୁଣ୍ଡପିଛା ଆୟ ହେଉଛି ଦକ୍ଷିଣ ଭାରତର ଆୟର ଏକ-ଚତୁର୍ଥାଂଶ । ଏହା ଫଳରେ ଜନସାଧାରଣଙ୍କ ଖର୍ଚ୍ଚରେ ବହୁତ ପାର୍ଥକ୍ୟ ଆସିଲା । ଗରିବ ଲୋକମାନଙ୍କୁ ଦାରିଦ୍ର୍ୟ ପାଖରୁ ଦୂରରେ ରଖିବା ପାଇଁ ସେମାନଙ୍କୁ ସବ୍‌ସିଡି ଦିଆଗଲା । କାରଣ ସେମାନେ ସମୃଦ୍ଧି ପାଇଁ ଅର୍ଥ ଖର୍ଚ୍ଚ କରିପାରିଲେନାହିଁ । ସେମାନଙ୍କର ଆୟ ଯେତିକି ଥିଲା ସେଥିରେ ଏହି ଖର୍ଚ୍ଚ ହୋଇପାରିଲାନାହିଁ । ଭାରତରେ ୩୦ କୋଟି ଲୋକଙ୍କ ପାଇଁ ଖାଦ୍ୟ, ଗ୍ୟାସ୍ ସିଲିଣ୍ଡର ଏବଂ କିଣି ହେଉଥିବା ଘର, ମାଗଣା ବସ୍ ସେବା ମହିଳାମାନଙ୍କ ପାଇଁ ଚାଲୁ ହେଲା । ବର୍ତ୍ତମାନ ଦେଶର ଆର୍ଥିକ ଖର୍ଚ୍ଚ ବ୍ୟବହୃତ ହେଉଛି ଘର ତିଆରିରେ ନୁହେଁ, ଲୋକମାନଙ୍କୁ ଜୀବିକା ଦେବା ପାଇଁ ନୁହେଁ ଏବଂ ଉନ୍ନତ ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ଜନସାଧାରଣଙ୍କର ପରିବହନ ବ୍ୟବସ୍ଥା ପାଇଁ ନୁହେଁ । ଅଧିକାଂଶ ଲୋକଙ୍କର ସମୃଦ୍ଧି ବିଫଳତା ପାଇଁ ଏ କଥା ଘଟିଲା ଏବଂ ଏବେ ପ୍ରଶ୍ନ ଉଠୁଛି ଭାରତର ସମୃଦ୍ଧି ଅଧିକ ବା ନିମ୍ନ । ସମୃଦ୍ଧିର ରୋଗର ବିଫଳତା ଶିକ୍ଷା କ୍ଷେତ୍ରକୁ ବ୍ୟାପିଛି । ବିଶେଷ କରି ଜେନ୍‌ଜେଡ୍ ଅର୍ଥାତ୍ ସର୍ବସାଧାରଣ ଯୁବକଯୁବତୀମାନଙ୍କ କ୍ଷେତ୍ରରେ ଏହା ଘଟିଛି । ଏହିମାନଙ୍କର ଦୈନିକ ମଜୁରି କମିବାରେ ଲାଗିଛି ଏବଂ ଗୋଟିଏ ଜାଗାରେ ଦରମା ସ୍ଥିର ହୋଇ ରହିଛି । ୩୦ ବର୍ଷ ପୂର୍ବେ ସରକାରୀ ଚାକିରିରେ ପ୍ରବେଶର ସ୍ତର, ଯେଉଁମାନେ ଅବସର ଗ୍ରହଣ ପୂର୍ବରୁ ଯାହା ଦରମା ପାଉଥିଲେ ସେମାନେ ଆୟକର ଦେଉଥିଲେ ଏବଂ ସେମାନେ ସେତେବେଳେ ଯୁବକ ଥିଲେ। ସେମାନଙ୍କ ନିକଟରେ ପୂର୍ବପୁରୁଷଙ୍କର ସମ୍ପତ୍ତି ନ ଥିଲା । ପୂର୍ବ ପୁରୁଷମାନେ ତାଙ୍କୁ ସମ୍ପତ୍ତି ଦେଇନଥିଲେ । ସେମାନେ ଏଥିପାଇଁ ସମାଜରେ ବଞ୍ଚିତ ହୋଇ ରହୁଥିଲେ । ଏପରି ପରିସ୍ଥିତିରେ ଏବେ ଆଶା କରାଯାଇପାରିବ ନାହିଁ ଯେ, ସେମାନେ ଆୟକର ଦେବେ । ଭାରତ ପୃଥିବୀର ସବୁଠାରୁ ଦ୍ରୁତଗତିରେ ବର୍ଦ୍ଧିଷ୍ଣୁ ଅର୍ଥନୀତି ହୋଇଥିଲେ ମଧ୍ୟ ଏହା ଘଟୁଛି । ବାସ୍ତବରେ ଗରିବ ହେବାର ଅର୍ଥ ମଣିଷର ଅବମୂଲ୍ୟାୟନ ହେବା । କିନ୍ତୁ ଦରିଦ୍ର ହେବାର ଗୋଟେ ଅଂଶ ନୁହେଁ ଯେ, ସେ ସମୃଦ୍ଧ ଭାରତର ଏକ ଅଂଶ ନୁହେଁ । ଭାରତର ସଂଖ୍ୟାଗରିଷ୍ଠ ଲୋକମାନେ ପରିବାର ବା ସରକାରୀ ସବ୍‌ସିଡି ଉପରେ ନିର୍ଭର କରନ୍ତି । ଯେତେବେଳେ ଅର୍ଥନୈତିକ ଅଭିବୃଦ୍ଧି ହେଉଛି ସେତେବେଳେ ସବ୍‌ସିଡି ଆଶା କରିବା ଅନେକ ହତାଶାଜନକ କଥା ଅଟେ । ଅର୍ଥାତ୍, ଭାରତରେ ସମୃଦ୍ଧି ଯେତେ ବଢୁଛି ସରକାରୀ ସାହାଯ୍ୟ ପାଇଁ ଆଶା ତା'ଠାରୁ ଅଧିକ ବେଗରେ ବଢୁଛି । ଏହା ହେଉଛି ଭାରତ ପାଇଁ ବିଡ଼ମ୍ବନା।

ମୋ-୯୪୩୭୦୨୦୨୯୦

# ପରମାଣୁ ଅସ୍ତ୍ରମୁକ୍ତ ଏକ ଶାନ୍ତିପୂର୍ଣ୍ଣ ବିଶ୍ୱ ଚାହୁଁ

ଭାରତ-ଅଷ୍ଟ୍ରେଲିଆ ପ୍ରତିରକ୍ଷା ଏବଂ ସୁରକ୍ଷା ସହଯୋଗ ମିଳିତ ଘୋଷଣାନାମା ଅବସରରେ ଦୁଇ ଦେଶ ଆଧାରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଂକଳ୍ପବଦ୍ଧତା ପ୍ରକାଶ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦି କହିଥିଲେ:

ଆମେ, ଭାରତ ଓ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ, ଆମର ଘନିଷ୍ଠ ହେଉଥିବା ଦ୍ୱିପାକ୍ଷିକ ସମ୍ପର୍କ ପରିପ୍ରେକ୍ଷୀରେ, ଉଭୟ ଦେଶ ମଧ୍ୟରେ ଥିବା ରଣନୈତିକ ଭାଗୀଦାରିକୁ ଆହୁରି ସୁଦୃଢ଼ କରିବା ପାଇଁ ଦୃଢ଼ ସଙ୍କଳ୍ପବଦ୍ଧ। ଏହାସହ ଏକ ମୁକ୍ତ, ଶାନ୍ତିପୂର୍ଣ୍ଣ, ସ୍ଥିର ଏବଂ ସମୃଦ୍ଧ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଗଠନ କରିବାର ସାଧାରଣ ଲକ୍ଷ୍ୟକୁ ନେଇ ଆମେ ଏହି ପ୍ରତିରକ୍ଷା ଓ ସୁରକ୍ଷା ସହଯୋଗ ସମ୍ପର୍କିତ ମିଳିତ ଘୋଷଣାନାମା ପ୍ରତି ପ୍ରତିବଦ୍ଧତା ପ୍ରକାଶ କରୁଛୁ ।ଆମେ ୨୦୨୦ ମସିହାରେ ସ୍ଥାପିତ ଆମର ବ୍ୟାପକ ରଣନୀତିକ ଭାଗିଦାରୀ (ସିଏସପି)ର ଗୁରୁତ୍ୱକୁ ଦୋହରାଉଛୁ। ଆମର ସିଏସପିର ଶୁଭାରମ୍ଭ ପରଠାରୁ, ଆମର ରଣନୀତିକ ସମନ୍ୱୟ ତ୍ୱରାନ୍ୱିତ ହୋଇଛି, ଆମର ଅର୍ଥନୈତିକ ସମ୍ପର୍କ ଗଭୀର ହୋଇଛି ଏବଂ ଆମର ଜନସାଧାରଣଙ୍କ ମଧ୍ୟରେ ଥିବା ସମ୍ପର୍କ - ଯାହା ଆମ ଦେଶଗୁଡ଼ିକ ମଧ୍ୟରେ ଏକ ଜୀବନ୍ତ ସେତୁ-ଆହୁରି ମଜଭୁତ ହୋଇଛି। ଆମେ ଲକ୍ଷ୍ୟ କରୁଛୁ ଯେ କ୍ୱାଡ୍ ଏବଂ ଅନ୍ୟାନ୍ୟ ବହୁପାକ୍ଷିକ ଅନୁଷ୍ଠାନ ଭଳି ଆଞ୍ଚଳିକ ମଞ୍ଚ ମାଧ୍ୟମରେ ଅନ୍ୟ ଅଂଶୀଦାରମାନଙ୍କ ସହିତ ଦ୍ୱିପାକ୍ଷିକ ଏବଂ ବହୁପାକ୍ଷିକ ସ୍ତରରେ ଆମର ନିବିଡ଼ ସମ୍ପୃକ୍ତି ଉଭୟ ଦେଶକୁ ଲାଭାନ୍ୱିତ କରୁଛି, ଏବଂ ଆମର ସହଭାଗୀ ଅଞ୍ଚଳର ସୁରକ୍ଷା ଓ ସମୃଦ୍ଧିରେ ଯୋଗଦାନ ଦେଉଛି।

୨୦୦୯ ମସିହାର ଭାରତ-ଅଷ୍ଟ୍ରେଲିଆ ସୁରକ୍ଷା ସହଯୋଗ ମିଳିତ ଘୋଷଣାନାମା ଦ୍ୱାରା ଆମ ଭାଗିଦାରୀରେ ହୋଇଥିବା ଉଲ୍ଲେଖନୀୟ ପ୍ରଗତିକୁ ମଧ୍ୟ ଆମେ ସ୍ମରଣ କରୁଛୁ। ବୈଦେଶିକ ମନ୍ତ୍ରୀସ୍ତରୀୟ ଫ୍ରେମୱର୍କ ଆଲୋଚନା, ୨+୨ ବୈଦେଶିକ ଏବଂ ପ୍ରତିରକ୍ଷା ମନ୍ତ୍ରୀସ୍ତରୀୟ ଆଲୋଚନା ଏବଂ ପ୍ରତିରକ୍ଷା ମନ୍ତ୍ରୀସ୍ତରୀୟ ଆଲୋଚନା ସହିତ ବିଭିନ୍ନ ଦ୍ୱିପାକ୍ଷିକ ବ୍ୟବସ୍ଥା ମାଧ୍ୟମରେ ଏହି ଭାଗିଦାରୀ ପ୍ରତି ମିଳିଥିବା ବଳିଷ୍ଠ ଯୋଗଦାନକୁ ଆମେ ପ୍ରଶଂସା କରୁଛୁ। ଭୂ-ରଣନୀତିକ ଅନିଶ୍ଚିତତା, ଏବଂ ଆଞ୍ଚଳିକ ଶାନ୍ତି ଓ ସ୍ଥିରତା ପ୍ରତି ଥିବା ବିପଦକୁ ଆମେ ଚିନ୍ତାର ସହିତ ଲକ୍ଷ୍ୟ କରୁଛୁ। ଆମେ ସମସ୍ତ ପକ୍ଷଙ୍କୁ ଶାନ୍ତିପୂର୍ଣ୍ଣ ଭାବେ ଏକତ୍ର କାର୍ଯ୍ୟ କରିବାକୁ ଉତ୍ସାହିତ କରୁଛୁ ଏବଂ କୌଣସି ପ୍ରକାରର ଭୟ ପ୍ରଦର୍ଶନ, ବଳ ପ୍ରୟୋଗ କିମ୍ବା ବାଧ୍ୟବାଧକତା ବିନା ଏବଂ ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ବିବାଦଗୁଡ଼ିକର ସମାଧାନ ପାଇଁ ଆହ୍ୱାନ କରୁଛୁ ।ଆମେ ଏକ ମୁକ୍ତ, ଶାନ୍ତିପୂର୍ଣ୍ଣ, ସ୍ଥିର ଏବଂ ସମୃଦ୍ଧ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ପ୍ରତି ଆମର ଅଦମ୍ୟ ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଉଛୁ, ଯାହାକି: ଅନ୍ତର୍ଜାତୀୟ ଆଇନର ଅନୁପାଳନ ଉପରେ ଆଧାରିତ ଏକ ନିୟମ-ଆଧାରିତ ବ୍ୟବସ୍ଥା; ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ଅଖଣ୍ଡତା ପ୍ରତି ସମ୍ମାନ; ଜଳପଥ ପରିଚାଳନା ଓ ଆକାଶମାର୍ଗରେ ଯାତାୟାତର ସ୍ୱାଧୀନତା ସମେତ ୧୯୮୨ ଜାତିସଂଘର ସାମୁଦ୍ରିକ ଆଇନ ସନନ୍ଦର ଅନୁପାଳନ ଦ୍ୱାରା ପରିଚାଳିତ ଏକ ମୁକ୍ତ, ସ୍ଥିର ଓ ସୁରକ୍ଷିତ ସାମୁଦ୍ରିକ କ୍ଷେତ୍ର ଏବଂ ପ୍ରଭାବଶାଳୀ, ସମାବେଶୀ ତଥା ସ୍ୱଚ୍ଛ ଅନୁଷ୍ଠାନଗୁଡ଼ିକ ଦ୍ୱାରା ସୁଦୃଢ଼ ହୋଇଛି।

ଏହି ସବୁ ଅଞ୍ଚଳର ଆହ୍ୱାନଗୁଡ଼ିକର ମୁକାବିଲା କରିବା ପାଇଁ ପ୍ରମୁଖ ମଞ୍ଚ ଭାବରେ ଆମେ ଇଣ୍ଡିଆନ୍ ଓସେନ୍ ରିମ୍ ଆସୋସିଏସନ୍ , ଆସିଆନ୍ ଏବଂ ଆସିଆନ୍-କେନ୍ଦ୍ରିତ ଆଞ୍ଚଳିକ ବ୍ୟବସ୍ଥା, ଏବଂ ପାସିଫିକ୍ ଆଇଲ୍ୟାଣ୍ଡସ ଫୋରମ୍ ପ୍ରତି ଆମର ସମର୍ଥନକୁ ପୁନର୍ବାର ଦୋହରାଉଛୁ। ଆମେ ସ୍ୱୀକାର କରୁଛୁ ଯେ ବଦଳୁଥିବା ରଣନୀତିକ ପରିସ୍ଥିତିର ମୁକାବିଲା କରିବା ପାଇଁ ଆମର ଭାଗିଦାରୀ ବିକଶିତ ହେବା ଆବଶ୍ୟକ, ଏବଂ ଆମର ଏକ ଉନ୍ନତ, ସମନ୍ୱିତ ତଥା ଶୀର୍ଷ ସ୍ତରୀୟ ପ୍ରତିରକ୍ଷା ଏବଂ ସୁରକ୍ଷା ଭାଗିଦାରୀକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରତିବଦ୍ଧତା ପ୍ରକାଶ କରୁଛୁ। ଆମେ ରଣନୀତିକ ଆଦାନପ୍ରଦାନକୁ ସୁଦୃଢ଼ କରିବା ଏବଂ ନିୟମିତ ମନ୍ତ୍ରୀସ୍ତରୀୟ ଯୋଗାଯୋଗ ଜାରି ରଖିବୁ, ଯାହା ଆମର ରଣନୀତିକ ସ୍ୱାର୍ଥର ସମନ୍ୱୟକୁ ପ୍ରତିଫଳିତ କରିବ। ସାମୂହିକ ଶକ୍ତି ବୃଦ୍ଧି କରିବା ପାଇଁ ଆମେ ପ୍ରତିରକ୍ଷା ଏବଂ ସୁରକ୍ଷା ସହଯୋଗର ଏକ ଦୀର୍ଘକାଳୀନ ଦୂରଦୃଷ୍ଟିକୁ ସ୍ୱୀକାର କରୁଛୁ। ଏହି ସହଯୋଗ ଉଭୟ ଦେଶର ସୁରକ୍ଷାରେ ସହାୟକ ହେବ ଏବଂ ଆଞ୍ଚଳିକ ଶାନ୍ତି ଓ ସୁରକ୍ଷା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ।

ଆମେ ଆମର ବ୍ୟାପକ ପ୍ରତିରକ୍ଷା ସହଯୋଗକୁ ସୁଦୃଢ଼ କରିବା, ରଣନୀତିକ ଆଲୋଚନାକୁ ଗଭୀର କରିବା ଏବଂ ସହଯୋଗକୁ ଅଧିକ ବ୍ୟାପକ କରିବା ପାଇଁ ପ୍ରତିବଦ୍ଧ, ଯେଉଁଥିରେ ନିମ୍ନଲିଖିତ ବିଷୟଗୁଡ଼ିକ ଅନ୍ତର୍ଭୁକ୍ତ:କ. ଭାରତ-ପ୍ରଶାନ୍ତ ମହାସାଗରୀୟ ଅଂଚଳରେ ପାରସ୍ପରିକ ସ୍ୱାର୍ଥକୁ ପ୍ରଭାବିତ କରୁଥିବା ପ୍ରତିରକ୍ଷା ସମ୍ବନ୍ଧୀୟ ବିକାଶ ଉପରେ ପରାମର୍ଶ ଖ. ଆମର ସହଯୋଗୀମାନଙ୍କ ସହିତ ମିଶି ଆମ ଯୁଦ୍ଧାଭ୍ୟାସଗୁଡ଼ିକୁ ଉନ୍ନତ ଓ ଜଟିଳ କରିବା;ଗ. ପ୍ରତିରକ୍ଷା ବାହିନୀ ମଧ୍ୟରେ ପାରସ୍ପରିକ କାର୍ଯ୍ୟଦକ୍ଷତା ଏବଂ ସୂଚନା ଆଦାନପ୍ରଦାନ ବୃଦ୍ଧି କରିବା ପାଇଁ ପ୍ରୟାସକୁ ତ୍ୱରାନ୍ୱିତ କରିବା;ଘ. ପରସ୍ପରର ଭୂଖଣ୍ଡରୁ ବିମାନ ମୁତୟନ କାର୍ଯ୍ୟକୁ ସମ୍ପ୍ରସାରିତ କରିବା;ଙ. ପ୍ରତିରକ୍ଷା କର୍ମଚାରୀମାନଙ୍କ ମଧ୍ୟରେ ଆଦାନପ୍ରଦାନ, ଶିକ୍ଷା ଓ ପ୍ରଶିକ୍ଷଣ, ଏବଂ ଯୋଗାଯୋଗ ଭୂମିକା ମାଧ୍ୟମରେ ସମ୍ପର୍କକୁ ଗଭୀର କରିବା; ଏବଂ ଚ. ଦକ୍ଷ ପ୍ରତିରକ୍ଷା କର୍ମଚାରୀ ନିଯୁକ୍ତି କ୍ଷେତ୍ରରେ ସହଯୋଗ କରିବା ପାଇଁ ସୁଯୋଗଗୁଡ଼ିକର ସନ୍ଧାନ କରିବା ।ଆମେ ଆମର ପ୍ରତିରକ୍ଷା, ସୁରକ୍ଷା ଏବଂ ଅର୍ଥନୈତିକ ସ୍ୱାର୍ଥ ପାଇଁ ସାମୁଦ୍ରିକ କ୍ଷେତ୍ରର ଗୁରୁତ୍ୱକୁ ସ୍ୱୀକାର କରୁଛୁ, ଏବଂ ସାମୁଦ୍ରିକ ସୁରକ୍ଷା ସହଯୋଗର ଗଭୀରତା, ଜଟିଳତା ତଥା ନିୟମିତତାକୁ ବୃଦ୍ଧି କରିବୁ। ଆମେ ଏକ 'ଭାରତ-ଅଷ୍ଟ୍ରେଲିଆ ସାମୁଦ୍ରିକ ସୁରକ୍ଷା ସହଯୋଗ ରୋଡମ୍ୟାପ୍' ମାଧ୍ୟମରେ ସାମୁଦ୍ରିକ ସହଯୋଗକୁ ସୁଦୃଢ଼ କରିବୁ ।ଆମେ ଉଭୟ ପକ୍ଷର ପ୍ରତିରକ୍ଷା ଶିଳ୍ପଗୁଡ଼ିକର ବଢୁଥିବା ସମ୍ଭାବନାକୁ ସମନ୍ୱୟ, ଶିଳ୍ପ ସମ୍ପୃକ୍ତି ଏବଂ ଯୋଗାଣ ଶୃଙ୍ଖଳାର ସ୍ଥିରତା ବୃଦ୍ଧି କରିବା ମାଧ୍ୟମରେ ଗ୍ରହଣ କରିବୁ। ଆମେ ଆମର ପ୍ରତିରକ୍ଷା ନବସୃଜନ ବ୍ୟବସ୍ଥା ମଧ୍ୟରେ ସହଯୋଗକୁ ଗଭୀର କରିବୁ ଏବଂ ଉନ୍ନତ ପ୍ରତିରକ୍ଷା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ସହଯୋଗ ପାଇଁ ବ୍ୟବସ୍ଥା ବିକଶିତ କରିବୁ ।ଶାନ୍ତି ରକ୍ଷା କାର୍ଯ୍ୟାନୁଷ୍ଠାନରେ ଲିଙ୍ଗଗତ ସମାନତା ବଜାୟ ରଖିବା ଏବଂ 'ମହିଳା, ଶାନ୍ତି ଓ ସୁରକ୍ଷା' କାର୍ଯ୍ୟସୂଚୀକୁ ଆଗକୁ ବଢ଼ାଇବା ପାଇଁ ଆମର ପ୍ରତିବଦ୍ଧତାକୁ ଦୋହରାଇ ଆମେ ବିବାଦର ପ୍ରତିରୋଧ, ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟର ସଫଳ ପରିଚାଳନା ଏବଂ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ମହିଳାମାନଙ୍କର ସାର୍ଥକ ଅଂଶଗ୍ରହଣ ଓ ନେତୃତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ କାର୍ଯ୍ୟ କରିବୁ ।ଆଞ୍ଚଳିକ ଅର୍ଥନୈତିକ ସମୃଦ୍ଧି ଏବଂ ସ୍ଥିରତାକୁ ସମର୍ଥନ କରିବା ପାଇଁ ଆମେ ଦ୍ୱିପାକ୍ଷିକ ଭାବେ ଏବଂ ଅଂଶୀଦାରମାନଙ୍କ ସହିତ ମିଶି କାର୍ଯ୍ୟ କରିବାକୁ ପ୍ରତିବଦ୍ଧ। ଆମେ ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ସ୍ୱଚ୍ଛ ଶକ୍ତି ପ୍ରଯୁକ୍ତିବିଦ୍ୟା ସମେତ ଅଧିକ ବିବିଧ ଓ ସ୍ଥିର ଯୋଗାଣ ଶୃଙ୍ଖଳା, ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଏବଂ ସଂଯୋଗୀକରଣର ବିକାଶ କରିବୁ ।ଆମେ ଏକ ସୁରକ୍ଷିତ ଏବଂ ସ୍ଥିର ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ପାଇଁ ଆମର ସହଭାଗୀ ଦୂରଦୃଷ୍ଟିକୁ ପୂରଣ କରୁଥିବା ଏକ ପ୍ରଯୁକ୍ତିବିଦ୍ୟା ପରିବେଶ ଗଠନ କରିବାରେ ଏକତ୍ର କାର୍ଯ୍ୟ କରିବୁ। ଆମେ 'ସାଇବର, ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା ଏବଂ ଯୋଗାଣ ଶୃଙ୍ଖଳା ଉପରେ ଅଷ୍ଟ୍ରେଲିଆ-ଭାରତ ଭାଗିଦାରୀ' ଅଧୀନରେ ଆମର ସାଇବର ସୁରକ୍ଷା ତଥା ଗୁରୁତ୍ୱପୂର୍ଣ୍ଣ ଓ ବିକାଶମୁଖୀ ପ୍ରଯୁକ୍ତିବିଦ୍ୟା ସହଯୋଗ ଏବଂ ସୂଚନା ଆଦାନପ୍ରଦାନ ବ୍ୟବସ୍ଥାର ସମ୍ଭାବନାକୁ ବ୍ୟବହାର କରିବା ପାଇଁ ଏକତ୍ର କାର୍ଯ୍ୟ କରିବୁ, ଏବଂ ରଣନୈତିକ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବୁ ।ଆମେ ଆମ ଅଞ୍ଚଳରେ ବିଭିନ୍ନ ସଂଗଠନ ଏବଂ ବ୍ୟକ୍ତିବିଶେଷଙ୍କ ସମେତ ଆତଙ୍କବାଦୀ ସଂକଟ ଉପରେ ସୂଚନା ଆଦାନପ୍ରଦାନ ବୃଦ୍ଧି କରିବାକୁ ପ୍ରତିବଦ୍ଧ, ଏବଂ ନିମ୍ନଲିଖିତ କ୍ଷେତ୍ରଗୁଡ଼ିକରେ ଉଗ୍ରବାଦ ଓ ଆତଙ୍କବାଦର ମୁକାବିଲା ପାଇଁ ବ୍ୟାପକ ସହଯୋଗର ସୁଯୋଗ ସନ୍ଧାନ କରିବୁ:କ. ନୂତନ ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା; ଖ. ଆତଙ୍କବାଦୀ ପାଣ୍ଠି ଯୋଗାଣ ;ଗ. ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଏବଂ ଜନଗହଳିପୂର୍ଣ୍ଣ ସ୍ଥାନ;ଘ. ସାମୁଦ୍ରିକ ଅଞ୍ଚଳ; ଏବଂଙ. ଇଣ୍ଟରନେଟ୍ ମାଧ୍ୟମରେ ଚରମପନ୍ଥୀ ଚିନ୍ତାଧାରା ପ୍ରସାର।

ଆମେ ପରମାଣୁ ଅସ୍ତ୍ରମୁକ୍ତ ଏକ ଶାନ୍ତିପୂର୍ଣ୍ଣ ବିଶ୍ୱ ଚାହୁଁ, ଏବଂ ଏହି ଉଦ୍ଦେଶ୍ୟରେ ପରମାଣୁ ଅପ୍ରସାର ପ୍ରତି ଏବଂ ବିଶ୍ୱସ୍ତରୀୟ, ସମ୍ପୂର୍ଣ୍ଣ, ପାତରଅନ୍ତରହୀନ ତଥା ଯାଞ୍ଚଯୋଗ୍ୟ ପରମାଣୁ ନିରସ୍ତ୍ରୀକରଣ ପ୍ରତି ଆମର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଉଛୁ।

## ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ରାଉରକେଲା,(ନିପ୍ର): ଲାଠିକଟା ବ୍ଲକ କାର୍ଯ୍ୟାଳୟ ପରିସର ସ୍ଥିତ ପଂଚାୟତ ସମିତି ସଭାକକ୍ଷରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ଓ ରାଉରକେଲା ଆରକ୍ଷୀ ଅଧୀକ୍ଷକ ନୀତେଶ ୱାଧ୍ୱାନୀ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ।

ମୋଟ ୯୭ ଗୋଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ୨୭ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୬୬ଟି ସାମୁହିକ ଅଭିଯୋଗ ରହିଥିଲା। ୫ଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ପାଇଁ ୪ ଜଣ ବ୍ୟକ୍ତି ଆବେଦନ କରିଥିଲେ । ସେମାନଙ୍କୁ ୩୭,୫୦୦ ଟାଙ୍କର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତା ଘାଟ ସମସ୍ୟା, ପେନସନ, ବିଦ୍ୟୁତ୍ ସମସ୍ୟା, ରାସନ୍ କାର୍ଡ ସମସ୍ୟା, ପାନୀୟ ଜଳ ସମସ୍ୟା ଆଦି ପ୍ରମୁଖ ରହିଥିଲା।

**ଚମ୍ପୁଆ :** କେନ୍ଦୁଝର ଜିଲ୍ଲାର ଚମ୍ପୁଆ ବ୍ଲକ ସଭାଗୃହ ଠାରେ ସୋମବାର ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଶାଳ ସିଂଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ ସାଧାରଣ ଲୋକଙ୍କଠାରୁ ମୋଟ ୨୬୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୩୩ଟି ବ୍ୟକ୍ତିଗତ ଏବଂ ୩୪ଟି ସାମୂହିକ ଅଭିଯୋଗ ରହିଥିଲା। ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଳକର, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ସିଡିଏମ୍‌ଓ ଧନେଶ୍ୱର ସେଠୀ, ବନଖଣ୍ଡ ଅଧିକାରୀ




ଧନରାଜ ଏଚ୍.ଡି, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୁମାର ନାଗଭୂଷଣ, ଉପଜିଲ୍ଲାପାଳ ଉମାକାନ୍ତ ପରିଡା ପ୍ରମୁଖ ଉପସ୍ଥିତ ରହିଥିଲେ। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଗୃହ,ଭତ୍ତା, ପାନୀୟ ଜଳ ଓ କୃଷି ସମ୍ବନ୍ଧୀୟ ସମସ୍ୟା ଅଧିକ ରହିଥିଲା। ସେହିପରି ସାମୂହିକ ଅଭିଯୋଗରେ ରାସ୍ତାଘାଟର ଦୁରବସ୍ଥା, ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ, ପି.ଡି.ଏସ ଡିଲର ସ୍ଥାନାନ୍ତର, ରିମୁଳି–ଚମ୍ପୁଆ ୨୦ ନମ୍ବର ଜାତୀୟ ରାଜପଥର ମରାମତି, ଚମ୍ପୁଆ ଡାକ୍ତରଖାନାରେ ଦୀର୍ଘଦିନ ଧରି ଅଚଳ ଥିବା ଅଲ୍ଟ୍ରାସାଉଣ୍ଡ ମେସିନକୁ ସଚଳ କରିବା ଏବଂ ପ୍ରସ୍ତାବିତ ବାଇପାସ୍ ନିର୍ମାଣ ସମ୍ବନ୍ଧୀୟ ପ୍ରସଙ୍ଗ ପ୍ରମୁଖ ଭାବେ ଉଠିଥିଲା। ଜିଲ୍ଲାପାଳ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ପଞ୍ଜୀକୃତ ଅଭିଯୋଗ ଗୁଡ଼ିକର ତ୍ୱରିତ ଓ ପ୍ରଭାବଶାଳୀ ସମାଧାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ।

## ବର୍ଷା ଯୋଗୁଁ ସ୍କୁଲ ଛୁଟି ଘୋଷଣା

ଭଦ୍ରକ,(ନିପ୍ର): ଜିଲ୍ଲାରେ ଲଗାତାର ବର୍ଷା ଯୋଗୁଁ ଉପୁଜିଥିବା ପରିସ୍ଥିତିକୁ ଦୃଷ୍ଟିରେ ରଖି ଭଦ୍ରକ ଜିଲ୍ଲାପାଳ ଆଜି ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ବେସରକାରୀ ବିଦ୍ୟାଳୟରେ ପାଠପଢ଼ା ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ।ତେବେ କେନ୍ଦ୍ରୀୟ ରୋଷେଇ ବ୍ୟବସ୍ଥା ଅଧୀନରେ ଥିବା ବିଦ୍ୟାଳୟଗୁଡ଼ିକରେ ମଧ୍ୟାହ୍ନ ଭୋଜନ ନିର୍ଦ୍ଧାରିତ ସମୟରେ ଗ୍ରହଣ କରି ଛାତ୍ରଛାତ୍ରୀଙ୍କୁ ପରିବେଷଣ କରାଯିବ। ମଧ୍ୟାହ୍ନ ଭୋଜନ ପରିବେଷଣ ପରେ ସେହି ବିଦ୍ୟାଳୟଗୁଡ଼ିକରେ ମଧ୍ୟ ପାଠପଢ଼ା ସ୍ଥଗିତ ରହିବ। ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ସୁବିଧାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଜିଲ୍ଲାପାଳଙ୍କ ଆଦେଶକ୍ରମେ ଏହି ନିଷ୍ପତ୍ତି ନିଆଯାଇଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଜାତୀୟ ଶିଶୁ ସୁରକ୍ଷା କର୍ମଶାଳାରେ ୨ ଶିଶୁ

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ବାଙ୍କେ ପଞ୍ଚାୟତ ଗୋପାଳପାଲି ଗ୍ରାମର କୈବଲ୍ୟ ମଞ୍ଜରୀ ନାଏକ ଓ ତେଲିତିଲେଇମାଲ ପଞ୍ଚାୟତ ତେଲିତିଲେଇମାଲ ଗ୍ରାମର ଅଙ୍କିତା ହାତୀ ପ୍ରତେକ, ନୂଆଦିଲ୍ଲୀ ଦ୍ୱାରା ଆସାମର ଗୌହାଟୀ ଠାରେ ଆୟୋଜିତ ଶିଶୁ ଅଧିକାର ଓ ସୁରକ୍ଷା କର୍ମଶାଳାରେ ଯୋଗଦେଇଥିଲେ। ସେମାନେ ତେଲିତିଲେଇମାଲ ଠାରେ ଥିବା ସମାଜସେବୀ ମଦର ଟେରେସା ଶିଶୁ ସଂଘରୁ ପ୍ରତିନିଧିତ୍ୱ କରିଥିଲେ। ଏହି ଶିଶୁ ସଂଘଟି ରୋପ ଅନୁଷ୍ଠାନ ଦ୍ୱାରା ପରିଚାଳିତ ହେଉଥିବା ବେଳେ ଏଥିରେ ରହିଥିବା ଶିଶୁ ସଦସ୍ୟ ମାନେ ପରିବେଶ ସୁରକ୍ଷା, ପ୍ଲାଷ୍ଟିକ ବର୍ଜନ, ବାଲ୍ୟ ବିବାହ ଉଚ୍ଛେଦ ଏବଂ ଶିଶୁ ଶ୍ରମିକ ନିରୋଧ ସମ୍ପର୍କରେ ଦୀର୍ଘ ୭ ବର୍ଷ ଧରି ଜନସଚେତନତା କାର୍ଯ୍ୟକ୍ରମ କରି ଆସୁଛନ୍ତି।ଏହି ଦୁଇ ଶିଶୁ ଜାତୀୟ ସ୍ତରରେ ଚୟନ ହୋଇ ଜାତୀୟ କର୍ମଶାଳାରେ ଯୋଗଦେଇ



ପରିବେଶ ସୁରକ୍ଷା ଓ ଶିଶୁ ସଂସଦ ଗଠନ ଓ କାର୍ଯ୍ୟକାରିତା ଉପରେ ତାଲିମ ଗ୍ରହଣ କରି ଫେରିଛନ୍ତି। ବର୍ତ୍ତମାନ ସେମାନେ କୁଚିଣ୍ଡା, ବାମରା ଓ ଜମନକିରା ବ୍ଲକରେ ଥିବା ୧୮ଟି ଶିଶୁ ସଂଘର ପ୍ରତିନିଧିମାନଙ୍କୁ ତାଲିମ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି।

# ଟୋକନ ସମସ୍ୟାରେ ୧୫୮ ବୁଡ଼ି ଅଞ୍ଚଳ ଚାଷୀଙ୍କ ଧାନ ବିକ୍ରି ବନ୍ଦ

## ସମାଧାନ ପାଇଁ ମନ୍ତ୍ରୀଙ୍କ ଆଶ୍ୱାସନା

ଝାରସୁଗୁଡ଼ା,: ହୀରାକୁଦ ଜଳଭଣ୍ଡାର ବୁଡ଼ି ଅଞ୍ଚଳରେ ରବି ଋତୁରେ ଚାଷ କରିଥିବା ଲଖନପୁର ବ୍ଲକର ଚାଷୀଙ୍କ ଧାନ ବିକ୍ରି ସମସ୍ୟା ପୁଣି ଥରେ ଚର୍ଚ୍ଚାରେ ଆସିଛି। ରେମତା ପ୍ୟାକ୍ସରେ ପଞ୍ଜୀକୃତ ୩୭୨ ଜଣ ଚାଷୀଙ୍କ ମଧ୍ୟରୁ ୧୫୮ ଜଣଙ୍କ ଟୋକନ କଟିଯିବାରୁ ସେମାନେ ସରକାରୀ ମଣ୍ଡିରେ ଅମଳ ଧାନ ବିକ୍ରି କରିପାରି ନାହାନ୍ତି । ଏହାକୁ ନେଇ ବଞ୍ଚିତ ଚାଷୀମାନେ ସମ୍ବଲପୁରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ପୂର୍ବରୁ ବୁଡ଼ି ଅଞ୍ଚଳର ଚାଷୀଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ରାଜସ୍ୱ ମନ୍ତ୍ରୀଙ୍କ ପ୍ରସ୍ତାବକ୍ରମେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ସୁଦାମ ଚରଣ ମଣ୍ଡଳ ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ପତ୍ର ଲେଖିଥିଲେ। ଏହାପରେ ହୀରାକୁଦ ବୁଡ଼ି ଅଞ୍ଚଳର ୭୯୬ ଜଣ ଚାଷୀଙ୍କୁ ନିକଟସ୍ଥ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ମାଧ୍ୟମରେ 'ପି-ପାସ୍' ପୋର୍ଟାଲରେ ପଞ୍ଜୀକରଣ କରିବାକୁ ଅନୁମତି ଦିଆଯାଇଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ନିରୀକ୍ଷକ, କୃଷି ବିଭାଗର କର୍ମଚାରୀ ଏବଂ ସମ୍ପୃକ୍ତ ପ୍ୟାକ୍ସର ସମ୍ପାଦକମାନେ ଚାଷୀଙ୍କ ଘରକୁ ଘର ବୁଲି ମହଜୁଦ ଧାନର ତଥ୍ୟ ସଂଗ୍ରହ କରିଥିଲେ। ପରେ ପଞ୍ଜୀକରଣ ପ୍ରକ୍ରିୟା ସମ୍ପନ୍ନ ହୋଇଥିଲେ ମଧ୍ୟ ଅତି କମ୍ ସମୟ ସୀମା ଓ ଯାନ୍ତ୍ରିକ ତ୍ରୁଟି କାରଣରୁ ୧୫୮ ଜଣ ଚାଷୀଙ୍କ ଟୋକନ କଟିଯାଇଥିଲା। ଫଳରେ ସେମାନେ ସରକାରୀ ମଣ୍ଡିରେ ଧାନ ବିକ୍ରିର ସୁଯୋଗରୁ ବଞ୍ଚିତ ହୋଇଛନ୍ତି। ଏହି ସମସ୍ୟାର ସମାଧାନ ଦାବିରେ ବଞ୍ଚିତ ଚାଷୀମାନେ ଆଜି ସମ୍ବଲପୁରରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ମନ୍ତ୍ରୀ ତୁରନ୍ତ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସହ ଆଲୋଚନା କରି ପଞ୍ଜୀକୃତ ହୋଇ ମଧ୍ୟ ଧାନ ବିକ୍ରି କରିପାରିନଥିବା ସମସ୍ତ ଚାଷୀଙ୍କ ଧାନ କ୍ରୟ ପାଇଁ ଶୀଘ୍ର ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଆଶ୍ୱାସନ ଦେଇଥିବା ରେମତା ପ୍ୟାକ୍ସର ସଭାପତି ଅନୀଲ ବାରିକ ସୂଚନା ଦେଇଛନ୍ତି। ମନ୍ତ୍ରୀମାନଙ୍କ ସକାରାତ୍ମକ ପଦକ୍ଷେପ ଓ ଆଶ୍ୱାସନ ପରେ ବୁଡ଼ି ଅଞ୍ଚଳର ଚାଷୀମାନେ ଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି ଆଶା ପ୍ରକାଶ କରିବା ସହ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି।

## ରଥଯାତ୍ରା–୨୦୨୬ ଅବସରରେ ସ୍ୱଚ୍ଛତା ସଚେତନତା

ରାୟଗଡା:୧୪/୭(ନି:ପ୍ର): ପବିତ୍ର ରଥଯାତ୍ରା–୨୦୨୬ ପାଳନ ଅବସରରେ ରାୟଗଡ଼ ପୌର ପରିଷଦ ଅଧ୍ୟକ୍ଷ ଶ୍ରୀ ପି ମହେଶ ପଟନାୟକଙ୍କ ନେତୃତ୍ୱରେ ' ସଫେଇ ଆପଣାଅ ବିମାରୀ ଭଗାଅ' ସ୍ୱଚ୍ଛତା କାର୍ଯ୍ୟକ୍ରମ ଅଧିନରେ ଏକ ବ୍ୟାପକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ରଥଯାତ୍ରା ଅବସରରେ ସହରର ବଡ଼ଦାଣ୍ଡକୁ ପରିଷ୍କାର, ସୁରକ୍ଷିତ ଓ ସ୍ୱାସ୍ଥ୍ୟକର ପରିବେଶରେ ପରିଣତ କରିବା ସହ




ଭକ୍ତମାନଙ୍କ ପାଇଁ ସୁବ୍ୟବସ୍ଥିତ ଯାତ୍ରାର ସୁନିଶ୍ଚିତତା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

ଏହି ସ୍ୱଚ୍ଛତା ଅଭିଯାନରେ ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ, ସମସ୍ତ ୱାର୍ଡର କାଉନ୍ସିଲର୍ ଏବଂ ସ୍ୱଚ୍ଛ କର୍ମୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ବଡ଼ଦାଣ୍ଡ ଓ ଏହାର ଆଖପାଖ ଅଞ୍ଚଳର ସଫେଇ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏହି ଅବସରରେ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ କୁଲଦୀପ କୁମାର ସମସ୍ତ ଜନସାଧାରଣଙ୍କୁ ରାୟଗଡ଼ ସହରକୁ ସଫା ଏବଂ ସୁରକ୍ଷିତ ରଖିବା ପାଇଁ ଅପିଲ କରିଛନ୍ତି।

ସେ କହିଛନ୍ତି ସହରକୁ ସଫା ଏବଂ ସୁରକ୍ଷିତ ରଖିବାପାଇଁ ରାୟଗଡ ପୌରପରିଷଦ ସଂକଳ୍ପ ବଦ୍ଧ । ଏହାକୁ ଆହୁରି ସୁଦୃଢ଼ କରିବା ପାଇଁ ଜନସାଧାରଙ୍କ ସହଯୋଗ ଏକାନ୍ତ କାମ୍ୟ । ରାୟଗଡ଼ ପୌରପରିଷଦ ସମସ୍ତ ନାଗରିକଙ୍କୁ ପବିତ୍ର ରଥଯାତ୍ରା–୨୦୨୬ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସମସ୍ତଙ୍କ ପାଇଁ ଏକ ସୁରକ୍ଷିତ, ସ୍ୱଚ୍ଛ, ସୁସ୍ଥ ଓ ଶାନ୍ତିପୂର୍ଣ୍ଣ ରଥଯାତ୍ରା କାମନା କରୁଛି।

## ନାରୀ ହିଁ ସମାଜର ମାର୍ଗଦର୍ଶିକା ଓ କଲ୍ୟାଣମୟୀ

ପୁରୀ,(ନିପ୍ର): ନୀଳାଚଳ ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଶକ୍ତିଶ୍ରୀ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଅଛି । ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ସହ ବେଦପକ୍ଷଠ,ସହ ଜଗନ୍ନାଥ ଅଷ୍ଟକମ ଗାନ କରାଯାଇଥିଲା । ଏହି ସଭାରେ ଅଧ୍ୟକ୍ଷତା କରିଥିଲେ ପ୍ରାଧ୍ୟାପକ ଡ଼. ବଳରାମ ଦାଶ । ସେ କହିଲେ, ନାରୀ ସମଗ୍ର ବିଶ୍ୱର ମାର୍ଗଦର୍ଶିକା, କଲ୍ୟାଣ ମୟୀ, ଆଲୋକବର୍ତ୍ତିକା ଯୁଗେ ଯୁଗେ ପବିତ୍ର । ମୁଖ୍ୟ ଅତିଥି ରୁପେ ଶ୍ରୀ ଜଗନ୍ନାଥ ବେଦକର୍ମକାଣ୍ଡ




ମହାବିଦ୍ୟାଳୟର ସଂସ୍କୃତ ପ୍ରାଧ୍ୟାପିକା ତଥା ସେହି ମହା ବିଦ୍ୟାଳୟର ଶକ୍ତିଶ୍ରୀର ସଂଯୋଜିକା ଡ଼ ସସ୍ମିତା ମେକକ୍ଷପ ଯୋଗଦେଇ ନାରୀହିଁ ମହାଶକ୍ତି ସ୍ୱରୂପିଣୀ ପ୍ରେରଣା ଦାୟୀ ଓ ନାରୀ ସୁରକ୍ଷକ୍ଷ ସମ୍ପର୍କରେ ଆଲୋକପାତ କରିଥିଲେ । ଆମ୍ଭ ମହାବିଦ୍ୟାଳୟର ଶକ୍ତିଶ୍ରୀ କାର୍ଯ୍ୟକ୍ରମର ସଂଯୋଜିକା ତଥା ଅଧ୍ୟକ୍ଷକ୍ଷ ଡ଼. ମୀରାରାଣୀ ଖଣ୍ଡୁଆଳ ଛଦିନର ଶକ୍ତିଶ୍ରୀ ପ୍ରଶିକ୍ଷଣର ସଫଳତା ତଥା ଛାତ୍ରଛାତ୍ରୀ ମାନଙ୍କୁ ରାଷ୍ଟ୍ର ଗଠନରେ ମୁଖ୍ୟ ଭୂମିକା ଗ୍ରହଣ ସହ ସମାଜ ସେବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ରୁପେ ଶ୍ରୀ ଜଗନ୍ନାଥ ବେଦକର୍ମକାଣ୍ଡ ମହାବିଦ୍ୟାଳୟର ଅଧ୍ୟକ୍ଷକ୍ଷ ଡ଼. ହରପ୍ରିୟା ଦାଶ ଯୋଗଦେଇ ଛାତ୍ରୀମାନେ ପରିବାରରୁ ସଂସ୍କାର ପାଇବା ସହ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ଠାରୁ ମୂଲ୍ୟବୋଧ ଶିକ୍ଷକ୍ଷ ପାଇ ସମାଜର ମଙ୍ଗଳ କରନ୍ତି । ନାରୀ ଶକ୍ତି ଶାଳୀ,ଭବିଷ୍ୟତର ଜାଗ୍ରତ ପ୍ରହରୀ । ଦିବ୍ୟଦର୍ଶନର ସଭାପତି ତଥା କବୟିତ୍ରୀ ପ୍ରଭାସିନୀ ମିଶ୍ର ସମ୍ମାନିତ ଅତିଥି ରୁପେ ଓ ଶକ୍ତିଶ୍ରୀ ଆତ୍ମକୌଶଳ ଶିବିରର ପ୍ରଶିକ୍ଷିକା ଶ୍ରୀମତୀ ପୁଷ୍ପାଞ୍ଜଳି ମିଶ୍ର ଯୋଗଦେଇ ଛାତ୍ରୀ ମାନଙ୍କର ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ସମସ୍ତେ ଜଣେ ଜଣେ ଶକ୍ତି ଶ୍ରୀ ହେବା ପାଇଁ ପରାମର୍ଶ ଦେଇଥିଲେ । ଛାତ୍ରଛାତ୍ରୀମାନେ ଓ ଅଧ୍ୟକ୍ଷପକ ଡ଼ ଶ୍ରୀ ନିବାସ ସାହୁ ପରିଚାଳନା କରିଥିଲେ।

## ଡାବୁଗାଁ : ନାବାଳିକାକୁ ଦୁଷ୍କର୍ମ, ନାବାଳକ ଗିରଫ

ଡାବୁଗାଁ,(ନିପ୍ର): ଡାବୁଗାଁ ଥାନା ଅଧୀନ ଚଚରାଗୁଡା ଗ୍ରାମ ପଞ୍ଚାୟତ କେଲିଆ ଗ୍ରାମରେ ଏକ ୪ବର୍ଷୀୟ ନାବାଳିକାକୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ଡାବୁଗାଁ ପୋଲିସ ଜଣେ ନାବାଳକକୁ ଗିରଫ କରିଛି। ସୂଚନା ଯୋଗ୍ୟ - କେଲିଆ ଗ୍ରାମର ୪ ବର୍ଷର ନାବାଳିକା ଝିଅ ଖେଳୁଥିବା ବେଳେ ସେହି ଗ୍ରାମର ଜଣେ ନାବାଳକ ୪ବର୍ଷର ନାବାଳିକାକୁ ଏକ ନିର୍ଜନ ସ୍ଥାନକୁ ନେଇ ଦୁଷ୍କର୍ମ କରିଥିଲା । ଏନେଇ ଡାବୁଗାଁ ଥାନରେ ପରିବାର ଲୋକେ ଲିଖିତ ଏତଲା ଦେଇଛନ୍ତି । ଉକ୍ତ ଏତଲାକୁ ଭିତ୍ତି କରି ଡାବୁଗାଁ ଥାନା କେସ ନଂ ୧୬୦/୨୬ ରେ ଏକ ମାମଲା ରୁଜୁ କରିଛି।

## ପ୍ରସ୍ତାବିତ ବିଦେଶୀ ମଦ ଦୋକାନ ବନ୍ଦ ଲାଗି ଦାବିପତ୍ର

ହିଞ୍ଜିଳିକାଟୁ,(ନିପ୍ର): ହିଞ୍ଜିଳି ଥାନା ଲେଙ୍କାଖାଲି ଗ୍ରାମରେ ପ୍ରସ୍ତାବିତ ବିଦେଶୀ ମଦ ଦୋକାନ ବନ୍ଦ ଦାବିରେ ସଂପୃକ୍ତ ଗ୍ରାମବାସୀ ସୋମବାର ହିଞ୍ଜିଳି ଥାନା ଆଇଆଇସି ଶ୍ରୀନିବାସ ସେଠିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରର ଏକାକିତା ନକଲ ଗଞ୍ଜାମ ଜିଲ୍ଲାପାଳ ଓ ଅବକାରୀ କମିଶନରଙ୍କୁ ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ହିଞ୍ଜିଳି ଥାନା ତଥା ଆଡପଡା ଫାଣ୍ଡି ଲେଙ୍କାଖାଲି ଗ୍ରାମ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଏକ ବିଦେଶୀ ମଦ



ଦୋକାନ ଖୋଲିବା ଲାଗି ସ୍ଥିର ହୋଇଛି। ସଂପୃକ୍ତ ସ୍ଥାନରେ ମଦ ଦୋକାନ ଖୋଲିବା ଦ୍ୱାରା ନିକଟସ୍ଥ ଅଞ୍ଚଳରେ ଅସାମାଜିକ ବ୍ୟକ୍ତିଙ୍କ ଭିଡ ଜମିବା ସହ ବହୁ ସମୟରେ ଅପ୍ରିତୀକର ପରିସ୍ଥିତି ସୃଷ୍ଟି ହେବା ସମ୍ଭାବନା ରହିଛି। ଉକ୍ତ ରାସ୍ତା ଦେଇ ଗ୍ରାମର ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଯାତାୟତ କରୁଥିବାରୁ ଏହାର କୁପ୍ରଭାବ ସେମାନଙ୍କ ଉପରେ ପଡିବା ଆଶଙ୍କା ଦେଖାଦେଇଛି। ଏପରିକି ସଂପୃକ୍ତ ସ୍ଥାନରେ ମଦ ଦୋକାନ ଖୋଲିବା ଦ୍ୱାରା ଗ୍ରାମର ବହୁ ବ୍ୟକ୍ତିଙ୍କୁ ଉପରେ ଏହାର କୁପ୍ରଭାବ ପଡିବା ଯଥେଷ୍ଟ ସମ୍ଭାବନା ରହିଛି। ଏହି ଅବସରରେ ସଂପୃକ୍ତ ସ୍ଥାନରେ ପ୍ରସ୍ତାବିତ ବିଦେଶୀ ମଦ ଦୋକାନ ନ ଖୋଲିବାକୁ ନେଇ ଗ୍ରାମବାସୀ ପ୍ରଶାସନକୁ ଦାବିପତ୍ର ପ୍ରଦାନ କରିଛନ୍ତି। ଶାନ୍ତନୁ ସାଗର ସ୍ୱାଇଁ, ଅଶୋକ ଦଳେଇ, କାହ୍ନୁ ପ୍ରଧାନ, ସନାତନ ଜେନା, ଦ୍ରୌପଦୀ ଦାସ, ନମିତା ଦାସ, ଜଗନ୍ନାଥ ବେହେରା, ପ୍ରଶାନ୍ତ ପରିଡ଼ାଙ୍କ ସମେତ ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।

## ଯୁଗ୍ମ ଅଭିଯୋଗ ଶୁଣାଣି

ରାୟଗଡା,(ନି:ପ୍ର): ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ କଲ୍ୟାଣସିଂପୁର ବ୍ଲକ ସଦର ମହକୁମାସ୍ଥିତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସଦଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ଉପ ଜିଲ୍ଲାପାଳ ରାୟଗଡ ରମେଶ କୁମାର ଜେନା, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷୀରାବ୍ଧି ତନୟା ସାହୁ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡ଼ଃ ପ୍ରଶାନ୍ତ କୁମାର ମିଶ୍ର, ପ୍ରକଳ୍ପ ପ୍ରଶାସକ ତଥା ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥା ଅଧିକାରୀ ଚନ୍ଦ୍ରକାନ୍ତ ମାଝୀ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ମୋଟ ୯୫ଟି ଅଭିଯୋଗ ଜିଲ୍ଲାପାଳ ଗ୍ରହଣ କରିଥିଲେ। ସେଥିମଧ୍ୟରୁ ୭୧ଟି ବ୍ୟକ୍ତିଗତ ଅଭିଯୋଗ ଥିଲାବେଳେ ୨୧ଟି ଗ୍ରାମବାସୀଙ୍କର ସାମୂହିକ ଅଭିଯୋଗ ଥିଲା। ଏହି ଶିବିରରେ ବିଭିନ୍ନ ସମସ୍ୟା ସମ୍ବଳିତ ଅଭିଯୋଗ ପଞ୍ଜିକୃତ ହୋଇଥିଲା।

## ବସ୍ - ବାଇକ ମୁହାଁମୁହିଁ : ଜଣେ ମୃତ

ରାୟଗଡା,(ନି:ପ୍ର): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ବେଲକଣା ନିକଟ ସଜା ଛକ ନିକଟରେ ଘଟିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଯାତ୍ରୀବାହୀ ବସ୍ ଓ ଏକ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ବାଇକ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ଇଲେଜୁ ପେଦୁରୁ(୨୦) ହୋଇଥିବା ବେଳେ ସେ କୋଲନରା ବ୍ଲକ ଗାଡ଼ିଶେଷକାଳ ଗାଁର ବୋଲି ଜଣାପଡ଼ିଛି। ଦୁର୍ଘଟଣା ପରେ ଉତ୍ୟକ୍ତ ସ୍ଥାନୀୟ ଲୋକେ ରାୟଗଡ଼ା ଓ କଲ୍ୟାଣସିଂହପୁର ମୁଖ୍ୟ ରାସ୍ତା ଅବରୋଧ କରି ରାସ୍ତାରୋକ କରିଥିଲେ। ଖବର ପାଇ ଥାନା ଅଧିକାରୀ ଅଜିତ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ରାୟଗଡ଼ା–କଲ୍ୟାଣସିଂହପୁର ମୁଖ୍ୟ ସଡ଼କର ବେଲକଣା ଛକ ନିକଟର ସଜା ଗ୍ରାମକୁ ଯିବା ଛକ ବୁଲାଣିରେ ଏହି ଦୁର୍ଘଟଣା ଘଟିଛି। ଏକ ଯାତ୍ରୀବାହୀ ବସ ରାୟଗଡାରୁ କାଶୀପୁର ଯାଉଥିବା ଓ଼ଆର ୧୮ସି ୮୬୪୯ବେଳେ ବିପରୀତ ଦିଗରୁ ଓଡି ୧୮ଡ଼ି ୨୮୭୧ବାଇକ ସହ ଧକ୍‌କା ହୋଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ କ୍ଷତିପୂରଣ ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ରାସ୍ତାରୋକ କରିଥିଲେ। ଫଳରେ ରାୟଗଡ଼ା–କଲ୍ୟାଣସିଂହପୁର ମୁଖ୍ୟ ସଡ଼କର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଅଟକି ରହିଥିଲା ଏବଂ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ କଲ୍ୟାଣସିଂହପୁର ଥାନା ଅଧିକାରୀ ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣି ସ୍ୱାଭାବିକ କରିବା ସହ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ଦୁର୍ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ଅପମୃତ ମାମଲା ରଜୁ କରି ତଦନ୍ତ କରୁଥିବା ଜଣାପଡିଛି।

## କେରଳରେ ପୁଣି ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ, ୨୨ ଦିନରେ ଯାଇଛି ୪ ଜୀବନ

ରାୟଗଡ଼ା,(ନି:ପ୍ର): କେରଳ ରାଜ୍ୟର ଏକ କ୍ରସରରେ କାମ କରୁଥିବା ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍‌ର ଝାକରା ମାଝୀ(୫୫)ଙ୍କ ରବିବାର ସନ୍ଧ୍ୟାରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ଗତ ୨୨ ଦିନ ମଧ୍ୟରେ ବ୍ଲକ୍‌ର ୪ ଶ୍ରମିକଙ୍କ ଦୁଃଖଦ ମୃତ୍ୟୁ ଘଟିଛି। ଗତ ତିନି ସପ୍ତାହ ମଧ୍ୟରେ ବ୍ଲକର ୪ ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାରୁ ଶ୍ରମିକ ସୁରକ୍ଷା ଓ ପଞ୍ଜୀକରଣକୁ ନେଇ ପ୍ରଶ୍ନ ଉଠିଛି। ମିଳିଥିବା ସୂଚନାରେ, ସ୍ଥାନୀୟ ଚନ୍ଦ୍ରଗିରି ପଞ୍ଚାୟତ ଅନ୍ତର୍ଗତ ତଳପତ୍ରୀ ଗ୍ରାମର ଝାକରା ମାଝୀ କେରଳ ରାଜ୍ୟର ପାଟିଗଡ଼ ସ୍ଥିତ ଏକ କ୍ରସର ୟୁନିଟ କାମ କରୁଥିଲେ। କାମରୁ ଲେବର କ୍ୟାମ୍ପକୁ ଫେରୁଥିବା ସମୟରେ ଏକ ଯାତ୍ରୀବାହୀ ବସ୍ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କାଶୀପୁର ବ୍ଲକର ବହୁଜଣ ରାଜ୍ୟ ବାହାରେ ଦାଦନ ଖଟୁଛନ୍ତି । କିନ୍ତୁ ପ୍ରଶାସନ ନିକଟରେ ଏହାର ତଥ୍ୟ ରହୁନାହିଁ। ଶ୍ରମିକ ପଞ୍ଜୀକରଣ ନେଇ ଶ୍ରମ ବିଭାଗ ପକ୍ଷରୁ ଗ୍ରାମ ପଞ୍ଚାୟତକୁ ଦାୟିତ୍ୱ ଦେଇ ନୀରବ ରହିଥିବା ଜଣାଯାଇଛି । କେବଳ କାଶୀପୁର ବ୍ଲକ୍‌ରୁ ପାଞ୍ଚ ହଜାରରୁ ଅଧିକ ଶ୍ରମିକ ରାଜ୍ୟ ବାହାରକୁ ଯାଇଥିବା କାଶୀପୁର ନିର୍ମାଣ ଶ୍ରମିକ ସଙ୍ଘ ସଭାପତ ମତ ରଖିଛନ୍ତି । ମୃତଦେହକୁ ନିଜଗାଁକୁ ଆଣିବାରେ ଶ୍ରମ ଅଧିକାରୀ ସହିତ ଅନ୍ୟ ଅଧିକାରୀଙ୍କ ସମ୍ପର୍କରେ ରହିଥିବାର ସ୍ଥାନୀୟ ଅଞ୍ଚଳର ସମାଜସେବୀ ତଥା ମାନବାଧିକାର ରକ୍ଷକ ସଙ୍ଗଠନ ଜିଲ୍ଲା କାର୍ଯ୍ୟକର୍ତ୍ତା କହିଛନ୍ତି।

## ମଦ ଦୋକାନ ଉଚ୍ଛେଦ ଦାବିରେ ଦାବିପତ୍ର

ପାରଳାଖେମୁଣ୍ଡି,(ନିପ୍ର): ଗଜପତି ଜିଲ୍ଲା ରାୟଗଡ଼ ହାଟପଦା ନିକଟସ୍ଥ ବସ୍ତି ପାଖରେ ଥିବା ସରକାରୀ ଠିପିବନ୍ଦ ମଦ ଦୋକାନକୁ ଉଚ୍ଛେଦ ଦାବିରେ ସ୍ଥାନୀୟ ବସ୍ତିବାସୀନ୍ଦାମାନେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରାୟଗଡ ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟଳୟରେ ପ୍ରଶାସନ ପକ୍ଷରୁ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିବା ବେଳେ ସେଠାରେ ଏହି ଦାବି ଜଣାଇଛନ୍ତି । ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଉକ୍ତ ମଦ ଦୋକାନଟି ଆରଆଇ କାର୍ଯ୍ୟାଳୟ, ପିଏଚ୍‌ଡି କାର୍ଯ୍ୟାଳୟ, କୃଷି ବିଭାଗ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ, ଆଇଟିଆଇ ଓ ଏକ ମନ୍ଦିର ନିକଟରେ ଅବସ୍ଥିତ। ସରକାରୀ ନିୟମ ଅନୁଯାୟୀ ଏଭଳି



ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ ଓ ଧାର୍ମିକ ସ୍ଥାନର ୫୦୦ ମିଟର ପରିସର ମଧ୍ୟରେ ମଦ ଦୋକାନ ରହିବା ଉଚିତ ନୁହେଁ। ତଥାପି ଏହି ନିୟମକୁ ଉଲ୍ଲଂଘନ କରି ମଦ ଦୋକାନ ଚାଲୁ ରହିଥିବା ଅଭିଯୋଗ କରାଯାଇଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ପ୍ରକାରେ ମଦ୍ୟପ ବ୍ୟକ୍ତିମାନେ ରାସ୍ତାକଡ଼ରେ ଅଶୋଭନୀୟ କାର୍ଯ୍ୟ କରିବା ସହ ଅଶ୍ଳୀଳ ଭାଷାରେ ପାଟିତୁଣ୍ଡ କରୁଥିବାରୁ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ, ମହିଳା ଏବଂ ସାଧାରଣ ଲୋକ ଯାତାୟାତ ସମୟରେ ଅସୁରକ୍ଷିତ ମନେ କରୁଛନ୍ତି। ଏପରି ପରିସ୍ଥିତିରେ ଜନସ୍ୱାର୍ଥ ଦୃଷ୍ଟିରୁ ଉକ୍ତ ସ୍ଥାନରୁ ସରକାରୀ ମଦ ଦୋକାନକୁ ତୁରନ୍ତ ଉଚ୍ଛେଦ କରିବାକୁ ପ୍ରଶାସନଙ୍କ ନିକଟରେ ଦାବି ଜଣାଇଛନ୍ତି।

## ରଥଯାତ୍ରାରେ ସେବା କରିବେ ୩୦୦ରୁ ଅଧିକ ସ୍ୱେଚ୍ଛାସେବୀ

ଭୁବନେଶ୍ୱର : ବିଗତ ବର୍ଷମାନଙ୍କରେ ବିଶ୍ୱପ୍ରସିଦ୍ଧ ପୁରୀ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ସମୟରେ କିମ୍ବା ଶ୍ରୀ ଲିଙ୍ଗରାଜ ମନ୍ଦିରରେ ମହାଶିବରାତ୍ରିରେ ତଥା ତାରାତାରିଣୀଙ୍କର ଚଇତି ଯାତ୍ରା ସମୟରେ ଉଲ୍ଲେଖନୀୟ ସେବା କାର୍ଯ୍ୟକରି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିବା ସ୍ୱେଚ୍ଛାସେବୀ ସଙ୍ଗଠନ ସେବା ପ୍ରତିନିଧିର ସଦସ୍ୟମାନେ ଏ ବର୍ଷ ପୁଣି ରଥଯାତ୍ରା ସମୟରେ ସଂଗଠନର ମୁଖ୍ୟ ସମାଜସେବୀ ନୀଳମଣି ମିଶ୍ର ତଥା ଗଜପତି ଜିଲ୍ଲା ନ୍ୟାୟାଳୟରେ ପଦସ୍ଥ ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ସେବାକାର୍ଯ୍ୟ କରିବା ପାଇଁ ପୋଲିସ କମିଶନର, ଭୁବନେଶ୍ୱରଙ୍କର ଅନୁମତି ପ୍ରାପ୍ତ କରିବା ପରେ ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି।



ସୂଚନାଯୋଗ୍ୟ, ପୂର୍ବବର୍ଷ ଭଳି ଏଥର ମଧ୍ୟ ପୁରୀ ଲୋକନାଥ ରୋଡ଼ରେ ଅବସ୍ଥିତ ନିଗମାନନ୍ଦ ଆଶ୍ରମର ମିଳିତ ସହଯୋଗରେ ଏହି ସଦସ୍ୟମାନେ ରଥଯାତ୍ରାରେ ଶୃଙ୍ଖଳିତ ଭାବେ ବିଭିନ୍ନ ସେବା କାର୍ଯ୍ୟ ଯଥା ରଥଯାତ୍ରା ଶେଷ ହେବା ପରେ ବଡ଼ଦାଣ୍ଡ ଓଳାଇବା, ଖାଦ୍ୟ ଓ ପାନୀୟ ଜଳ ବାଣ୍ଟିବା, ଷ୍ଟ୍ରେଚରରେ ଗୁରୁତର ଆହତ ବ୍ୟକ୍ତିଙ୍କୁ ହସ୍ପିଟାଲ ପହଞ୍ଚାଇବା, ପୋଲିସ, ପ୍ରଶାସନକୁ ଯଥାସମ୍ଭବ ସାହାଯ୍ୟ କରିବା ପାଇଁ ସ୍ଥିର କରାଯାଇଛି।

୭ଜଣ ଅଭିଜ୍ଞ ଡାକ୍ତର, ୫ଜଣ ଇଂଜିନିୟର, ୧୦ଜଣ ଓକିଲ, କଳାକାର, ମହିଳା ମଣ୍ଡଳ ତଥା ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ୩୦୦ରୁ ଅଧିକ ସଦସ୍ୟ ଏଥର ରଥଯାତ୍ରାରେ ଯଥାସମ୍ଭବ ସେବା ଯୋଗାଇବେ ବୋଲି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି। ସେ ନେଇ ପର୍ଯ୍ୟାୟ କ୍ରମେ ଅନୁଗୁଳ, ଭୁବନେଶ୍ୱର, ଛତ୍ରପୁର ତଥା ପାରଳାଖେମୁଣ୍ଡିରେ ଆଲୋଚନା କରାଯାଇଛି । ଏହିକ୍ରମରେ ପାରଳାଖେମୁଣ୍ଡିରେ ପଦସ୍ଥ ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ଶ୍ରୀ ମିଶ୍ର ଏହି ସ୍ୱେଚ୍ଛାସେବୀ ଦଳର ନେତୃତ୍ୱ ନେବେ ତଥା ଓଲିଉଡ କଳାକାର ବିକାଶ ମହାରଣା, ଦୀପା ମହାରଣା, ହାଇକୋର୍ଟ ଓକିଲ ବିଜୟ ଜେନା, ଗିରିଜା ଶଙ୍କର ପଟ୍ଟନାୟକ, ଅନୁଗୁଳ ସେବା ଦଳର ସମୀର ପ୍ରଧାନ, ସଂଗ୍ରାମ ପ୍ରଧାନ, ଛତ୍ରପୁର ଆଇ.ଆର.ଇରେ କାର୍ଯ୍ୟରତ ଟୁଟୁ ନାୟକ ପ୍ରମୁଖ ଶ୍ରୀ ମିଶ୍ରଙ୍କୁ ଏଥିରେ ସହଯୋଗ କରିବେ ବୋଲି ସୂଚନା ମିଳିଛି।

## ଗୁରୁଜୁଙ୍ଗ ପଞ୍ଚାୟତରେ ଆବାସ ଯୋଜନା ଡ୍ରାଫ୍ଟ ତାଲିକା ନାହିଁ!

### ସ୍ୱତନ୍ତ୍ର ଗ୍ରାମସଭାକୁ ବର୍ଜନ

### ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ଦେଲେ ହିତାଧିକାରୀ

ଭବାନୀପାଟଣା: ଭବାନୀପାଟଣା ବ୍ଲକ ଗୁରୁଜୁଙ୍ଗ ପଂଚାୟତ କାର୍ଯ୍ୟାଳୟକୁ ତାଲା ଦେଲେ ପଂଚାୟତବାସୀ ଓ ଜିଦିରେ ସ୍ୱତନ୍ତ୍ର ଆବାସ ଯୋଜନା ହିତାଧିକାରୀଙ୍କ ତାଲିକା ଡ୍ରାଫ୍ଟ ଲିଷ୍ଟ ସମ୍ପୂର୍ଣ୍ଣ ନ ହେବା ଯାଏଁ ଗ୍ରାମ ସଭା ହୋଇ ପାରିବ ନାହିଁ ବୋଲି ପଂଚାୟତକୁ ତାଲା ଦେଇଥିଲେ। ଘଟଣାରୁ ଜଣାଯାଏ ଯେ, ଗତ ୨୦୨୪-ରେ ଆବାସ ସଫ୍ଟ ଜେନେରାଲ ଡ୍ରାଫ୍ଟ ପ୍ରାୟୋରୀଟି- ୨୦୨୪ରେ ଅନେକ ପ୍ରାୟ ୬୨-୭୦ ପର୍ଯ୍ୟନ୍ତ ଅନଲାଇନ କରିଥିଲେ ମଧ୍ୟ ନାମ ଆସିନାହିଁ, ଏପରିକି ଖୋଲପଲା ଗ୍ରାମରୁ ୩୦ରୁ ଅଧିକ, ଗୁରୁଜୁଙ୍ଗ ଡଙ୍ଗାପଖନ, କରଲାପିଟା, ବାଲିପଦାର ଇତ୍ୟାଦି ଗ୍ରାମରୁ ପ୍ରାୟ ୩୪-୪୦ ଜଣଙ୍କ ନାମ ନାହିଁ ।ଯାହାକି ଗରିବ ନିରୀହ ହିତାଧିକାରୀ ମାନେ ବାଦ୍ ପଡିଥିବାରୁ ପଂଚାୟତ କାର୍ଯ୍ୟାଳୟକୁ ତାଲା ଦେଇଛନ୍ତି ଲୋକେ। ସ୍ୱତନ୍ତ୍ର ଆବାସ ଯୋଜନା ଗ୍ରାମସଭାକୁ ବର୍ଜନ କରି ପଂଚାୟତ କାର୍ଯ୍ୟାଳୟ ଫାଟକରେ ପାଟିତୁଣ୍ଡ କରିଥିଲେ। ପରେ ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ସୁଷମା ସାହୁ ଆସି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରି ଥିଲେ। ହିତାଧିକାରୀଙ୍କ ଠାରୁ ଅଭିଯୋଗ ଦରଖାସ୍ତକୁ ଗ୍ରହଣ କରି ବ୍ଲକ, ଜିଲ୍ଲା ପ୍ରଶାସନଙ୍କ ସହ ଆଲୋଚନା କରିବା ସହ କିପରି ବାଦ୍ ପଡ଼ିଥିବା ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରିବାକୁ ଅନୁରୋଧ କରିବା ବୋଲି ପ୍ରକାଶ କରିବା ପରେ ଆନ୍ଦୋଳନକାରୀ ହିତାଧିକାରୀ ଆନ୍ଦୋଳନ ବନ୍ଦ କରିବା ସହ ନିଜ ନିଜ ଘରକୁ ଯାଇଥିଲେ। ପ୍ରକାଶ ଥାଉକି, ଅନଲାଇନ କରିବା ପରେ ଚେକିଂ କରିବାକୁ ଯେଉଁ ଅଧିକାରୀମାନେ ଆସିଥିଲେ, ସେମାନେ ଏପରି ହିତାଧିକାରୀଙ୍କୁ ତାଲିକାରୁ କାଟିଥିବା ଜଣାଯାଏ। ଦେଖିବାର କଥା କେବେ ଆବାସ ଯୋଜନାରେ ବାଦ୍ ପଡ଼ିଥିବା ହିତାଧିକାରୀଙ୍କ ନାମ ଯୋଡୁଛି ଓ ସ୍ୱତନ୍ତ୍ର ଆବାସ ଯୋଜନା ଗ୍ରାମସଭା ହେଉଛି।

**AFFIDAVIT**

By virtue of an affidavit sworn before The Executive Magistrate Keonjhar, dated 13/07/2026, I Rashmi Naik W/o- Diptiranjan Naik Permanent Address At- Badakesari, Po- Badakesari, Ps-Raruan, Dist- Mayurbhanj Pin- 757035 declare that I have changed the name of my Daughter from Saisopurana Naik to Sai Sampurna Naik henceforth, she shall be known as Sai Sampurna Naik for all purposes.

**Sd/-Rashmi Naik**

**AFFIDAVIT**

By virtue of an affidavit sworn before The Executive Magistrate Keonjhar, dated 13/07/2026, I Niranjan Naik S/o- Mangulu Naik Permanent Address At- Jharbeda, Po- Jharbeda, Ps-Pandapada, Dist- Keonjhar, Pin-758014 declare that I have changed the name of my Daughter from Kusumita Naik to Gayatri Naik henceforth, he shall be known as Gayatri Naik for all purposes.

**Sd/-Niranjan Naik**

## ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ପାଇଁ ସମୟ ମାଗିଲେ କେଜ୍ରିୱାଲ

ନୂଆଦିଲ୍ଲୀ, ୧୪।୭: ଇଥାନଲ୍ ମିଶ୍ରିତ (ଇ-୨୦) ପେଟ୍ରୋଲକୁ ନେଇ ଦେଖାଦେଇଥିବା ଜନ ଅସନ୍ତୋଷ ଓ ବୈଷୟିକ ସମସ୍ୟା ବାବଦରେ ଆଲୋଚନା କରିବା ପାଇଁ ଆମ ଆଦମୀ ପାର୍ଟି (ଆପ୍) ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବା ପାଇଁ ସମୟ ମାଗିଛନ୍ତି। ମଙ୍ଗଳବାର ପ୍ରଧାନମନ୍ତ୍ରୀଙ୍କୁ ଲେଖିଥିବା ଏକ ପତ୍ରରେ କେଜ୍ରିୱାଲ ସାଧାରଣ ଗ୍ରାହକଙ୍କୁ ପେଟ୍ରୋଲ ପମ୍ପରେ ଶୁଦ୍ଧ ପେଟ୍ରୋଲ କିମ୍ବା ଇ-୨୦ ପେଟ୍ରୋଲ ମଧ୍ୟରେ ବିକଳ୍ପ ଦେବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ସାଧାରଣ ଜନତାଙ୍କଠାରୁ ମିଳିଥିବା ମତାମତ ଏବଂ ଇ-୨୦ ପେଟ୍ରୋଲର ସମସ୍ୟାଗୁଡ଼ିକୁ ସେ ପ୍ରଧାନମନ୍ତ୍ରୀଙ୍କ ଆଗରେ ଉପସ୍ଥାପନ କରିବାକୁ ଚାହୁଁଛନ୍ତି ବୋଲି ପ୍ରକାଶ କରିଛନ୍ତି। ନିୟମିତ ପେଟ୍ରୋଲ ତୁଳନାରେ ଇ-୨୦ ପେଟ୍ରୋଲ କମ୍ ମାଇଲେଜ୍ ଦେଉଥିବାରୁ ଏହାର ମୂଲ୍ୟ ହ୍ରାସ କରିବାକୁ ସେ ଦାବି କରିଛନ୍ତି। ଏହି ପ୍ରସଙ୍ଗରେ ଆପ୍ ପକ୍ଷରୁ ଏକ ଅନଲାଇନ୍ ପିଟିସନ୍ ଆରମ୍ଭ କରାଯାଇଛି, ଯେଉଁଠି ନାଗରିକମାନେ ଇ-୨୦ ପେଟ୍ରୋଲ ବ୍ୟବହାରର ମାଇଲେଜ୍ ସମ୍ବନ୍ଧୀୟ ଅଭିଜ୍ଞତା ସେୟାର୍ କରିପାରିବେ ଏବଂ ଏହି ସ୍ୱାକ୍ଷରିତ ପିଟିସନକୁ ପ୍ରଧାନମନ୍ତ୍ରୀଙ୍କୁ ହସ୍ତାନ୍ତର କରାଯିବ।

## କୋଲକତା କାର୍ଯ୍ୟକ୍ରମରେ ଯୋଗ ଦେବେ ତସଲିମା ନସରିନ୍



କୋଲକାତା, ୧୪।୭: ବାଂଲାଦେଶରୁ ନିର୍ବାସିତ ଚର୍ଚ୍ଚିତ ଲେଖିକା ତସଲିମା ନସରିନ୍ ଦୀର୍ଘ ପ୍ରାୟ ଦୁଇ ଦଶନ୍ଧି ପରେ କୋଲକାତା ଫେରୁଛନ୍ତି । ପୂର୍ବରୁ ବାମପନ୍ଥୀ ସରକାର ସମୟରେ ୨୦୦୭ ମସିହାରେ ତାଙ୍କ ଲେଖାକୁ ନେଇ ସୃଷ୍ଟି ହୋଇଥିବା ପ୍ରବଳ ହିଂସାତ୍ମକ ବିରୋଧ ପ୍ରଦର୍ଶନ ଏବଂ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବା କାରଣରୁ ତାଙ୍କୁ କୋଲକାତା ଛାଡ଼ିବାକୁ ପଡ଼ିଥିଲା । ସେବେଠାରୁ ତାଙ୍କର କୋଲକାତା ଫେରିବା ପାଇଁ ହୋଇଥିବା ଅନେକ ପ୍ରୟାସ ସୁରକ୍ଷା କାରଣରୁ ବିଫଳ ହୋଇଥିଲା । ତେବେ ଆସନ୍ତା ଅଗଷ୍ଟ ୧ ତାରିଖରେ ସେ କୋଲକାତାର ରବୀନ୍ଦ୍ର ସଦନଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବେ । ଏହି ସୂଚନା ନିଜେ ତସଲିମା ସୋସିଆଲ ମିଡିଆ ମାଧ୍ୟମରେ ଦେଇଛନ୍ତି । କୋଲକାତା ସହ ତସଲିମାଙ୍କର ବିବାଦୀୟ ସମ୍ପର୍କ ବେଶ୍ ପୁରୁଣା । ତାଙ୍କର ଏହି ପ୍ରସ୍ତାବିତ ଗସ୍ତ ଏବେ ସାହିତ୍ୟିକ ଓ ସାଂସ୍କୃତିକ ମହଲରେ ଏକ ନୂଆ ଚର୍ଚ୍ଚା ସୃଷ୍ଟି କରିଛି । ଏଥର ତାଙ୍କୁ 'ସେକ୍ୟୁଲାର ମିଶନ' ଏବଂ 'ହ୍ୟୁମ୍ୟାନ୍ ରାଇଟ୍ସ ଆଣ୍ଡ ବାଂଲାଦେଶ ଫ୍ରିଡମ୍ ଫାଇଟର୍ସ ଫାଉଣ୍ଡେସନ' ପକ୍ଷରୁ ନିମନ୍ତ୍ରଣ କରାଯାଇଛି । ଆୟୋଜକଙ୍କ କହିବା ଅନୁଯାୟୀ, କଟ୍ଟରପନ୍ଥୀଙ୍କ ବିରୋଧରେ ତାଙ୍କର ଦୀର୍ଘ ଦିନର ସଂଗ୍ରାମ ଏବଂ ଅଭିବ୍ୟକ୍ତିର ସ୍ୱାଧୀନତାକୁ ସମ୍ମାନ ଜଣାଇ ଏହି ନିମନ୍ତ୍ରଣ ଦିଆଯାଇଛି । ନିଜର ଲିଡର ଅନ୍ଦାଜ, ମହିଳା ଅଧିକାର ଓ ଧର୍ମନିରପେକ୍ଷତା ପାଇଁ ତସଲିମା ଆନ୍ତର୍ଜାତୀୟ ସ୍ତରରେ ଉଭୟ ପ୍ରଶଂସା ଓ ବିବାଦ ସାଉଁଟିଛନ୍ତି । ପଶ୍ଚିମବଙ୍ଗରେ ନିକଟରେ ହୋଇଥିବା କ୍ଷମତା ପରିବର୍ତ୍ତନ ଏବଂ ନୂଆ ସରକାର ଗଠନ ପରେ ତସଲିମା ସୋସିଆଲ ମିଡିଆରେ ଏକ ଲମ୍ବା ପୋଷ୍ଟ ଶେୟାର କରିଛନ୍ତି । ଏଥିରେ ସେ ଶୁଭେନ୍ଦୁ ସରକାରଙ୍କୁ ପ୍ରଶଂସା କରିବା ସହ ଲେଖିଛନ୍ତି, 'ମୋର ଆଶା ଅଛି ଯେ ଏବେ ପରିସ୍ଥିତି ବଦଳିପାରେ ।

## ରାଜସ୍ଥାନରେ ପ୍ରସବ ପରେ ୧୮ ମହିଳାଙ୍କ ମୃତ୍ୟୁ

ଜୟପୁର, ୧୪।୭ : ରାଜସ୍ଥାନରେ ଗତ ମେ' ମାସରୁ ୧୮ ଜଣ ମହିଳାଙ୍କର ପିଲା ଜନ୍ମ ଦେବାପରେ ମୃତ୍ୟୁ ହୋଇଯାଇଛି। ଅନ୍ୟ ୭ ଜଣଙ୍କର ପ୍ରସବ ପରେ କିଡ୍ନି ଖରାପ୍ ହୋଇଯାଇଛି ଏବଂ ସେମାନଙ୍କର ଡାଏଲେସିସ୍ କରାଯାଉଛି। ତେବେ ସରକାରୀ ହସ୍ପିଟାଲ୍ ଗୁଡ଼ିକରେ ମାତୃ ମୃତ୍ୟୁ ଏଭଳି ଭାବେ ବଢ଼ିବାରୁ ରାଜ୍ୟ ସରକାର ଉକ୍ତ ଘଟଣାରେ ପୁଙ୍ଖାନୁପୁଙ୍ଖ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଜୁଲାଇ ୫ରୁ ଜୁଲାଇ ୧୦ ତାରିଖ ମଧ୍ୟରେ ଭିଲୱାଡ଼ା ଏବଂ ବଂସୱାଡ଼ାରେ ୯ ମହିଳାଙ୍କର ମୃତ୍ୟୁ ହୋଇଯିବାରୁ ଏହି ଘଟଣାକୁ ନେଇ ରୋଗୀ ଏବଂ ସେମାନଙ୍କ ପରିବାର ସଦସ୍ୟ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ରାଜ୍ୟରେ ମାତୃ ସ୍ୱାସ୍ଥ୍ୟସେବାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଭିଲୱାଡ଼ାର ମହାତ୍ମା ଗାନ୍ଧୀ ହସ୍ପିଟାଲ୍ ସହ ଜଡ଼ିତ ଏକ ମ୍ୟାଟରନିଟି ହସ୍ପିଟାଲରେ ୬ ଦିନ ମଧ୍ୟରେ ୫ ମହିଳାଙ୍କ ମୃତ୍ୟୁ ହୋଇଛି। ସମସ୍ତଙ୍କର ସି ସେକ୍ସନ୍ ଡେଲିଭରି ହୋଇଥିଲା। ହସ୍ପିଟାଲ ରେକର୍ଡ ଅନୁଯାୟୀ ୫ ଜଣ ମହିଳାଙ୍କର ଅସ୍ତ୍ରୋପଚାର ପରେ ସ୍ୱାସ୍ଥ୍ୟ ଜଟିଳତା ଦେଖାଦେଇଥିଲା ଏବଂ ସେମାନଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ସେମାନଙ୍କର ମୃତ୍ୟୁ ହୋଇଯାଇଛି। ତେବେ ଗତ ମେ'ରେ କୋଟା ସରକାରୀ ହସ୍ପିଟାଲରେ ୫ ଜଣଙ୍କର ମୃତ୍ୟୁ ହୋଇଯିବାପରେ ଭିଲୱାଡ଼ାରେ ୫ ଜଣ ମହିଳାଙ୍କର ମୃତ୍ୟୁ ହୋଇଛି। ଅନ୍ୟପକ୍ଷେ ବିକାନେରରେ ଗତ ଜୁନ୍ ମାସରେ ୬ ଜଣ ମହିଳାଙ୍କ ସି ସେକ୍ସନ୍ରେ ସେମାନଙ୍କ କିଡନି ଠିକ୍ ଭାବେ କାମ କରିନଥିଲା। ସେମାନଙ୍କ ମଧ୍ୟରୁ ୨ ଜଣଙ୍କର ପରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଥିଲା। ତେବେ ମିଳିଥିବା ସୂଚନାନୁଯାୟୀ ମୋଟ୍ ୭ ଜଣ ମହିଳାଙ୍କର ଏବେ କିଡନି ଡାଏଲେସିସ୍ କରାଯାଉଛି। ରାଜସ୍ଥାନ ସ୍ୱାସ୍ଥ୍ୟ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଖିମସାର କହିଛନ୍ତି, କାହିଁକି ମୃତ୍ୟୁ ହେଉଛି ତା'ର କାରଣ ଆମେ ଜାଣିପାରୁନୁ। ମୃତ୍ୟୁର କାରଣ ଜାଣିବାପାଇଁ ବିଶେଷଜ୍ଞଙ୍କୁ ଡକାଯାଇଛି।

## ପ୍ରଶାନ୍ତ କିଶୋରଙ୍କର ୯୬ କୋଟି ଟଙ୍କାର ସମ୍ପତ୍ତି

ପାଟନା, ୧୪।୭: ବିହାରରେ ବାଙ୍କୀପୁର ବିଧାନସଭା ଉପନିର୍ବାଚନ ଲଢୁଥିବା ଜନ ସୁରାଜ ପାର୍ଟି ପ୍ରତିଷ୍ଠାତା ପ୍ରଶାନ୍ତ କିଶୋରଙ୍କ ସମ୍ପତ୍ତି ମୂଲ୍ୟ ୯୬ କୋଟି ଟଙ୍କା। ପ୍ରାର୍ଥିପତ୍ର ଦାଖଲ କରିବା ସମୟରେ ପ୍ରଶାନ୍ତ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ କରିଥିବା ସତ୍ୟପାଠରୁ ଏହା ଜଣାପଡ଼ିଛି। ପ୍ରଶାନ୍ତ କିଶୋର ତାଙ୍କ ଅସ୍ଥାବର ସମ୍ପତ୍ତି ମୂଲ୍ୟ ୨୨.୧୯ କୋଟି ଘୋଷଣା କରିଥିବାବେଳେ ସ୍ଥାବର ସମ୍ପତ୍ତିର ମୂଲ୍ୟ ୭୩.୮୭ କୋଟି ଘୋଷଣା କରିଛନ୍ତି। ପ୍ରଶାନ୍ତ କିଶୋରଙ୍କ ପତ୍ନୀ ଜାହ୍ନବୀ ଦାସ ହେଉଛନ୍ତି ଆସାମର ଜଣେ ଡାକ୍ତର । ସେ ପ୍ରଶାନ୍ତଙ୍କଠାରୁ ଅଧିକ ଧନୀ। ତାଙ୍କ ଅସ୍ଥାବର ସମ୍ପତ୍ତି ମୂଲ୍ୟ ୮୯.୫୧ କୋଟି ଥିବାବେଳେ ସ୍ଥାବର ସମ୍ପତ୍ତି ମୂଲ୍ୟ ୧୨.୪୨ କୋଟି ରହିଛି। କିଶୋରଙ୍କ ସତ୍ୟପାଠରେ ଦର୍ଶାଯାଇଛି ଯେ ସେ ୫.୭୭ କୋଟି ଟଙ୍କାର ବ୍ୟାଙ୍କ ଋଣ କରିଛନ୍ତି। ତାଙ୍କ ପତ୍ନୀଙ୍କର ୨ଟି ଫ୍ଲାଟ୍ ଅଛି ଏବଂ ଗୌହାଟୀରେ ଏକ ବଙ୍ଗଳାରେ ତାଙ୍କର ଏକ ତୃତୀୟାଂଶ ସେୟାର ଅଛି। କିଶୋର ନିଜେ ମଧ୍ୟ ଗାଜିଆବାଦରେ ୨ଟି ଫ୍ଲାଟ୍ କିଣିଛନ୍ତି। ଏଥିସହ ସେ ପାଟନାର ପାଟଳୀପୁତ୍ର କଲୋନି ଏବଂ ଦିଲ୍ଲୀର ବସନ୍ତ ବିହାରରେ ଜାଗା କିଣିଛନ୍ତି।

### ଭୋଜଶାଳା ବିବାଦକୁ ନେଇ ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଶୁଣାଣି

# ମୁସଲିମ ପକ୍ଷଙ୍କୁ ନମାଜ ପଢ଼ିବା ପାଇଁ ମିଳିବ ଅଲଗା ଜାଗା




ନୂଆଦିଲ୍ଲୀ, ୧୪।୭: ମଧ୍ୟପ୍ରଦେଶର ଧାରରେ ଥିବା ଭୋଜଶାଳା ପରିସରର ଧାର୍ମିକ ପରିଚୟ ସମ୍ପର୍କରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣି କରୁଛନ୍ତି। ସୁପ୍ରିମକୋର୍ଟ ସୂଚିତ କରିଛନ୍ତି, ଯେ ହିନ୍ଦୁ ଏବଂ ମୁସଲିମ ଉଭୟ ପକ୍ଷଙ୍କ ଅଧିକାରକୁ କ୍ଷତି ନ ପହଞ୍ଚାଇ ଆଖପାଖରେ ଥିବା କିଛି ଅଞ୍ଚଳକୁ ଶୁକ୍ରବାର ନମାଜ ପାଠ ପାଇଁ ନିର୍ଦ୍ଦିଷ୍ଟ କରାଯାଇପାରିବ। କୋର୍ଟ କହିଛନ୍ତି, ଆମେ ପ୍ରତିଦିନ ମାମଲାର ଶୁଣାଣି କରିବାକୁ ଏବଂ ସମସ୍ୟାର ସମାଧାନ କରିବାକୁ ପ୍ରସ୍ତୁତ। ଧାର ଜିଲ୍ଲାର ବିବାଦୀୟ ୧୧ ଶତାବ୍ଦୀର ଭୋଜଶାଳା-କମଲ ମୌଲା ସଂକଳନକୁ ଦେବୀ ସରସ୍ୱତୀଙ୍କ ମନ୍ଦିର ବୋଲି ଘୋଷଣା କରାଯାଇଥିବା ହାଇକୋର୍ଟଙ୍କର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ମୁସଲିମ ପକ୍ଷ ଦ୍ୱାରା ଦାୟର ଆବେଦନ ଉପରେ ସୁପ୍ରିମକୋର୍ଟ କେନ୍ଦ୍ର ଏବଂ ମଧ୍ୟପ୍ରଦେଶ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ, ଏହି ମାମଲାକୁ ଯାଞ୍ଚ୍ କରାଯିବ ଏବଂ ଏହି ସମୟ ମଧ୍ୟରେ, ଏକ ମଧ୍ୟବର୍ତ୍ତୀକାଳୀନ ପଦକ୍ଷେପ ସ୍ୱରୂପ, ମୁସଲିମ ସମ୍ପ୍ରଦାୟକୁ ଶୁକ୍ରବାର ଦିନ ଅପରାହ୍ନ ୧ଟାରୁ ୩ଟା ମଧ୍ୟରେ ନମାଜ ପାଠ କରିବା ପାଇଁ ପରିସର ନିକଟରେ ଏକ ପୃଥକ ଖୋଲା ସ୍ଥାନ ଦିଆଯାଉ। ସୁପ୍ରିମକୋର୍ଟ ଏହା ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ଯେ ସୁପ୍ରିମକୋର୍ଟଙ୍କ ଅନୁମତି ବିନା ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସଆଇ) କୌଣସି ସାଂରଚନିକ ପରିବର୍ତ୍ତନ କରିବ ନାହିଁ। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ଭି.ମୋହନାଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ବ୍ୟବହୃତ ପ୍ରତ୍ୟେକ ଶବ୍ଦକୁ ଅତି ସତର୍କତାର ସହ ବିଚାର କରାଯିବା ଉଚିତ୍। ଏଗୁଡ଼ିକ ଅତ୍ୟନ୍ତ ସମ୍ବେଦନଶୀଳ ମାମଲା। କୋର୍ଟରେ କ'ଣ କୁହାଯାଏ ତାହା ଅଯଥା ବିବାଦ ସୃଷ୍ଟି କରିପାରେ କିମ୍ବା ଭୁଲ୍ ବାର୍ତ୍ତା ପଠାଇପାରେ। ବ୍ୟବହୃତ ପ୍ରତ୍ୟେକ ଶବ୍ଦ ପ୍ରତି ଆମକୁ ବହୁତ ସତର୍କ ରହିବାକୁ ପଡିବ ବୋଲି ଖଣ୍ଡପୀଠ କହିଛନ୍ତି। ସିଜେଆଇ ମୌଖିକ ଭାବରେ କହିଥିଲେ, ଏହା ପ୍ରଥମ ଥର ଯେ ମଧ୍ୟବର୍ତ୍ତୀକାଳୀନ ବ୍ୟବସ୍ଥା ସହିତ ଜଡିତ ଏକ ମାମଲା ଆମ ସାମ୍ନାକୁ ଆସୁଛି। ଆମେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବାରେ ରାଜ୍ୟର ଅସହାୟତାକୁ ମଧ୍ୟ ବିଚାରକୁ ନେଉଛୁ। ଆମର ମତ ଯେ ବର୍ତ୍ତମାନର ବ୍ୟବସ୍ଥା ସହିତ, ଏହି ମାମଲାକୁ ୧୦ ରୁ ୧୫ ଦିନ ମଧ୍ୟରେ ଏକ ଉପଯୁକ୍ତ ଖଣ୍ଡପୀଠ ସମ୍ମୁଖରେ ଶୁଣାଣି ପାଇଁ ତାଲିକାଭୁକ୍ତ କରାଯାଉ।

### ଚାରା ଘୋଟାଲା: ସୁପ୍ରିମକୋର୍ଟରୁ ସିବିଆଇକୁ ଝଟକା

## ଲାଲୁଙ୍କ ଜାମିନ ବାତିଲ ଖାରଜ

ନୂଆଦିଲ୍ଲୀ, ୧୪।୭: ସୁପ୍ରିମକୋର୍ଟ ଚାରା ଘୋଟାଲା ସହିତ ଜଡିତ ଦେଓଘର ମାମଲାରେ ଲାଲୁ ପ୍ରସାଦ ଯାଦବଙ୍କ ଜାମିନ ବାତିଲ କରିବା ପାଇଁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ଆବେଦନକୁ ଖାରଜ କରିଦେଇଛନ୍ତି ।ଜଷ୍ଟିସ୍ ଏମଏମ ସୁନ୍ଦରେଶଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ହାଇକୋର୍ଟର ଜାମିନ ଆଦେଶରେ ହସ୍ତକ୍ଷେପ କରିବାର କୌଣସି କାରଣ ନାହିଁ ।ସୁପ୍ରିମକୋର୍ଟ କହିଥିଲେ ଯେ ୨୦୧୮ ମସିହାରେ ହାଇକୋର୍ଟରେ ଆବେଦନ ଦାଖଲ କରାଯାଇଥିଲା। ସୁପ୍ରିମକୋର୍ଟ ହାଇକୋର୍ଟକୁ ଛଅ ମାସ ମଧ୍ୟରେ ଆବେଦନର ନିଷ୍କାସନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୮ ମସିହାରେ, ସିବିଆଇ ଲାଲୁ ପ୍ରସାଦ ଯାଦବଙ୍କ ଦଣ୍ଡାଦେଶ ବୃଦ୍ଧି ପାଇଁ ଝାଡ଼ଖଣ୍ଡ ହାଇକୋର୍ଟରେ ଏକ ଆବେଦନ ଦାଖଲ କରିଥିଲା ।ଶୁଣାଣି ସମୟରେ, ସୁପ୍ରିମକୋର୍ଟ ଉଲ୍ଲେଖ କରିଥିଲେ ଯେ ମାମଲାର ଅଭିଯୁକ୍ତଙ୍କ ବୟସ ୭୦ ବର୍ଷରୁ ଅଧିକ। ଶୁଣାଣି ସମୟରେ, ସିବିଆଇର ପ୍ରତିନିଧିତ୍ୱ କରୁଥିବା ଏଏସଜି ଏସଭି ରାଜୁ କହିଥିଲେ ଯେ ଲାଲୁ ପ୍ରସାଦ ଯାଦବଙ୍କ ଦଣ୍ଡାଦେଶକୁ ସ୍ଥଗିତ ରଖି ହାଇକୋର୍ଟ ଆଇନର ଅପବ୍ୟବହାର କରିଛନ୍ତି। ଏହି ନିର୍ଦ୍ଦେଶ ବେଆଇନ ।ଶୁଣାଣି ସମୟରେ, ଲାଲୁ ପ୍ରସାଦ ଯାଦବଙ୍କ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ କପିଲ ସିବଲ କହିଥିଲେ ଯେ ଏହି ମାମଲାରେ ଅନେକ ଅଭିଯୁକ୍ତ ଅଛନ୍ତି, ଏବଂ କେତେକ ଏପର୍ଯ୍ୟନ୍ତ ସିବିଆଇର ଆବେଦନର ଉତ୍ତର ଦେଇନାହାନ୍ତି। କେତେକ କୋର୍ଟଙ୍କ ସମନ ମଧ୍ୟ ପାଇନାହାନ୍ତି। କୋର୍ଟ ତା'ପରେ କହିଥିଲେ, 'ଆମେ ଜାଣୁ ଏହି ଆବେଦନ କ'ଣ। ଆମେ ବୁଝୁଛୁ ଯେ ସିବିଆଇ ଏବଂ ଲାଲୁ ପ୍ରସାଦ ଯାଦବଙ୍କ ଓକିଲମାନେ ଏହାର ପରିଣାମ ଜାଣନ୍ତି। ଆପଣ ଆପଣଙ୍କର କାମ କରନ୍ତୁ, ଏବଂ ଆମେ ଆମର କାମ କରୁଛୁ।'

## ମହିଳାଙ୍କୁ ଅସଦାଚରଣ, ବିରୋଧ କରିବାରୁ ଆକ୍ରମଣ: ୯ ଗିରଫ

ମୁମ୍ବାଇ, ୧୪।୭: ପ୍ରଥମେ ମହିଳାଙ୍କ ସହ ଅସଦାଚରଣ, ପ୍ରତିବାଦ କରିବାରୁ ଗୋଟିଏ ପରିବାରକୁ ୧୫ କିଲୋମିଟର ପର୍ଯ୍ୟନ୍ତ ଗୋଡ଼ାଇ ଲୁହା ରଡରେ ଆକ୍ରମଣ । ଏହି ଘଟଣାରେ ରାସ୍ତା ଉପରେ ଆତଙ୍କ ଖେଳାଇଥିବା ୯ ଜଣଙ୍କୁ ପୋଲିସ ଗିରଫ କରିଛି ।ଏହି ସମ୍ପୂର୍ଣ୍ଣ ଘଟଣାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏହି ଭିଡିଓରେ ଦୁଇଜଣ ବ୍ୟକ୍ତି ବାଇକରେ ଆସୁଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ଲୁହା ରଡ୍ ଧରି ପରିବାରର କାରକୁ ଗୋଡ଼ାଉଥିବା ଦେଖିବାକୁ ମିଳୁଛି । ପୋଲିସ ସୂଚନା ଅନୁସାରେ, ଏହି ମାମଲାରେ ସଂପୃକ୍ତ ଥିବା ଅନ୍ୟ ତିନିଜଣ ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ କରାଯାଉଛି । ରିପୋର୍ଟ ଅନୁଯାୟୀ, ଘଟଣାଟି ରବିବାର ଘଟିଥିଲା । ୪୪ ବର୍ଷୀୟ ମହିଳା ତାଙ୍କ ସ୍ୱାମୀ, ପୁଅ, ଝିଅ, ଭାଇ ଏବଂ ଦୁଇ ଭଣଜାଙ୍କ ସହିତ ଭାବଲି ଡ୍ୟାମ ନିକଟବର୍ତ୍ତୀ ଜଳପ୍ରପାତ ବୁଲିବାକୁ ଯାଇଥିଲେ । ପୀଡ଼ିତାଙ୍କ ଝିଅ କହିଛନ୍ତି, 'ରବିବାର, ଆମେ ଭାବଲି ଡ୍ୟାମ୍ ନିକଟରେ ଏକ ସ୍ଥାନରେ ଥିଲୁ । ଫେରିବା ବାଟରେ ଦୁଇ ଜଣ ଯୁବକ ମୋ ମାଆଙ୍କୁ ହଇରାଣ କଲେ । ମାଆ ସେମାନଙ୍କୁ ତାଗିଦ୍ କଲେ । ମୋ ବାପା ସେମାନଙ୍କୁ ଚାପୁଡ଼ା ମାରିଲେ । ଏହା ପରେ ସେମାନେ ଦୌଡ଼ି ପଳାଇଗଲେ । ତା'ପରେ ନିକଟସ୍ଥ ଏକ ଝୁମ୍ପୁଡ଼ିର ସ୍ଥାନୀୟ ଲୋକମାନେ ଆସି ପିଲମାନେ ସେମାନଙ୍କ ଗାଁର ବୋଲି କହିଲେ । ଆମେ ଫେରିବା ପାଇଁ ଉଦ୍ୟମ କରିବା ବେଳେ ସେହି ଗୋଷ୍ଠୀ ଗାଡ଼ି ଉପରେ ଆକ୍ରମଣ କରିଥିଲେ ।

### ପହଲଗାମ ଆତଙ୍କୀ ଆକ୍ରମଣ ମାମଲା

## ହାଫିଜ୍ ସଇଦ ବିରୋଧରେ ଜାମିନବିହୀନ ୱାରେଣ୍ଟ ଜାରି



ନୂଆଦିଲ୍ଲୀ, ୧୪।୭:ପହଲଗାମ ଆତଙ୍କବାଦୀ ଆକ୍ରମଣ ମାମଲାରେ ବଡ଼ ପଦକ୍ଷେପ ନେଇଛି ଜାତୀୟ ତଦନ୍ତ ସଂସ୍ଥା (ଏନଆଇଏ)। ଜମ୍ମୁସ୍ଥିତ ସ୍ୱତନ୍ତ୍ର ଏନଆଇଏ କୋର୍ଟ ପାକିସ୍ତାନ ଭିତ୍ତିକ ଲସ୍କର-ଏ-ତୈବାର ମୁଖ୍ୟ ହାଫିଜ୍ ସଇଦଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରି କରିଛନ୍ତି। ଏନଆଇଏ ପକ୍ଷରୁ ସପ୍ଲିମେଣ୍ଟାରୀ ଚାର୍ଜସିଟ୍ ଦାଖଲ ହେବାର ଦୁଇ ଦିନ ପରେ ଅଦାଲତ ଏହି ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ସ୍ୱତନ୍ତ୍ର ଏନଆଇଏ କୋର୍ଟର ବିଚାରପତି ଗତ ୮ ଜୁଲାଇରେ ଏହି ପରୱାନା ଜାରି କରିଥିଲେ। ପହଲଗାମ ଆକ୍ରମଣର ଷଡ଼ଯନ୍ତ୍ରରେ ହାଫିଜ୍ ସଇଦଙ୍କ ସମ୍ପୃକ୍ତିକୁ ନେଇ ଏନଆଇଏ ଅଧିକ ତଦନ୍ତ କରୁଥିବା ବେଳେ ଏହି ଆଇନଗତ ପଦକ୍ଷେପ ନିଆଯାଇଛି। ଏନଆଇଏ ଦାଖଲ କରିଥିବା ସପ୍ଲିମେଣ୍ଟାରୀ ଚାର୍ଜସିଟରେ ୭୬ ବର୍ଷୀୟ ହାଫିଜ୍ ସହ ଲସ୍କର-ଏ-ତୈବା ଏବଂ ଏହାର ପ୍ରକ୍ସି ସଂଗଠନ 'ଦି ରେଜିଷ୍ଟାନ୍ସ ଫ୍ରଣ୍ଟ' ର ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଯାଇଛି। ତାଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ବିଏନଏସ), ୨୦୨୩ ଓ ବେଆଇନ କାର୍ଯ୍ୟକଳାପ (ନିବାରଣ) ଆଇନ (ୟୁଏପିଏ), ୧୯୬୭ର ବିଭିନ୍ନ ଧାରାରେ ମାମଲା ରୁଜୁ କରାଯାଇଛି। ଅଦାଲତରେ ଏନଆଇଏ ପକ୍ଷରୁ ଦାଖଲ କରାଯାଇଥିବା ରିପୋର୍ଟରେ କୁହାଯାଇଛି ଯେ, ପାକିସ୍ତାନର ପଞ୍ଜାବ ପ୍ରଦେଶର ସରଗୋଧାର ବାସିନ୍ଦା ହାଫିଜ୍ ସଇଦ ବର୍ତ୍ତମାନ ପଳାତକ ଅଛନ୍ତି ଏବଂ ସେ ଜାଣିଶୁଣି ଗିରଫଦାରୀକୁ ଏଡ଼ାଇ ଯାଉଛନ୍ତି। ତାଙ୍କୁ ଗିରଫ କରି ହାଜତରେ ଜେରା କରିବା ତଦନ୍ତ ପାଇଁ ଅତ୍ୟନ୍ତ ଜରୁରୀ ବୋଲି ଏନଆଇଏ ଅଦାଲତଙ୍କୁ ଜଣାଇଥିଲା।

## କମେଡିଆନ୍ ସମୟ ରୈନାଙ୍କ ଉପରେ ବର୍ଷିଲେ ସୁପ୍ରିମକୋର୍ଟ




ନୂଆଦିଲ୍ଲୀ, ୧୪।୭: ଷ୍ଟାଣ୍ଡଅପ୍ କମେଡିଆନ ସମୟ ରୈନା ପୁଣିଥରେ ବିବାଦରେ ଫସିଛନ୍ତି । ତାଙ୍କର ବିବାଦୀୟ ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ ଶୋକୁ ନେଇ ସୁପ୍ରିମକୋର୍ଟ ପୁଣିଥରେ କଡ଼ା ସମାଲୋଚନା କରିଛନ୍ତି । କୋର୍ଟ କହିଛନ୍ତି, ସମୟ ଭୁଲ୍ ତଥ୍ୟ ଉପସ୍ଥାପନ କରିଛନ୍ତି ଏବଂ ନ୍ୟାୟିକ ପ୍ରକ୍ରିୟାକୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରିଛନ୍ତି । ଏହି ମାମଲାରେ ସୁପ୍ରିମକୋର୍ଟ ସମୟଙ୍କ ଉପରେ ୧୦ ଲକ୍ଷ ଟଙ୍କାର ଜରିମାନା ଲଗାଇଛନ୍ତି। କୋର୍ଟ ସମୟ ରୈନାଙ୍କ ଉପରେ ୧୦ ଲକ୍ଷ ଜରିମାନା ଲଗାଇ ଦୁଇ ସପ୍ତାହ ମଧ୍ୟରେ ରାଶି ଜମା କରିବାକୁ କହିଛନ୍ତି । ୧୫ ଦିନ ମଧ୍ୟରେ ଏକ ନିୟମ ପାଳନ ସତ୍ୟପାଠ ଦାଖଲ କରିବାକୁ ଶେଷ ସୁଯୋଗ ମଧ୍ୟ ଦିଆଯାଇଛି ।

### ଭାରତୀୟ ନାଗରିକଙ୍କ ମୃତ୍ୟୁ ପରେ କେନ୍ଦ୍ର ସରକାରଙ୍କ କାର୍ଯ୍ୟାନୁଷ୍ଠାନ

## ଇରାନୀ ଅଧିକାରୀଙ୍କୁ କଲେ ସମନ



ନୂଆଦିଲ୍ଲୀ, ୧୪।୭: ଭାରତୀୟ ନାବିକଙ୍କ ମୃତ୍ୟୁକୁ ନେଇ କ୍ରୋଧିତ ଭାରତ ସରକାର। ଇରାନ ପ୍ରଶାସନ ନିକଟରେ ଆନୁଷ୍ଠାନିକ ଭାବେ ନିଜର ଦୃଢ଼ ଆପତ୍ତି ଓ କଡ଼ା ବିରୋଧ ପ୍ରଦର୍ଶନ କରିଛି ଭାରତୀୟ ବୈଦେଶିକ ମନ୍ତ୍ରାଳୟ। ସମୁଦ୍ର ପଥରେ ସାଧାରଣ ବାଣିଜ୍ୟିକ ଜାହାଜଗୁଡ଼ିକର ସୁରକ୍ଷାକୁ ନେଇ ଭାରତ ନିଜର ଗଭୀର ଚିନ୍ତା ପ୍ରକଟ କରିବା ସହ ନାବିକମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା ଏଭଳି ଆକ୍ରମଣକୁ ନିନ୍ଦା କରିଛି। ଏହା କେଉଁ ଉଦ୍ଦେଶ୍ୟରେ ଏଭଳି ଘଟଣା ଘଟିଲା, ଏନେ ଇରାନ କୂଟନୀତିଜ୍ଞଙ୍କୁ ସମନ କରିଛି ଭାରତର ବୈଦେଶିକ ମନ୍ତ୍ରାଳୟ। ଏହି ମାମଲାରେ ସେଲଭ୍ ହେବା ପାଇଁ ଭାରତର ବୈଦେଶିକ ମନ୍ତ୍ରାଳୟ ମଙ୍ଗଳବାର ଦିନ ନୂଆଦିଲ୍ଲୀରେ ଅବସ୍ଥାପିତ ଇରାନର କୂଟନୀତିଜ୍ଞମାନଙ୍କୁ ସମନ କରିଛି। ତଲବ କରାଯାଇଥିବା ଅଧିକାରୀଙ୍କ ମଧ୍ୟରେ ଇରାନର ଡେପୁଟି ଚିଫ୍ ଅଫ୍ ମିଶନ ମହମ୍ମଦ ଜବାଦ ହୋସେନି ମଧ୍ୟ ସାମିଲ ଅଛନ୍ତି। ମିଳିଥିବା ସୂଚନା ମୁତାବକ, ଇରାନ ସୀମାନ୍ତରେ ଥିବା ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ପ୍ରଣାଳୀର ଓମାନ ସାମୁଦ୍ରିକ ସୀମା ମଧ୍ୟରେ ୟୁଏଇର ଦୁଇଟି ତେଲ ଟାଙ୍କର 'ମୋମ୍ବାସା' ଏବଂ 'ଅଲ୍ ବାହିୟା' କୁ କ୍ରୁଜ୍ ମିସାଇଲ୍ ମାଧ୍ୟମରେ ଆକ୍ରମଣ କରାଯାଇଥିଲା। ଏହି ମିସାଇଲ୍ ମାଡ଼ ଯୋଗୁଁ 'ମୋମ୍ବାସା' ଜାହାଜରେ କାର୍ଯ୍ୟରତ ଜଣେ ଭାରତୀୟ ନାବିକ ପ୍ରାଣ ହରାଇଥିବା ବେଳେ ମୋଟ ୮ ଜଣ କ୍ରୁ ସଦସ୍ୟ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ୬ ଜଣ ଭାରତୀୟ ଏବଂ ୨ ଜଣ ୟୁକ୍ରେନର ନାଗରିକ ଥିବା ଜଣାପଡ଼ିଛି, ଯେଉଁମାନଙ୍କ ଭିତରୁ ୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି ।ଏହି ଅଞ୍ଚଳରେ ଗତ କିଛି ଦିନ ହେବ ଆମେରିକା ଏବଂ ଇରାନ ମଧ୍ୟରେ ସାମରିକ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି।

## ଆମେରିକା-ଇରାନ ଯୁଦ୍ଧ: ଏପର୍ଯ୍ୟନ୍ତ ୧୪ ଆମେରିକୀୟ ସୈନିକଙ୍କ ମୃତ୍ୟୁ

ନୂଆଦିଲ୍ଲୀ ୧୪।୭; ଆମେରିକା-ଇରାନ ଯୁଦ୍ଧରେ ଆମେରିକୀୟ ସୈନ୍ୟଙ୍କ ମୃତ୍ୟୁ ସଂଖ୍ୟା ୧୪କୁ ବୃଦ୍ଧି ପାଇଛି । ବର୍ତ୍ତମାନ ମୃତ୍ୟୁ ହୋଉଛି ଜଣେ ଆମେରିକୀୟ ନୌସେନା ପାଇଲଟଙ୍କର। ଯିଏ ଜୁଲାଇ ଆରମ୍ଭରେ ଆରବ ସାଗରରେ ଏକ ହେଲିକପ୍ଟର ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ ।ଏହା ସହିତ ଏହି ସଂଘର୍ଷରେ ଆହତ ହୋଇଥିବା ଆମେରିକୀୟ ସୈନ୍ୟଙ୍କ ସଂଖ୍ୟା ୪୧୪କୁ ବୃଦ୍ଧି ପାଇଛି ବୋଲି ଆମେରିକା କେନ୍ଦ୍ରୀୟ କମାଣ୍ଡ ସେଣ୍ଟକମ୍ କହିଛି। ଆମେରିକୀୟ ଅଧିକାରୀଙ୍କ ଅନୁଯାୟୀ, ଆହତ ସୈନିକମାନଙ୍କ ମଧ୍ୟରୁ ଅଧିକାଂଶ ଟ୍ରମାଟିକ୍ ବ୍ରେନ୍ ଆଘାତ (ଟିବିଆଇ)ରେ ପୀଡିତ ଥିଲେ। ଏହା ମୁଣ୍ଡ ଏବଂ ମସ୍ତିଷ୍କରେ ଗୁରୁତର ଆଘାତ ଯୋଗୁଁ ସୃଷ୍ଟି ହୋଇଥିଲା। ଏପରି ଆଘାତ ସାଧାରଣତଃ ମିସାଇଲ୍ ଆକ୍ରମଣ ଏବଂ ବଡ଼ ବିସ୍ଫୋରଣ ନିକଟରେ ଥିବା ସୈନିକମାନଙ୍କଠାରେ ଦେଖାଦେଇଥାଏ। ପୂର୍ବରୁ, ପୃଥକ ଘଟଣାରେ ୧୩ ଜଣ ଆମେରିକୀୟ ସୈନିକଙ୍କ ମୃତ୍ୟୁ ହୋଇଥିଲା ।

## ଜାତିସଂଘ ସୁରକ୍ଷା ପରିଷଦରେ ସଦସ୍ୟତା ପାଇଁ ଅଣ୍ଟା ଭିଡ଼ିଲା ଭାରତ



ନୂଆଦିଲ୍ଲୀ, ୧୪।୭:ଭାରତ ୨୦୨୮-୨୯ କାର୍ଯ୍ୟକାଳ ପାଇଁ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନଏସଇ)ର ଅସ୍ଥାୟୀ ସଦସ୍ୟ ହେବା ପାଇଁ ନିର୍ବାଚନ ଅଭିଯାନ ଆରମ୍ଭ କରିଛି। ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର କହିଛନ୍ତି, ଭାରତର ଏକ ଦୃଢ଼ ଶାନ୍ତି ରକ୍ଷା ରେକର୍ଡ ଅଛି। ବିକାଶ ପାଇଁ ଅନ୍ୟ ରାଷ୍ଟ୍ରଗୁଡ଼ିକ ସହିତ ସହଭାଗୀ ଏବଂ ଏକ ନିୟମ-ଆଧାରିତ ବିଶ୍ୱ କ୍ରମରେ ବିଶ୍ୱାସ କରେ। ସେ ଭାରତର 'ଶାନ୍ତି' ଦୃଷ୍ଟିକୋଣ ମଧ୍ୟ ଉନ୍ମୋଚନ କରିଛନ୍ତି। ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଜାତିସଂଘ ମୁଖ୍ୟାଳୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସମୟରେ ଭାରତର ୟୁଏନଏସଇ ୨୦୨୮-୨୯ ବିଡ ପାଇଁ 'ଶାନ୍ତି' (ମାନଦଣ୍ଡ, ଟ୍ରଷ୍ଟ ଏବଂ ଏକତା) ଅଭିଯାନ ଆରମ୍ଭ କରିଥିଲେ। ବିଭିନ୍ନ ଦେଶର ସ୍ଥାୟୀ ପ୍ରତିନିଧି, କୂଟନୀତିଜ୍ଞ ଏବଂ ବରିଷ୍ଠ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଭାରତ କହିଛି ଯେ, ଜାତିସଂଘ ପ୍ରତି ଏହାର ଆଭିମୁଖ୍ୟ 'ଶାନ୍ତି', ଯାହା ମାନଦଣ୍ଡ, ବିଶ୍ୱାସ ଏବଂ ଏକତା ମାଧ୍ୟମରେ ସାମଗ୍ରିକ ପ୍ରଗତି ସୁନିଶ୍ଚିତ କରିବା ଆବଶ୍ୟକ। ଭାରତ ପୂର୍ବରୁ ୨୦୨୧-୨୨ କାର୍ଯ୍ୟକାଳ ମଧ୍ୟରେ ସୁରକ୍ଷା ପରିଷଦର ଅସ୍ଥାୟୀ ସଦସ୍ୟ ଭାବରେ କାର୍ଯ୍ୟ କରିଛି। ୨୦୨୮-୨୯ କାର୍ଯ୍ୟକାଳ ପାଇଁ ନିର୍ବାଚନ ଆସନ୍ତା ବର୍ଷ ଜୁନ ମାସରେ ଅନୁଷ୍ଠିତ ହେବ।

# ଶେଷ ହୋଇଯିବ ଇରାନ୍: ଟ୍ରମ୍ପ




ନୂଆଦିଲ୍ଲୀ, ୧୪।୭ : ହର୍ମୁଜ୍ ପ୍ରଣାଳୀକୁ ନେଇ ଚାଲିଥିବା ଉତ୍ତେଜନା ମଧ୍ୟରେ ଟ୍ରମ୍ପ ଏକ ବଡ ଘୋଷଣା କରିଛନ୍ତି। ଟ୍ରମ୍ପ କହିଛନ୍ତି ଯେ, ଆଜି ରାତିରେ ଇରାନ ଶେଷ ହୋଇଯିବ। ଏକ ବଡ଼ ଆକ୍ରମଣ ସହିତ ଇରାନକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବାକୁ ସେ ଦାବି କରିଛନ୍ତି। ଟ୍ରମ୍ପ କହିଛନ୍ତି, 'ଆମେ ଆଜି ରାତିରେ ଇରାନର ସମସ୍ତ ଅଞ୍ଚଳକୁ କବଜା କରିବୁ।' ଟ୍ରମ୍ପ ଏହା ମଧ୍ୟ ଦାବି କରିଛନ୍ତି ଯେ, ଇରାନର ସାମରିକ ଶକ୍ତି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ରାଡାର ଠାରୁ ଆରମ୍ଭ କରି ଜାହାଜ ପର୍ଯ୍ୟନ୍ତ ସବୁକିଛି ନଷ୍ଟ ହୋଇଯାଇଛି। ଏପରିକି କୌଣସି ନେତୃତ୍ୱ ବାକି ନାହିଁ, ତେଣୁ ଇରାନ ଏବେ ପଛକୁ ହଟିଯାଇଛି। ଏହି ସମୟରେ, ଆମେରିକା ସିନେଟ୍ ସଂଖ୍ୟାଲଘୁ ନେତା ଚକ୍ ସ୍କୁମର ଇରାନ ବିରୁଦ୍ଧରେ ଆମେରିକା-ଇସ୍ରାଏଲ ଯୁଦ୍ଧ ପାଇଁ ରାଷ୍ଟ୍ରପତି ଟ୍ରମ୍ପଙ୍କ ଆଭିମୁଖ୍ୟକୁ ସମାଲୋଚନା କରିଛନ୍ତି। ସ୍କୁମର ଟ୍ରମ୍ପଙ୍କୁ ସ୍ପଷ୍ଟ ରଣନୀତି ବିନା ପୂର୍ବ ଭୁଲ ଗୁଡ଼ିକୁ ପୁନରାବୃତ୍ତି କରିବାର ଅଭିଯୋଗ କରିଥିଲେ। ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, 'ଚାରି ମାସ ପୂର୍ବେ, ଏହି ଲୋକ ମାନଙ୍କର ମଧ୍ୟପ୍ରାଚ୍ୟରେ ସବୁଠାରୁ ଶକ୍ତିଶାଳୀ ସେନା ଥିଲା। ସେମାନଙ୍କର ୧୫୯ ଜାହାଜ ଥିଲା। ଏବେ ସେମାନେ ସମସ୍ତେ ପାଣି ତଳେ ଅଛନ୍ତି।' ସେମାନଙ୍କ ପାଖରେ ୨୩୦ ବିମାନ ଥିଲା, ଆକ୍ରମଣ ବିମାନ ସମେତ ସମସ୍ତ ଚାଲିଗଲା। ସେମାନଙ୍କର ଏକ ଶକ୍ତିଶାଳୀ ରାଡାର ସିଷ୍ଟମ ଥିଲା ତାହା ମଧ୍ୟ ଚାଲିଗଲା। ସେମାନଙ୍କର ଏକ ଶକ୍ତିଶାଳୀ ବିମାନ ପ୍ରତିରୋଧୀ ବ୍ୟବସ୍ଥା ଥିଲା। ସେ ସବୁ ଚାଲିଗଲା, ସେମାନଙ୍କର ସମଗ୍ର ନେତୃତ୍ୱ ଚାଲିଗଲେ ।ଇରାନ ଆମେରିକାକୁ ଜବାବ ଦେଇଛି ଯେ, ଆମେ ହରମୁଜ୍ ର ନିୟନ୍ତ୍ରଣ ଛାଡିବୁ ନାହିଁ।

# ଗଣଦୁଷ୍କର୍ମ ମାମଲା: ୩ ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ଜଗତସିଂହପୁର: ଜଗତସିଂହପୁର ଜିଲ୍ଲାରେ ଘଟିଥିବା ଏକ ଗଣଦୁଷ୍କର୍ମ ମାମଲାରେ ଜଗତସିଂହପୁର ଫାଷ୍ଟ ଟ୍ରାକ ସ୍ପେଶାଲ କୋର୍ଟ ମଙ୍ଗଳବାର ଚୂଡ଼ାନ୍ତ ରାୟ ପ୍ରକାଶ କରି ୩ ଜଣ ଅଭିଯୁକ୍ତଙ୍କୁ କଠୋର ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ଏହି ମାମଲାରେ ଭାରତୀୟ ଦଣ୍ଡ ସଂହିତା (ଓଚଉ) ର ଧାରା ୩୭୬(ଡି) ଏବଂ ୫୦୬ ଅନୁଯାୟୀ କୋର୍ଟ ସମସ୍ତ ତିନି ଅଭିଯୁକ୍ତଙ୍କୁ ୨୦ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ ସହିତ ପ୍ରତ୍ୟେକଙ୍କୁ ୧୦,୦୦୦ ଟଙ୍କା ଲେଖାଏଁ ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହା ପୂର୍ବରୁ କୋର୍ଟ ପୀଡ଼ିତାଙ୍କୁ ଓଡ଼ିଶା କ୍ଷତିପୂରଣ ଯୋଜନା ଅଧୀନରେ ୨ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ମାମଲାର ବିବରଣୀ ଅନୁଯାୟୀ ୨୦୨୪ ମସିହା ଫେବୃଆରୀ ୩ ତାରିଖ ସନ୍ଧ୍ୟାରେ ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ନିମକାନା ରେଳ ଷ୍ଟେସନ ନିକଟରେ ଜଣେ ୨୯ ବର୍ଷୀୟା ମହିଳାଙ୍କୁ ଗଣଦୁଷ୍କର୍ମ କରାଯାଇଥିଲା । ଏହି ଜଘନ୍ୟ କାଣ୍ଡରେ ସମ୍ପୃକ୍ତ ଥିବା ତିର୍ତ୍ତୋଲ ଥାନା ଅଞ୍ଚଳର ୩ ଜଣ ଅଭିଯୁକ୍ତ ରଞ୍ଜନ କୁମାର ଶିଳ (୨୬), ବିଶ୍ୱରଞ୍ଜନ ନାୟକ (୨୯) ଏବଂ ସୁରେଶ କୁମାର ବେହେରା (୪୦) ଙ୍କୁ ପୋଲିସ ଗିରଫ କରିଥିଲା ।ଓଡ଼ିଶା ପୋଲିସର ମହିଳା ଏବଂ ଶିଶୁ ଅପରାଧ ନିରାକରଣ ଶାଖା, ଭୁବନେଶ୍ୱର ଦ୍ୱାରା ଏହି ମାମଲାର ତଦନ୍ତ କରାଯାଇଥିଲା । ଶାଖାର ଡିଏସପି ଶ୍ରୀମତୀ ଇମାନ କଲ୍ୟାଣ ନାୟକ ଏହି ମାମଲାର ତଦନ୍ତ କରି ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲେ । ଏହି ଚାର୍ଜସିଟ ଓ ଦୃଢ଼ ପ୍ରମାଣ ଆଧାରରେ କୋର୍ଟ ସମସ୍ତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଏହି ଦଣ୍ଡାଦେଶ ଶୁଣାଇଛନ୍ତି ।

# ଡକାୟତି ଯୋଜନା ଫେଲ୍: ୫ ଜଣଙ୍କୁ କାବୁକଲା ପୋଲିସ

ଭୁବନେଶ୍ୱର(ନି.ପ୍ର): ଡକାୟତି କରିବାକୁ ଯୋଜନା କରୁଥିବା ବେଳେ ଖଣ୍ଡଗିରି ପୁଲିସ ଏକ ଗ୍ୟାଙ୍ଗକୁ କାବୁ କରିଛି । ଗ୍ୟାଙ୍ଗର ୫ଜଣ ସଦସ୍ୟଙ୍କୁ ପୁଲିସ ଗିରଫ କରିଥିବା ବେଳେ ସେମାନଙ୍କ ଯୋଜନକୁ ପଣ୍ଡ କରିଦେଇଛି । ଗିରଫ ଅଭିଯୁକ୍ତମାନେ ହେଲେ ଧୀରେନ ଭଞ୍ଜ ଓରଫ ଧିରୁ, ସୁନୀଲ ପରିଡ଼ା ଓରଫ ସାନିଆ, ଏସ୍.କେ. ଜାୱେଦ ଓରଫ ଲାଡେନ, ଶିବାନନ୍ଦ ସାହୁ ଓରଫ ଶିବା ଓ ଶରତ ସାହୁ । ପୁଲିସ ଏମାନଙ୍କ ବିରୋଧରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ଖଣ୍ଡଗିରୀ ଥାନାଧିକାରୀଙ୍କ ନିର୍ଦ୍ଦେଶ ମୁତାବକ ସମ୍ପୃକ୍ତ ଥାନାର ଏକ ଟିମ ଗତକାଲି ରାତିରେ ନିଜ ଅଞ୍ଚଳରେ ପେଟ୍ରୋଲିଂ କରୁଥିବା ବେଳେ, ଏମ୍ସ ରାସ୍ତାରେ ଥିବା କାଜୁବଣସ୍ଥିତ ଭୁଆସୁଣୀ ମନ୍ଦିର ନିକଟରେ ଥିବା ଅନ୍ଧାରିଆ ସ୍ଥାନରେ କିଛି ଅଭିଯୁକ୍ତ ଏକତ୍ର ବସି ମଦ୍ୟପାନ କରିବା ସହ ରାସ୍ତାରେ ଯାଉଥିବା ପଥଚାରୀଙ୍କ ନିକଟରୁ ସଶସ୍ତ୍ର ଡକାୟତି ନିମନ୍ତେ ଯୋଜନ କରୁଥିବା ନେଇ, ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ । ମିଳିଥିବା ସୂଚନାକୁ ଆଧାର କରି ପେଟ୍ରୋଲିଂ ଟିମ ଘଟଣା ସ୍ଥଳରେ ଅତର୍କିତ ଚଢଉ କରି ପାଞ୍ଚଜଣ ଅଭିଯୁକ୍ତଙ୍କୁ କାବୁ କରିବା ସହ ସେମାନଙ୍କ ହେପାଜତରୁ ଦୁଇଟି ନମ୍ବର ବିହୀନ ମୋଟରସାଇକେଲ, ଏକ କଟୁରି, ଏକ ମୋବାଇଲ ଫୋନ, ଲଙ୍କାଗୁଣ୍ଡ ପ୍ୟାକେଟ, ମଦ ବୋତଲ, ଗ୍ଲାସ ଏବଂ ସିଗାରେଟ ପ୍ୟାକେଟ ଜବତ କରିଥିଲେ । ପଚରାଉଚରା ବେଳେ, ଅଭିଯୁକ୍ତମାନେ ସେଠାରେ ବସି ନିକଟସ୍ଥ ରାସ୍ତାରେ ଯାତାୟତ କରୁଥିବା ତଥା ସ୍ଥାନୀୟ ଅଞ୍ଚଳରୁ ସଶସ୍ତ୍ର ଡକାୟତି ନିମନ୍ତେ ଯୋଜନ କରୁଥିବା ସ୍ୱୀକାର କରିଥିଲେ । ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଅଭିଯୁକ୍ତ ଧୀରେନ ଭଞ୍ଜ ଓରଫ ଧିରୁଙ୍କ ନାମରେ ପୂର୍ବରୁ ଖଣ୍ଡଗିରୀ ଥାନାରେ ୪ଟି ଅପରାଧିକ ମାମଲା ରହିଥିବା ବେଳେ, ଅଭିଯୁକ୍ତ ସୁନୀଲ ପରିଡା ଓରଫ ସନିଆ ନାମରେ ବିଭିନ୍ନ ଥାନାରେ ୨୦ଟି, ଅଭିଯୁକ୍ତ ଏସକେ ଜାୱେଦ ଓରଫ ଲାଡେନ ନାମରେ ୩ଟି ଓ ଅଭିଯୁକ୍ତ ଶରତ ସାହୁ ନାମରେ ୨ଟି ଅପରାଧିକ ମାମଲା ରହିଛି ।

## ବେଆଇନ ମଇଁଷି ଚାଲାଣ, ଦୁଇ ଗିରଫ

ଭୁବନେଶ୍ୱର(ନି.ପ୍ର): ବେଆଇନ ଭାବେ ମଇଁଷି ଚାଲାଣ କରୁଥିବା ବେଳେ ଇନଫୋସିସି ଥାନା ପୁଲିସ ଚଢାଉ କରି ଦୁଇ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଦ୍ୱୟ ହେଲେ ସୁଶାନ୍ତ ଷଣ୍ଢ ଓ ଅଭୟ ସାହୁ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ଆଜି ସକାଳ ପ୍ରାୟ ୪ଟା ସମୟରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଅଭିଯୋଗକାରୀ ଭାନୁ ପ୍ରତାପ ଜେନା ଓ ତାଙ୍କ ଗୋରକ୍ଷକ ଗୋଷ୍ଠୀର ସଦସ୍ୟମାନେ ଗଙ୍ଗାପଡ଼ା ନିକଟ ଏନଏଚ-୧୬ ରେ ଯାଉଥିବା ଏକ ଟ୍ରକକୁ ଅଟକାଇବାକୁ ଚେଷ୍ଟା କରିଥିଲେ । ସେମାନଙ୍କ ସନ୍ଦେହ ଥିଲା ଯେ ଟ୍ରକରେ ବେଆଇନ ଭାବେ ମଇଁଷି ପରିବହନ କରାଯାଉଛି । କିନ୍ତୁ ଟ୍ରକ ଚାଳକ ଗାଡ଼ି ନ ଅଟକାଇ ଦ୍ରୁତ ଗତିରେ ସେମାନଙ୍କ ଆଡ଼କୁ ଚଳାଇଥିଲେ, ଯାହାଫଳରେ ଅଭିଯୋଗକାରୀ ଓ ତାଙ୍କ ସହଯୋଗୀମାନଙ୍କ ଜୀବନ ବିପଦରେ ପଡ଼ିଥିଲା । ସେମାନେ ଅଳ୍ପକେ ରକ୍ଷା ପାଇ ଟ୍ରକକୁ ପିଛା କରି ଗଙ୍ଗାପଡ଼ାର ରାଜଭୋଗ ହୋଟେଲ ନିକଟରେ ଅଟକାଇବାରେ ସକ୍ଷମ ହୋଇଥିଲେ । ଟ୍ରକ ଅଟକିବା ପରେ ଡ୍ରାଇଭର ଓ ହେଲପର ଲୁହା ରଡ୍ ଧରି ଅଭିଯୋଗକାରୀ ଏବଂ ତାଙ୍କ ସହଯୋଗୀମାନଙ୍କୁ ଆକ୍ରମଣ ଲାଗି ଧମକ ଦେଇଥିଲେ । ପରେ ଟ୍ରକର ପଛ ଭାଗ ଖୋଲି ଦେଖିବାରୁ ୧୭ଟି ମଇଁଷିକୁ ଅତ୍ୟଧିକ ନିଷ୍ଠୁର ଭାବରେ ପରିବହନ କରାଯାଉଥିବା ଏବଂ ସେଥିରୁ ଗୋଟିଏ କଳା ମଇଁଷି ମୃତ ଅବସ୍ଥାରେ ପଡ଼ିଥିବା ଦେଖାଯାଇଥିଲା । ଏହା ପରେ ଅଭିଯୋଗକାରୀ ପିସିଆରକୁ ଖବର ଦେଇଥିଲେ ।

## ଶାସ୍ତ୍ରୀ ନଗର ଛକରେ ଦୁର୍ଘଟଣା: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର: ସୋମବାର ବିଳମ୍ବିତ ରାତିରେ ଭୁବନେଶ୍ୱରର ଶାସ୍ତ୍ରୀ ନଗର ଛକ ନିକଟରେ ମଦ୍ୟପାନ କରି ଚଳାଉଥିବା ଜଣେ ଆଇନ ଛାତ୍ରଙ୍କ ଏସ୍ୟୁଭି ଏକ ମୋଟରସାଇକେଲ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ଏଥିରେ ଜଣେ ୩୪ ବର୍ଷୀୟ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମଙ୍ଗଳବାର ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ପୋଲିସ କହିଛି ଯେ ସୌମ୍ୟ ରଞ୍ଜନ ରଥ ନାମକ ଅଭିଯୁକ୍ତଙ୍କ ବିରୋଧରେ ଦ୍ରୁତଗତିରେ ଗାଡି ଚାଳନା ଏବଂ ମଦ୍ୟପାନ କରି ଗାଡି ଚାଳନା ଅଭିଯୋଗରେ ମାମଲା ରୁଜୁ କରାଯାଇଛି । ମୃତକଙ୍କ ନାମ ଦେବୀ ପ୍ରସାଦ ରାଉତରାୟ ।

## ପାରିବାରିକ କଳହ: ସ୍ୱାମୀର ଆତ୍ମହତ୍ୟା

ଭାପୁର(ନିପ୍ର): ପାରିବାରିକ ଘଟଣାକୁ ନେଇ ସ୍ୱାମୀ-ସ୍ତ୍ରୀ ମଧ୍ୟରେ କଳହ ଲାଗିଥିଲା । ଘଟଣାକୁ ନେଇ ସ୍ୱାମୀର ଆତ୍ମହତ୍ୟା ଘଟଣା ଫତେଗଡ଼ ଥାନା ଅଂଚଳରେ ଚାଞ୍ଚଲ୍ୟ ଖେଳିଯାଇଛି । ଉଲ୍ଲେଖଯୋଗ୍ୟ, ଗତ ୮ ମାସ ତଳେ ବାପା ମରିଥିବାବେଳେ ୧୫ ଦିନ ତଳେ ଡିମ୍ବ ବୋଝେଇ ହାଇୱା ଭିତରୁ ପୁତୁରାର ମୃତଦେହ ଉଦ୍ଧାର ହୋଇଥିଲା । ଏହିଭଳି ହୃଦୟବିଦାରକ ଘଟଣା ଫତେଗଡ଼ ଥାନା ବିଜିପୁର ପଂଚାୟତ ସୁନାଖଳା ଗ୍ରାମର ରଘୁନାଥ ରାଉତଙ୍କ ପରିବାରରେ ଘଟିଛି । ଘଟଣାରୁ ପ୍ରକାଶ, ସେହି ଗ୍ରାମର ପ୍ରଭାକର ରାଉତ (୪୫) ପରିବାରର କୌଣସି ଘଟଣାକୁ ନେଇ ସ୍ତ୍ରୀ ସହିତ ସୋମବାର କଳହ ସୃଷ୍ଟି ହୋଇଥିଲା । ଫଳରେ ସ୍ତ୍ରୀର ନିର୍ଯାତନା ସହି ନ ପାରି ପ୍ରଭା ସେହିଦିନ ଚାଉଳ ପୋକମରା ଔଷଧ ଖାଇ ନିକଟ ସ୍କୁଲ ବାରଣ୍ଡାରେ ଶୋଇ ପଡିଥିଲା । ପରିବାର ଲୋକେ ତୁରନ୍ତ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ । ଅବସ୍ଥା ଗୁରୁତର ହେବାରୁ ଖୋର୍ଦ୍ଧା ମେଡିକାଲକୁ ପଠାଇ ଦେଇଥିଲେ । ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ ।

## ଗୋଷ୍ଠୀ ବିବାଦକୁ ନେଇ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ୫ ଗିରଫ

ଭୁବନେଶ୍ୱର(ନି.ପ୍ର): ଗୋଷ୍ଠୀ ବିବାଦକୁ ନେଇ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଇନଫୋସିଟି ଥାନା ପୁଲିସ ୫ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ପପୁନା ଜେନା (୨୮), ବିଦ୍ୟାଧର ଜେନା (୬୪), ଚନ୍ଦନ ମହାପାତ୍ର (୨୬), ବିପିନ ମହାପାତ୍ର (୫୮) ଓ ଅମୂଲ୍ୟ ମହାପାତ୍ର । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ଗତ ଗଣେଷ ପୂଜା ଭସାଣି ସମୟରୁ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦର ସୂତ୍ରପାତ ହୋଇଥିଲା । ଗତକାଲି ସନ୍ଧ୍ୟା ପ୍ରାୟ ୭.୩୦ ସମୟରେ ଅଭିଯୋଗକାରୀ ଜଗଦୀଶ ବେହେରା ନିଜ ସମ୍ପର୍କୀୟଙ୍କ ଘରକୁ ଯାଉଥିବା ବେଳେ ଗାଁ ଲକ୍ଷ୍ମୀପୂଜା ମଣ୍ଡପ ନିକଟରେ ଅଭିଯୁକ୍ତ ତାପସ ଜେନା ଏବଂ ପପୁନା ଜେନାଙ୍କ ଦ୍ୱାରା ଏକ ଧାରୁଆ ଅସ୍ତ୍ର ସାହାଯ୍ୟରେ ମରଣାନ୍ତକ ଆକ୍ରମଣର ଶିକାର ହୋଇ ଗୁରୁତର ଆହତ ହୋଇଥିଲେ । ତାଙ୍କ ପାଟି ଶୁଣି ନିକଟସ୍ଥ ଘରୁ ସମ୍ପର୍କୀୟ ଶ୍ରୀଧର ବେହେରା ଘଟଣା ସ୍ଥଳକୁ ଆସି ଅଭିଯୁକ୍ତ ପପୁନା ଜେନାକୁ କାବୁ କରିନେଇଥିଲେ । ଏହି ଘଟଣା ସମ୍ପର୍କରେ ସୂଚନାପାଇ ଅଭିଯୋଗକାରୀଙ୍କ ପରିବାର ସଦସ୍ୟ ତୁରନ୍ତ ଘଟଣା ସ୍ଥଳରେ ଯାଇ ପହଞ୍ଚିଥିଲେ । ଏହାର କିଛି ସମୟ ପରେ ଅନ୍ୟ ଅଭିଯୁକ୍ତମାନେ ଘଟଣା ସମ୍ପର୍କରେ ସୂଚନା ପାଇ ବିଭିନ୍ନ ମରଣାସ୍ତ୍ରରେ ସଜ୍ଜିତ ହୋଇ ଅଭିଯୋଗକାରୀଙ୍କ ସମ୍ପର୍କୀୟ ତଥା ସ୍ଥାନୀୟ ବାସିନ୍ଦାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଫଳରେ ଅଭିଯୁକ୍ତଙ୍କ ଆକ୍ରମଣରେ ଏକାଧିକ ବ୍ୟକ୍ତି ଗୁରୁତର ଆହତ ହୋଇ ଚିକିତ୍ସା ଲାଗି ହସ୍ପିଟାଲକୁ ସ୍ଥାନାନ୍ତର ହୋଇଥିଲେ । ସୂଚନା ପାଇ ପୁଲିସ ତୁରନ୍ତ ଘଟଣା ସ୍ଥଳରେ ଯାଇ ପହଞ୍ଚିଥିଲେ । ପୁଲିସକୁ ଦେଖି ଅଭିଯୁକ୍ତମାନେ ସେଠାରୁ ଛତ୍ରଭଙ୍ଗ ଦେଇଥିବା ବେଳେ, ଅଭିଯୋଗକାରୀଙ୍କୁ ଜୀବନରୁ ମାରିବାର ଧମକ ଦେଇଥିଲେ । ତଦନ୍ତ ସମୟରେ ପୁଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ପାଞ୍ଚଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଘଟଣାରେ ବ୍ୟବହୃତ ମରଣାସ୍ତ୍ର ସବୁକୁ ଜବତ କରିଥିଲେ । ପଚରାଉଚରା ସମୟରେ ଅଭିଯୁକ୍ତମାନେ ଏହି ଅପରାଧରେ ନିଜର ସମ୍ପୃକ୍ତି ସ୍ୱୀକାର କରିଥିଲେ । ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲିଛି ।

## ସଟର କାଟି ଲକ୍ଷାଧିକ ଟଙ୍କାର ଇଲେକ୍ଟ୍ରିକ୍ ସାମଗ୍ରୀ ଚୋରି

ବାଲିଶଙ୍କରା: ତଲସରା ଥାନା ଅନ୍ତର୍ଗତ ବାଲିଶଙ୍କରା କୁଇଲେରମୁଣ୍ଡା ନିକଟରେ ଥିବା ଟେଡା ବିଲ୍ଡିଂ ଇଲେକ୍ଟ୍ରିକ୍ ଦୋକାନର ସଟର କାଟି ଲକ୍ଷାଧିକ ଟଙ୍କାର ଇଲେକ୍ଟ୍ରିକ୍ ସାମଗ୍ରୀ ଚୋରି ହୋଇଛି । ସୂଚନା ଅନୁସାରେ, ଗତକାଲି ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଜଗନ୍ନାଥ ଡୁଙ୍ଗେତ (୪୫)ଙ୍କ ଇଲେକ୍ଟ୍ରିକ୍ ଦୋକାନର ସଟର କାଟି ଦୋକାନ ଭିତରକୁ ପ୍ରବେଶ କରିଥିଲେ । ଦୋକାନରୁ ପାଣି ମୋଟର ସହ ଅନ୍ୟାନ୍ୟ ଇଲେକ୍ଟ୍ରିକ୍ ସାମଗ୍ରୀ ଯାହାକି ଲକ୍ଷାଧିକ ଟଙ୍କାର ହେବ ଚୋରି କରି ନେଇଯାଇଛନ୍ତି । ଏନେଇ ଥାନାରେ



ଲିଖିତ ଅଭିଯୋଗ ଜଣାଇଥିବା ଜଣାପଡିଛି । ସେହିପରି ଗତ ୮ ତାରିଖ ପଟେଇମୁଣ୍ଡା ଗ୍ରାମର ଯୁବକ ଲଳିତ ମହାକୁଳ ଘର ତିଆରି କରୁଥିବାରୁ ଶ୍ରମିକମାନଙ୍କୁ ପାଉଣା ଦେବା ପାଇଁ ବାଲିଶଙ୍କରା ସେଣ୍ଟ୍ରାଲ ବ୍ୟାଙ୍କକୁ ଆସି ୧ ଲକ୍ଷ ଟଙ୍କା ବାହାର କରି ବ୍ୟାଗରେ ଟଙ୍କା ଭର୍ତ୍ତି କରି ହୋଟେଲ ସମ୍ମୁଖରେ ଛିଡା ହୋଇଥିବାବେଳେ ୨ ଜଣ ମୁଖା ପିନ୍ଧା ଯୁବକ ବାଇକରେ ଆସି ସେହି ଯୁବକଙ୍କ ଟଙ୍କା ଭର୍ତ୍ତି ବ୍ୟାଗକୁ ଝାମ୍ପି ନେଇ ଛତିଶଗଡ଼ ପଟକୁ ଫେରାର ହୋଇଯାଇଥିଲେ । ମାସେ ମଧ୍ୟରେ ତଲସରା ଥାନା ଅଂଚଳରେ ୩ଟି ଲଗାତାର ଚୋରି ହେବା ଘଟଣା ଅଞ୍ଚଳବାସୀଙ୍କ ମନରେ ଭୟର ବାତାବରଣ ଖେଳିଯାଇଥିବା ବେଳେ ପୁଲିସ ଚୋରମାନଙ୍କୁ ଧରିବାରେ ବିଫଳ ହୋଇଥିବାବେଳେ ଆଜି ପୁଣି ଏପରି ଖବର ସାମ୍ନାକୁ ଆସିଛି । ଏଠାରେ ତଲସରା ପୁଲିସ ପକ୍ଷରୁ କଡାକଡି ପାଟ୍ରୋଲିଂ ସହ ଦୁର୍ବୃତ୍ତମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହେଉଛି ।

### ସୁନ୍ଦରପଦା ବୋମା ବିସ୍ଫୋରଣ

## ୩ ସ୍ଥାନରେ ଏନଆଇଏ ତଲାସି: ଅପରାଧମୂଳକ ସାମଗ୍ରୀ ଜବତ

ଭୁବନେଶ୍ୱର,୧୪।୭: ଜାନୁଆରୀ ୨୦୨୬ରେ ପୁରୁଣା ଭୁବନେଶ୍ୱର ଅନ୍ତର୍ଗତ ସୁନ୍ଦରପଦା ଅଞ୍ଚଳରେ ଘଟିଥିବା ବୋମା ବିସ୍ଫୋରଣ ଘଟଣାରେ ମଙ୍ଗଳବାର ଜାତୀୟ



ତଦନ୍ତକାରୀ ସଂସ୍ଥା (ଏନଆଇଏ)ର ଏକାଧିକ ଦଳ ଭୁବନେଶ୍ୱର ଏବଂ ଏହାର ଆଖପାଖରେ ଏକ ସମନ୍ୱିତ ଅଭିଯାନରେ ୩ ସ୍ଥାନରେ ତଲାସି କରିଥିଲେ ।ମାମଲାରେ ଗିରଫ ହୋଇଥିବା ଜଣେ ଅଭିଯୁକ୍ତଙ୍କଠାରୁ ପୂର୍ବରୁ ସଂଗୃହୀତ ବିଭିନ୍ନ ପ୍ରମାଣର ବିସ୍ତୃତ ବିଶ୍ଳେଷଣ ଏବଂ ଏପର୍ଯ୍ୟନ୍ତ ତଦନ୍ତରୁ ମିଳିଥିବା ଅନ୍ୟାନ୍ୟ ତଥ୍ୟ ଉପରେ ଆଧାର କରି ଟାର୍ଗେଟ କରାଯାଇଥିବା ସ୍ଥାନଗୁଡ଼ିକୁ ଚିହ୍ନଟ କରାଯାଇଥିଲା । ରିପୋର୍ଟ ଅନୁଯାୟୀ, ଏନଆଇଏ ପୂର୍ବରୁ କିଛି ଦିନ ପୂର୍ବରୁ ଉତ୍ତର ପ୍ରଦେଶର ତାଙ୍କ ଆଡ୍ଡାରୁ ଭୁବନେଶ୍ୱରର ପଟିଆ ଅଞ୍ଚଳର ଜଣେ ୨୬ ବର୍ଷୀୟ ଯୁବକଙ୍କୁ ଗିରଫ କରିଥିଲା ।ଆଜିର ତଲାସିର ଲକ୍ଷ୍ୟ ବୋମା ପ୍ରସ୍ତୁତିରେ ବ୍ୟବହୃତ ବିସ୍ଫୋରକ ସାମଗ୍ରୀ ଏବଂ ଅନ୍ୟାନ୍ୟ ଉପାଦାନର ଉତ୍ସ ଚିହ୍ନଟ କରିବା ଏବଂ ସେଗୁଡ଼ିକର ଉଦ୍ଦେଶ୍ୟ ବ୍ୟବହାର ଉନ୍ମୋଚନ କରିବା ଥିଲା । ଏନଆଇଏ ଏହି ସାମଗ୍ରୀ ସଂଗ୍ରହ ପାଇଁ ବ୍ୟବହୃତ ପାଣ୍ଠିର ଉତ୍ସ ମଧ୍ୟ ଯାଞ୍ଚ କରୁଛି । ଏଥିରେ କୁହାଯାଇଛି ଯେ ମଙ୍ଗଳବାର ଏହି ମାମଲାରେ କରାଯାଇଥିବା ତଲାସୀରେ ଅନେକ ଡିଜିଟାଲ୍ ଡିଭାଇସ୍ ଏବଂ ଅନ୍ୟାନ୍ୟ ଅପରାଧମୂଳକ ସାମଗ୍ରୀ ଜବତ କରାଯାଇଛି, ଯାହାକୁ ଫୋରେନସିକ୍ ପରୀକ୍ଷା ପାଇଁ ପଠାଯାଉଛି ।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ, କର୍ତ୍ତବ୍ୟରେ ହେଳା ଲାଗି ଦୁଇ ଗିରଫ

ଭୁବନେଶ୍ୱର(ନି.ପ୍ର): ରାସ୍ତା ନିର୍ମାଣ କାମ କରିବା ସମୟରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ନକରିବାରୁ ଜଣେ ଯୁବକ ଦୁର୍ଘଟଣାର ଶୀକାର ହୋଇ ମୃତ୍ୟୁବରଣ କରିଛନ୍ତି । ଏହି ଘଟଣାରେ ଭରତପୁର ପୁଲିସ ଦୁଇଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଦ୍ୱୟ ହେଲେ ମଲିକାର୍ଜୁନ ରାଓ ଓ ଜିତେନ୍ଦ୍ର ପ୍ରସାଦ ଜେନା । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ଏନେଇ ପ୍ରଦୀପ ପଟ୍ଟନାୟକ ଥାନାରେ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ମୃତ ଦେବାଶିଷ ପଟ୍ଟନାୟକ କଟକର ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନରେ ଗବେଷଣା ଫେଲୋ ଭାବେ କାର୍ଯ୍ୟ କରୁଥିଲେ ଏବଂ କଟକରେ ରହୁଥିଲେ । ୧୧.୦୬.୨୦୨୩ ତାରିଖରେ ସେ ତାଙ୍କ ବନ୍ଧୁ ଅଂଶୁମାନ ମହାପାତ୍ରଙ୍କ ବିବାହ ପୂର୍ବ ଉତ୍ସବରେ ଯୋଗଦେବା ପାଇଁ ଭୁବନେଶ୍ୱରର ହଂସପାଳ ନିକଟସ୍ଥ ଫୁଡ୍ ପାର୍କ ରେଷ୍ଟୁରାଣ୍ଟକୁ ଆସିଥିଲେ । ରାତି ପ୍ରାୟ ୧୨ଟାରେ ମାଆଙ୍କ ସହ ଫୋନରେ କଥା ହେବା ପରେ ସେ ସେଠାରୁ ଏକାକୀ ବାହାରି ଯାଇଥିଲେ । ୧୨.୦୬.୨୦୨୩ ରାତି ପ୍ରାୟ ୧୨:୩୦ ସମୟରେ ସେ ତାଙ୍କ ମୋଟରସାଇକେଲ ଯୋଗେ ବରମୁଣ୍ଡା ଆଡ଼କୁ ଯାଉଥିବା ବେଳେ, ତପୋବନ ହାଇସ୍କୁଲ କଟ୍ ଓ ବରମୁଣ୍ଡା ବସ୍ ଷ୍ଟାଣ୍ଡ ମଧ୍ୟରେ ଥିବା ସର୍ଭିସ୍ ରୋଡ୍‌ରେ କଲଭର୍ଟ ନିର୍ମାଣ ପାଇଁ ଖୋଳାଯାଇଥିବା ପାଣିଭରା ଗାତରେ ପଡ଼ିଯାଇଥିଲେ । ଏହି ନିର୍ମାଣ କାମ ଏନଏଚଆଇ ପକ୍ଷରୁ କରାଯାଉଥିଲା । କିନ୍ତୁ ସେଠାରେ କୌଣସି ବ୍ୟାରିକେଡ୍, ସତର୍କ ସୂଚନା ବୋର୍ଡ, ରିଫ୍ଲେକ୍ଟର, ଲାଲ ବତୀ କିମ୍ବା ଅନ୍ୟ କୌଣସି ସୁରକ୍ଷା ବ୍ୟବସ୍ଥା ରଖାଯାଇନଥିଲା । ଏହି ଅବହେଳା ଯୋଗୁଁ ଦେବାଶିଷ ଗାତରେ ପଡ଼ି ଦୁର୍ଘଟଣାର ଶିକାର ହୋଇଥିଲେ । ସେହି ସମୟରେ ଅଭିଜିତ ଚୌଧୁରୀ ନାମକ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କ ସହ ସିନେମା ଦେଖି ଘରକୁ ଫେରୁଥିଲେ । ସେ ଜଣେ ମୋଟରସାଇକେଲ ଚାଳକଙ୍କ ହେଡଲାଇଟ୍ ହଠାତ୍ ଅଦୃଶ୍ୟ ହେବା ଦେଖି ଘଟଣାସ୍ଥଳକୁ ଯାଇ ପାଣିଭରା ଗାତରେ ଜଣେ ବ୍ୟକ୍ତି ଓ ମୋଟରସାଇକେଲ ବୁଡ଼ିଥିବା ଦେଖିଥିଲେ । ସେ ତୁରନ୍ତ ୧୧୨କୁ ଫୋନ୍ କରି ସୂଚନା ଦେଇଥିଲେ । ଖବରପାଇ ପିସିଆର୍-୧୫, ଅଗ୍ନିଶମ ବାହିନୀ ଏବଂ ୧୦୮ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ଦେବାଶିଷଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଅଭିଯୋଗ ହେବା ପରେ, ପୁଲିସ ମାମଲାର ତଦନ୍ତ କରିଥିଲେ । ତଦନ୍ତ କାଳରେ ଏକ ବିଶ୍ୱସ୍ତ ସୂଚନା କ୍ରମେ ପୁଲିସ ବରମୁଣ୍ଡା ବସ ଷ୍ଟାଣ୍ଡ ଅଞ୍ଚଳରେ ଚଢଉ କରି ଦୁଇ ଅଭିଯୁକ୍ତଙ୍କୁ ଆଜି କାବୁ କରିବାରେ ସକ୍ଷମ ହୋଇଥିବା ବେଳେ, ଉଭୟ ନିଜର ଦୋଷ ସ୍ୱୀକାର କରିଥିଲେ ।

### ସିଭିଲି କୋର୍ଟ ସ୍ଥିତାବସ୍ଥା ଆଦେଶକୁ ମାନୁନି ପିପିଲି ପୋଲିସ !

## ନ୍ୟାୟ ପାଇଁ ଅଭିଯୋଗକାରୀ ଏସପିଙ୍କ ଦ୍ୱାରସ୍ଥ

ପିପିଲି(ନିପ୍ର): ଦେୱାନୀ ସିଭିଲି କୋର୍ଟ ସ୍ଥିତାବସ୍ଥା ଆଦେଶକୁ ପିପିଲି ପୋଲିସ କାର୍ଯ୍ୟକାରି ନକରି ପାଲଟା ଧମକ ଦେଉଥିବା ଭଳି ସଙ୍ଗିନୀ ଅଭିଯୋଗ ନଜରକୁ ଆସିଛି । ପୋଲିସ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ବଜାୟ ରଖି ଜମିବାଡ଼ି ବିବାଦ ଉପରେ ଆପୋଷ ସମାଧାନ କରିଥାଏ । ତାହା ସହିତ କୌଣସି ମାଜିଷ୍ଟ୍ରେଟ କିମ୍ବା ସିଭିଲ କୋର୍ଟଙ୍କ ନିର୍ଦ୍ଦେଶନାମା ଉପରେ ଆଦେଶ ପାଇ କାର୍ଯ୍ୟକାରୀ ମଧ୍ୟ କରିଥାଏ । ପିପିଲି ପୋଲିସ କୋର୍ଟ ଆଦେଶକୁ ଅବମାନନା କରିଚାଲିଥିବା ବେଳେ ସାଧାରଣ ଜନତାଙ୍କୁ କିଭଳି ନ୍ୟାୟ ପ୍ରଦାନ କରୁଥିବ ତାହାକୁ ନେଇ ଅଙ୍ଗୁଳି ଉଠିବାକୁ ବସିଲାଣି । ସୂଚନା ଅନୁଯାୟୀ ପିପିଲି ଥାନା ଅଞ୍ଚଳରେ ଜଣେ ବ୍ୟକ୍ତି ଜମି ବିକ୍ରୟ କରିବା ନିମନ୍ତେ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ରେଜେଷ୍ଟ୍ରି ଏଗ୍ରିମେଣ୍ଟ କରି ଜମି ଦଖଲ ଦେଇଥିଲେ । ପରବର୍ତ୍ତୀ ସମୟରେ ଚୁକ୍ତିଦାତାଙ୍କ ଅକାଳ ବିୟୋଗ ହେବାରେ ତାଙ୍କର ଉତ୍ତରାଧିକାରୀ ଭାବରେ ସ୍ତ୍ରୀ ଉକ୍ତ ସମ୍ପାଦନ ଚୁକ୍ତିନାମାନାମାକୁ ଉଲ୍ଲଂଘନ କରିଥିଲେ, ଯାହାକି ଚୁକ୍ତି ଗ୍ରହୀତା ସିଭିଲ କୋର୍ଟର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୋର୍ଟ ଉକ୍ତ ବୃତ୍ତି ଉପରେ ସ୍ଥିତାବସ୍ଥା ଆଦେଶ କରି ମୂଳ ମାମଲା ବିଚାରାଧୀନ ରହିଛି । ଏନେଇ ପିପିଲି ପୋଲିସ ଚୁକ୍ତିନାମା କରିଥିବା ସ୍ତ୍ରୀଙ୍କ କଥାରେ ପରିଚାଳିତ ହୋଇ ଚୁକ୍ତି ଗ୍ରହୀତା ବା ସ୍ଥିତାବସ୍ଥା ପାଇଥିବା ବ୍ୟକ୍ତିଙ୍କୁ ଦଖଲ ଛାଡ଼ିବା ପାଇଁ ବାଧ କରିବାରୁ ସ୍ଥିତାବସ୍ଥା ପାଇଥିବା ବ୍ୟକ୍ତି ଏ ନେଇ ପିପିଲି ପୋଲିସ ଉପରୁ ଆସ୍ଥା ତୁଟାଇ ଉଚ୍ଚସ୍ଥ ପୋଲିସ ଅଧିକାରୀଙ୍କୁ ଲିଖିତ ଯୋଗେ ଜଣାଇଥିବା ସୂଚନା ମିଳିଛି ।

## ମହାନଦୀରେ ବୃଦ୍ଧ ନିଖୋଜ

କଟକ(ନିପ୍ର): ମହାନଦୀ ନେଲା ଆଉ ଏକ ଜୀବନ । ଗାଧୋଉ ଗାଧୋଉ ଭାସି ଗଲେ ଜଣେ ବୃଦ୍ଧ । ମିଳିଥିବା ସୂଚନା ମୁତାବକ ପ୍ରତିଦିନ ପରି ମଙ୍ଗଳବାର ସକାଳେ ନଜରପୁର ପ୍ରଧାନ ସାହି ବସ୍ତିର ଶ୍ରୀଧର ନାୟକ (୬୫) ରେଳ ପୋଲ ତଳେ ବସ୍ତି ପାର୍ଶ୍ୱ ମହାନଦୀକୁ ଗାଧୋଇବାକୁ ଯାଇଥିଲେ । ହଠାତ ନଦୀର ସ୍ରୋତରେ ଭାସି ଯାଇଥିଲେ । ପ୍ରାୟ ବାଲି ସାହି ପର୍ଯ୍ୟନ୍ତ ଭାସି ଯାଉଥିବା ବସ୍ତି ଲୋକ ଦେଖି ଜଗତପୁର ଥାନାକୁ ଖବର ଦେଇଥିଲେ। ଥାନାଧିକାରୀ ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦେଇ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ । ମାତ୍ର ଏ ଯାଏ ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇ ପାରିନାହିଁ । ଉଦ୍ଧାର କାର୍ଯ୍ୟ ଜାରି ରହିଛି । ନିଖୋଜ ବ୍ୟକ୍ତିଙ୍କର ଜଗତପୁର ଷ୍ଟେସନ ବଜାରରେ ଏକ ପାନ ଦୋକାନ ରହିଛି ଓ ସେ ପ୍ରାୟ ତାଙ୍କ ନିତ୍ୟକ୍ରମ ପାଇଁ ନଦୀକୁ ଯାଇଥାନ୍ତି ।




ରଥଯାତ୍ରା ନିମନ୍ତେ ସ୍ୱତନ୍ତ୍ର ଟ୍ରେନ୍
ପୂର୍ବ ତଟ ରେଳପଥ ଦ୍ୱାରା ଉତ୍ସର୍ଗୀକୃତ ସେବା

**01. ଗୁଣ୍ଡିଚା ଯାତ୍ରା ଦିନ ପୁରୀ ପହଞ୍ଚୁଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ତାରିଖ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08443 | ତାଳଚେର-ପୁରୀ | 15.07.26 | 2200 | 16.07.26 | 0345 |
| 08407 | ଭଦ୍ରକ-ପୁରୀ | 15.07.26 | 2130 | 16.07.26 | 0355 |
| 08421 | ଅନୁଗୁଳ-ପୁରୀ | 16.07.26 | 0500 | 16.07.26 | 1010 |
| 08413 | କେନ୍ଦୁଝରଗଡ଼-ପୁରୀ | 16.07.26 | 0230 | 16.07.26 | 1030 |
| 08429 | କେନ୍ଦ୍ରାପଡ଼ା-ପୁରୀ | 16.07.26 | 0500 | 16.07.26 | 1100 |
| 08447 | ଢେଙ୍କାନାଳ-ପୁରୀ | 16.07.26 | 0800 | 16.07.26 | 1110 |
| 08427 | ଯାଜପୁର କେନ୍ଦୁଝର ରୋଡ଼-ପୁରୀ | 16.07.26 | 0630 | 16.07.26 | 1200 |
| 08417 | ପାରାଦ୍ୱୀପ-ପୁରୀ | 16.07.26 | 0700 | 16.07.26 | 1230 |
| 08437 | ପଲାସା-ପୁରୀ | 15.07.26 | 2100 | 16.07.26 | 0200 |
| 08557 | ଗୁଣୁପୁର-ପୁରୀ | 15.07.26 | 1830 | 16.07.26 | 0050 |
| 08551 | ବିଶାଖାପାଟଣା-ପୁରୀ | 15.07.26 | 1230 | 15.07.26 | 2130 |
| 08553 | ଜଗଦଲପୁର-ପୁରୀ | 15.07.26 | 0600 | 16.07.26 | 0140 |
| 08555 | ରାୟଗଡ଼ା-ପୁରୀ | 15.07.26 | 1430 | 16.07.26 | 0400 |
| 08559 | ସମ୍ବଲପୁର-ପୁରୀ | 15.07.26 | 2200 | 16.07.26 | 0615 |
| 08336 | ଜୁନାଗଡ଼ ରୋଡ଼-ପୁରୀ | 15.07.26 | 2050 | 16.07.26 | 0825 |
| 08561 | ପୁରୁଣାକଟକ-ପୁରୀ | 15.07.26 | 1000 | 15.07.26 | 2100 |
| 08565 | ଶାଲିମାର-ପୁରୀ | 15.07.26 | 1800 | 16.07.26 | 0600 |
| 08331 | ରାଉରକେଲା-ପୁରୀ | 15.07.26 | 1940 | 16.07.26 | 0945 |
| 08569 | ବାଦାମପାହାଡ଼-ପୁରୀ | 15.07.26 | 0900 | 15.07.26 | 2245 |
| 08563 | ବାଙ୍ଗିରିପୋଷି-ପୁରୀ | 15.07.26 | 1430 | 16.07.26 | 0300 |
| 08567 | ବଡ଼ବିଲ-ପୁରୀ | 15.07.26 | 0735 | 15.07.26 | 1730 |

**02. ଗୁଣ୍ଡିଚା ଯାତ୍ରା ଦିନ ପୁରୀରୁ ଛାଡୁଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ତାରିଖ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08408 | ପୁରୀ-ଭଦ୍ରକ | 16.07.26 | 1505 | 16.07.26 | 2315 |
| 08428 | ପୁରୀ-ଯାଜପୁର କେନ୍ଦୁଝର ରୋଡ଼ | 16.07.26 | 1815 | 17.07.26 | 0005 |
| 08430 | ପୁରୀ-କେନ୍ଦ୍ରାପଡ଼ା | 16.07.26 | 2100 | 17.07.26 | 0130 |
| 08414 | ପୁରୀ-କେନ୍ଦୁଝରଗଡ଼ | 16.07.26 | 2115 | 17.07.26 | 0445 |
| 08418 | ପୁରୀ-ପାରାଦ୍ୱୀପ | 16.07.26 | 2130 | 17.07.26 | 0315 |
| 08444 | ପୁରୀ-ତାଳଚେର | 17.07.26 | 0005 | 17.07.26 | 0630 |
| 08448 | ପୁରୀ-ଢେଙ୍କାନାଳ | 17.07.26 | 0100 | 17.07.26 | 0430 |
| 08422 | ପୁରୀ-ଅନୁଗୁଳ | 17.07.26 | 0215 | 17.07.26 | 0745 |
| 08438 | ପୁରୀ-ପଲାସା | 17.07.26 | 0400 | 17.07.26 | 0915 |
| 08558 | ପୁରୀ-ଗୁଣୁପୁର | 17.07.26 | 0245 | 17.07.26 | 0945 |
| 08552 | ପୁରୀ-ବିଶାଖାପାଟଣା | 17.07.26 | 0230 | 17.07.26 | 1105 |
| 08554 | ପୁରୀ-ଜଗଦଲପୁର | 16.07.26 | 1915 | 17.07.26 | 1315 |
| 08556 | ପୁରୀ-ରାୟଗଡ଼ା | 17.07.26 | 0130 | 17.07.26 | 1430 |
| 08560 | ପୁରୀ-ସମ୍ବଲପୁର | 17.07.26 | 0330 | 17.07.26 | 1100 |
| 08337 | ପୁରୀ-ଜୁନାଗଡ଼ ରୋଡ଼ | 17.07.26 | 0700 | 17.07.26 | 1845 |
| 08562 | ପୁରୀ-ପୁରୁଣାକଟକ | 16.07.26 | 2030 | 17.07.26 | 0640 |
| 08566 | ପୁରୀ-ଶାଲିମାର | 17.07.26 | 0030 | 17.07.26 | 1330 |
| 08332 | ପୁରୀ-ରାଉରକେଲା | 17.07.26 | 0300 | 17.07.26 | 1555 |
| 08570 | ପୁରୀ-ବାଦାମପାହାଡ଼ | 17.07.26 | 0045 | 17.07.26 | 1345 |
| 08564 | ପୁରୀ-ବାଙ୍ଗିରିପୋଷି | 17.07.26 | 0115 | 17.07.26 | 1330 |
| 08568 | ପୁରୀ-ବଡ଼ବିଲ | 16.07.26 | 1945 | 17.07.26 | 0700 |

**03. ବାହୁଡ଼ା ଯାତ୍ରା ଦିନ ପୁରୀ ପହଞ୍ଚୁଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ତାରିଖ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08443 | ତାଳଚେର-ପୁରୀ | 23.07.26 | 2200 | 24.07.26 | 0345 |
| 08407 | ଭଦ୍ରକ-ପୁରୀ | 23.07.26 | 2130 | 24.07.26 | 0355 |
| 08421 | ଅନୁଗୁଳ-ପୁରୀ | 24.07.26 | 0500 | 24.07.26 | 1010 |
| 08413 | କେନ୍ଦୁଝରଗଡ଼-ପୁରୀ | 24.07.26 | 0230 | 24.07.26 | 1030 |
| 08429 | କେନ୍ଦ୍ରାପଡ଼ା-ପୁରୀ | 24.07.26 | 0500 | 24.07.26 | 1100 |
| 08447 | ଢେଙ୍କାନାଳ-ପୁରୀ | 24.07.26 | 0800 | 24.07.26 | 1110 |
| 08427 | ଯାଜପୁର କେନ୍ଦୁଝର ରୋଡ଼-ପୁରୀ | 24.07.26 | 0630 | 24.07.26 | 1200 |
| 08417 | ପାରାଦ୍ୱୀପ-ପୁରୀ | 24.07.26 | 0700 | 24.07.26 | 1230 |
| 08437 | ପଲାସା-ପୁରୀ | 23.07.26 | 2100 | 24.07.26 | 0200 |
| 08557 | ଗୁଣୁପୁର-ପୁରୀ | 23.07.26 | 1830 | 24.07.26 | 0050 |
| 08551 | ବିଶାଖାପାଟଣା-ପୁରୀ | 23.07.26 | 1230 | 23.07.26 | 2130 |
| 08553 | ଜଗଦଲପୁର-ପୁରୀ | 23.07.26 | 0600 | 24.07.26 | 0140 |
| 08555 | ରାୟଗଡ଼ା-ପୁରୀ | 23.07.26 | 1430 | 24.07.26 | 0400 |
| 08559 | ସମ୍ବଲପୁର-ପୁରୀ | 23.07.26 | 2200 | 24.07.26 | 0615 |
| 08336 | ଜୁନାଗଡ଼ ରୋଡ଼-ପୁରୀ | 23.07.26 | 2050 | 24.07.26 | 0825 |
| 08561 | ପୁରୁଣାକଟକ-ପୁରୀ | 23.07.26 | 1000 | 23.07.26 | 2100 |
| 08565 | ଶାଲିମାର-ପୁରୀ | 23.07.26 | 1800 | 24.07.26 | 0600 |
| 08331 | ରାଉରକେଲା-ପୁରୀ | 23.07.26 | 1940 | 24.07.26 | 0945 |
| 08569 | ବାଦାମପାହାଡ଼-ପୁରୀ | 23.07.26 | 0900 | 23.07.26 | 2245 |
| 08563 | ବାଙ୍ଗିରିପୋଷି-ପୁରୀ | 23.07.26 | 1430 | 24.07.26 | 0300 |
| 08567 | ବଡ଼ବିଲ-ପୁରୀ | 23.07.26 | 0735 | 23.07.26 | 1730 |

**04. ବାହୁଡ଼ା ଯାତ୍ରା ଦିନ ପୁରୀରୁ ଛାଡୁଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ତାରିଖ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08408 | ପୁରୀ-ଭଦ୍ରକ | 24.07.26 | 1505 | 24.07.26 | 2315 |
| 08428 | ପୁରୀ-ଯାଜପୁର କେନ୍ଦୁଝର ରୋଡ଼ | 24.07.26 | 1815 | 25.07.26 | 0005 |
| 08430 | ପୁରୀ-କେନ୍ଦ୍ରାପଡ଼ା | 24.07.26 | 2100 | 25.07.26 | 0130 |
| 08414 | ପୁରୀ-କେନ୍ଦୁଝରଗଡ଼ | 24.07.26 | 2115 | 25.07.26 | 0445 |
| 08418 | ପୁରୀ-ପାରାଦ୍ୱୀପ | 24.07.26 | 2130 | 25.07.26 | 0315 |
| 08444 | ପୁରୀ-ତାଳଚେର | 25.07.26 | 0005 | 25.07.26 | 0630 |
| 08448 | ପୁରୀ-ଢେଙ୍କାନାଳ | 25.07.26 | 0100 | 25.07.26 | 0430 |
| 08422 | ପୁରୀ-ଅନୁଗୁଳ | 25.07.26 | 0215 | 25.07.26 | 0745 |
| 08438 | ପୁରୀ-ପଲାସା | 25.07.26 | 0400 | 25.07.26 | 0915 |
| 08558 | ପୁରୀ-ଗୁଣୁପୁର | 25.07.26 | 0245 | 25.07.26 | 0945 |
| 08552 | ପୁରୀ-ବିଶାଖାପାଟଣା | 25.07.26 | 0230 | 25.07.26 | 1105 |
| 08554 | ପୁରୀ-ଜଗଦଲପୁର | 24.07.26 | 1915 | 25.07.26 | 1315 |
| 08556 | ପୁରୀ-ରାୟଗଡ଼ା | 25.07.26 | 0130 | 25.07.26 | 1430 |
| 08560 | ପୁରୀ-ସମ୍ବଲପୁର | 25.07.26 | 0330 | 25.07.26 | 1100 |
| 08337 | ପୁରୀ-ଜୁନାଗଡ଼ ରୋଡ଼ | 25.07.26 | 0700 | 25.07.26 | 1845 |
| 08562 | ପୁରୀ-ପୁରୁଣାକଟକ | 24.07.26 | 2030 | 25.07.26 | 0640 |
| 08566 | ପୁରୀ-ଶାଲିମାର | 25.07.26 | 0030 | 25.07.26 | 1330 |
| 08332 | ପୁରୀ-ରାଉରକେଲା | 25.07.26 | 0300 | 25.07.26 | 1555 |
| 08570 | ପୁରୀ-ବାଦାମପାହାଡ଼ | 25.07.26 | 0045 | 25.07.26 | 1345 |
| 08564 | ପୁରୀ-ବାଙ୍ଗିରିପୋଷି | 25.07.26 | 0115 | 25.07.26 | 1330 |
| 08568 | ପୁରୀ-ବଡ଼ବିଲ | 24.07.26 | 1945 | 25.07.26 | 0700 |

**05. ସୁନାବେଶ ଦିନ ପୁରୀ ପହଞ୍ଚୁଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ତାରିଖ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08443 | ତାଳଚେର-ପୁରୀ | 24.07.26 | 2200 | 25.07.26 | 0345 |
| 08407 | ଭଦ୍ରକ-ପୁରୀ | 24.07.26 | 2130 | 25.07.26 | 0355 |
| 08421 | ଅନୁଗୁଳ-ପୁରୀ | 25.07.26 | 0500 | 25.07.26 | 1010 |
| 08413 | କେନ୍ଦୁଝରଗଡ଼-ପୁରୀ | 25.07.26 | 0230 | 25.07.26 | 1030 |
| 08429 | କେନ୍ଦ୍ରାପଡ଼ା-ପୁରୀ | 25.07.26 | 0500 | 25.07.26 | 1100 |
| 08447 | ଢେଙ୍କାନାଳ-ପୁରୀ | 25.07.26 | 0800 | 25.07.26 | 1110 |
| 08427 | ଯାଜପୁର କେନ୍ଦୁଝର ରୋଡ଼-ପୁରୀ | 25.07.26 | 0630 | 25.07.26 | 1200 |
| 08417 | ପାରାଦ୍ୱୀପ-ପୁରୀ | 25.07.26 | 0700 | 25.07.26 | 1230 |
| 08563 | ବାଙ୍ଗିରିପୋଷି-ପୁରୀ | 24.07.26 | 1430 | 25.07.26 | 0300 |

**06. ସୁନାବେଶ ଦିନ ପୁରୀରୁ ଛାଡୁଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ତାରିଖ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08408 | ପୁରୀ-ଭଦ୍ରକ | 25.07.26 | 1505 | 25.07.26 | 2315 |
| 08428 | ପୁରୀ-ଯାଜପୁର କେନ୍ଦୁଝର ରୋଡ଼ | 25.07.26 | 1815 | 26.07.26 | 0005 |
| 08430 | ପୁରୀ-କେନ୍ଦ୍ରାପଡ଼ା | 25.07.26 | 2100 | 26.07.26 | 0130 |
| 08414 | ପୁରୀ-କେନ୍ଦୁଝରଗଡ଼ | 25.07.26 | 2115 | 26.07.26 | 0445 |
| 08418 | ପୁରୀ-ପାରାଦ୍ୱୀପ | 25.07.26 | 2130 | 26.07.26 | 0315 |
| 08444 | ପୁରୀ-ତାଳଚେର | 26.07.26 | 0005 | 26.07.26 | 0630 |
| 08448 | ପୁରୀ-ଢେଙ୍କାନାଳ | 26.07.26 | 0100 | 26.07.26 | 0430 |
| 08422 | ପୁରୀ-ଅନୁଗୁଳ | 26.07.26 | 0215 | 26.07.26 | 0745 |
| 08564 | ପୁରୀ-ବାଙ୍ଗିରିପୋଷି | 26.07.26 | 0115 | 26.07.26 | 1330 |

**07. ରଥଯାତ୍ରା ପାଇଁ ପୁରୀ ପହଞ୍ଚୁଥିବା ଅନ୍ୟ ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ଦିନ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08423 | ବ୍ରହ୍ମପୁର-ପୁରୀ | 15.07.2026 ଠାରୁ 25.07.2026 | 2300 | ପରବର୍ତ୍ତୀ ଦିନ | 0230 |
| 08431 | ଦଶପଲ୍ଲା-ପୁରୀ | 15.07.2026 ଠାରୁ 25.07.2026 | 2330 | ପରବର୍ତ୍ତୀ ଦିନ | 0330 |
| 08419 | ଅନୁଗୁଳ-ପୁରୀ | 15.07.2026 ଠାରୁ 25.07.2026 | 2300 | ପରବର୍ତ୍ତୀ ଦିନ | 0430 |
| 08411 | କେନ୍ଦୁଝରଗଡ଼-ପୁରୀ | 15.07.2026 ଠାରୁ 25.07.2026 | 2100 | ପରବର୍ତ୍ତୀ ଦିନ | 0505 |
| 08415 | ପାରାଦ୍ୱୀପ-ପୁରୀ | 15.07.2026 ଠାରୁ 25.07.2026 | 2300 | ପରବର୍ତ୍ତୀ ଦିନ | 0540 |
| 08425 | ବ୍ରହ୍ମପୁର-ପୁରୀ | 16.07.2026 ଠାରୁ 26.07.2026 | 0530 | ସେହି ଦିନ | 0930 |
| 08409 | ଭଦ୍ରକ-ପୁରୀ | 16.07.2026 ଠାରୁ 26.07.2026 | 0420 | ସେହି ଦିନ | 1020 |
| 08433 | ଦଶପଲ୍ଲା-ପୁରୀ | 16.07.2026 ଠାରୁ 26.07.2026 | 0800 | ସେହି ଦିନ | 1315 |
| 08451 | ଖୋର୍ଦ୍ଧା ରୋଡ଼-ପୁରୀ | 16.07.2026 ଠାରୁ 26.07.2026 | 1330 | ସେହି ଦିନ | 1430 |

**08. ରଥଯାତ୍ରା ପାଇଁ ପୁରୀରୁ ଛାଡୁଥିବା ଅନ୍ୟ ସ୍ୱତନ୍ତ୍ର ଟ୍ରେନ**

| ଟ୍ରେନ୍ ନଂ | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ଦିନ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08452 | ପୁରୀ-ଖୋର୍ଦ୍ଧା ରୋଡ଼ | 16.07.2026 ଠାରୁ 26.07.2026 | 1445 | ସେହି ଦିନ | 1545 |
| 08432 | ପୁରୀ-ଦଶପଲ୍ଲା | 16.07.2026 ଠାରୁ 26.07.2026 | 1430 | ସେହି ଦିନ | 1830 |
| 08424 | ପୁରୀ-ବ୍ରହ୍ମପୁର | 16.07.2026 ଠାରୁ 26.07.2026 | 1530 | ସେହି ଦିନ | 2100 |
| 08412 | ପୁରୀ-କେନ୍ଦୁଝରଗଡ଼ | 16.07.2026 ଠାରୁ 26.07.2026 | 1615 | ସେହି ଦିନ | 2345 |
| 08416 | ପୁରୀ-ପାରାଦ୍ୱୀପ | 16.07.2026 ଠାରୁ 26.07.2026 | 1745 | ସେହି ଦିନ | 2355 |
| 08420 | ପୁରୀ-ଅନୁଗୁଳ | 16.07.2026 ଠାରୁ 26.07.2026 | 1900 | ପରବର୍ତ୍ତୀ ଦିନ | 0030 |
| 08426 | ପୁରୀ-ବ୍ରହ୍ମପୁର | 16.07.2026 ଠାରୁ 26.07.2026 | 2230 | ପରବର୍ତ୍ତୀ ଦିନ | 0300 |
| 08410 | ପୁରୀ-ଭଦ୍ରକ | 17.07.2026 ଠାରୁ 27.07.2026 | 0200 | ସେହି ଦିନ | 0700 |
| 08434 | ପୁରୀ-ଦଶପଲ୍ଲା | 17.07.2026 ଠାରୁ 27.07.2026 | 0315 | ସେହି ଦିନ | 0645 |

ରଥଯାତ୍ରା ସ୍ୱତନ୍ତ୍ର ଟ୍ରେନ ଗୁଡ଼ିକ ସ୍ୱତନ୍ତ୍ର ଭଡ଼ା ଟ୍ରେନ ଭାବରେ ପୁରୀ ଠାରୁ ଏବଂ ପୁରୀକୁ ଚଳାଚଳ କରିବ । ବ୍ରହ୍ମପୁର ମାର୍ଗ ଦେଇ ପୁରୀକୁ/ପୁରୀରୁ ଆସିବାକୁ କିମ୍ବା ଯିବାକୁ ଥିବା ସମସ୍ତ ଟ୍ରେନ୍ ଖୋର୍ଦ୍ଧା ରୋଡ଼ ନଯାଇ ଭାୟା-ଅରୁଗୁଳ ଏବଂ ହରିପୁରଗ୍ରାମ ମାର୍ଗ ଦେଇ ଯାତାୟାତ କରିବ ।

ECOR YATRA APP
RailOne
RailOne ଏକିକୃତ ରେଲୱେ ଆପ୍
କିମ୍ବା ପ୍ଲେ ଷ୍ଟୋର୍‌ରୁ ଡାଉନ୍‌ଲୋଡ୍ କରନ୍ତୁ

ରଥଯାତ୍ରା ମୋବାଇଲ୍ ଆପ୍
ସମସ୍ତ ସୂଚନା ପାଇଁ ପୂର୍ବ ତଟ ରେଳପଥର ରଥଯାତ୍ରା ମୋବାଇଲ୍ ଆପ୍ ECOR YATRA ପରିଦର୍ଶନ କରନ୍ତୁ
Google Play Store ରୁ ଏହି ଆପ୍ ଡାଉନ୍‌ଲୋଡ୍ କରନ୍ତୁ




ପୂର୍ବ ତଟ ରେଳପଥ
www.eastcoastrail.indianrailways.gov.in

ଡାଏଲ୍ କରନ୍ତୁ 139
ଟ୍ରେନ୍ ସହିତ ଜଡ଼ିତ କୌଣସି ସହାୟତା, ସୂଚନା ଏବଂ ଅଭିଯୋଗ ନିମନ୍ତେ ଏକିକୃତ ନମ୍ବର

D-08/26-27
www.facebook/@EASTCOASTRailway1 www.x.com/@EastCoastRail www.instagram.com/cproecor



ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି (ଫଟୋ-ଦିନଲିପି)

# ଅନିମେଶ କୁଜୁରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

**ଭୁବନେଶ୍ୱର, ୧୪/୭(ନିପ୍ର):** ଜର୍ମାନୀରେ ଅନୁଷ୍ଠିତ 'ଫାଷ୍ଟ ଆର୍ମସ ଫାଷ୍ଟ ଲେଗ୍ସ' ମିଟ୍ ରେ ସଫଳତା ପାଇଁ ଓଡ଼ିଆ ସ୍ପ୍ରିଂଟର ଅନିମେଶ କୁଜୁରଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭକାମନା ଜଣାଇଛନ୍ତି। ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଜର୍ମାନୀରେ ଅନୁଷ୍ଠିତ 'ଫାଷ୍ଟ ଆର୍ମସ ଫାଷ୍ଟ ଲେଗ୍ସ' ମିଟ୍‌ର ୧୦୦ ମିଟର ଦୌଡ଼କୁ ମାତ୍ର ୧୦.୧୪ ସେକେଣ୍ଡରେ ଶେଷ କରି ଓଡ଼ିଶାର ପ୍ରତିଭାବାନ ସ୍ପ୍ରିଂଟର ଅନିମେଶ କୁଜୁର



ବିଦେଶ ମାଟିରେ ଜଣେ ଭାରତୀୟ ସ୍ପ୍ରିଂଟର ଭାବେ ଦ୍ରୁତତମ ସମୟର ଏକ ଅସାଧାରଣ କୀର୍ତିମାନ ସ୍ଥାପନ କରିବା ସହ ଆମ ରାଜ୍ୟ ଓ ସମଗ୍ର ଦେଶକୁ ଗୌରବାନ୍ୱିତ କରିଛନ୍ତି। ବିଶ୍ୱ ଆଥଲେଟିକ୍ସ ମଂଚରେ ତାଙ୍କର ଏହି ଅସାଧାରଣ ସଫଳତା ଆମର ଯୁବ କ୍ରୀଡ଼ାବିତ୍ ମାନଙ୍କୁ ଆଗକୁ ବଢ଼ିବା ପାଇଁ ନିଶ୍ଚିତ ଭାବେ ପ୍ରେରିତ କରିବ। ଅନିମେଶଙ୍କୁ ଅନେକ ଶୁଭକାମନା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ କ୍ରୀଡ଼ା ଭବିଷ୍ୟତ କାମନା କରୁଛି।

# ମୃତ ମହିଳାଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

**ଭୁବନେଶ୍ୱର, ୧୪/୭(ନିପ୍ର):** ସୁନ୍ଦରଗଡ଼ ଜିଲ୍ଲା ବୀରମିତ୍ରପୁରର ମଞ୍ଜୁଲତା ରାଉତ (ସ୍ୱାମୀ – ସ୍ୱର୍ଗତ କୃଷ୍ଣଚନ୍ଦ୍ର ରାଉତ) ଙ୍କର ଦୁଃଖଦ ଦୁର୍ଘଟଣାରେ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି।

**AFFIDAVIT**

By virtue of an affidavit sworn before The Notary Public, Bhubaneswar on 14.07.2026, I Binapani Mishra W/o-Dhirendra Nath Mishra, Mahatab Road, Behind Sangam Cinema Hall, Cuttack, Dist-Cuttack do hereby declare that I have changed my surname from Misra to Mishra. Henceforth I shall be known as Binapani Mishra W/o-Dhirendra Nath Mishra for all purposes.

**Sd/-Binapani Mishra.**

**AFFIDAVIT**

By virtue of an affidavit No. 959 dated 10.07.2026 sworn before Executive Magistrate, Bhapur . I Smruti Sangita Behera , D/o - Satchidananda Behera, resident of Village Bhapur, PO Bhapur , P.S. - Fategarh ,Dist - Nayagarh declare that, my actual name is Smruti Sangita Behera,but in my LIC Policy Vide No. 589601553 my name has been mentioned as Soumya Sangita Behera . I do hereby declare that both Smruti Sangita Behera and Soumya Sangita Behera is one and same person. Henceforth , I shall be known as Smruti Sangita Behera for all purposes and records.

**Sd/-Smruti Sangita Behera.**

# ଝୋଟି ଚିତାରେ ଚମକୁଛି ବଡ଼ଦାଣ୍ଡ



**ପୁରୀ, ୧୪/୭(ନିପ୍ର):** ଜଗତରନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ ଭକ୍ତଙ୍କୁ ଦର୍ଶନ ଦେବା ପାଇଁ ଶ୍ରୀମନ୍ଦିରରୁ ବାହାରି ଆସିବେ । ନିଜର ପ୍ରାଣପ୍ରିୟ ଠାକୁରଙ୍କୁ ସ୍ୱାଗତ କରିବାକୁ ସଜେଇ ହୋଇଛି ଶ୍ରୀକ୍ଷେତ୍ର । ଝୋଟି ଚିତାରେ ଝଟକୁଛି ବଡ଼ଦାଣ୍ଡ । କୋଟି ଓଡ଼ିଆର ମଉଡ଼ମଣିଙ୍କୁ ସ୍ୱାଗତ କରିବାକୁ ଆଲୋକମାଳାରେ ଝଲସୁଛି ଶ୍ରୀକ୍ଷେତ୍ର । ଭକ୍ତିଭଜନରେ ଉଛୁଳୁଛି ଶ୍ରୀମନ୍ଦିରଠାରୁ ଗୁଣ୍ଡିଚା ମନ୍ଦିର । ଏହାସହ ବଡ଼ଦାଣ୍ଡରେ ଥିବା ବିଭିନ୍ନ ବିଦ୍ୟୁତ ଓ ଲାଇଟ୍ ଖୁଣ୍ଟକୁ ସଜାଯାଇଛି । ପ୍ରତ୍ୟେକ ଖୁଣ୍ଟକୁ ପ୍ଲାଷ୍ଟିକ ଫୁଲରେ ସଜାଯାଇଛି । ରଥର ତିନି ରଙ୍ଗ ଯଥା ନାଲି, ହଳଦି ଓ ସବୁଜ ରଙ୍ଗର ଫୁଲରେ ଖୁଣ୍ଟ ସବୁ ସଜେଇ ହୋଇଛି । ଠାକୁର ଦାଣ୍ଡକୁ ଆସିବେ ବୋଲି ସତେକି ସମ୍ପୂର୍ଣ୍ଣ ପୁରୀ ସହର ସାଜିଛି ବୈକୁଣ୍ଠପୁର । ରଥଯାତ୍ରା ପାଇଁ ଶ୍ରୀକ୍ଷେତ୍ରରେ ପ୍ରସ୍ତୁତି ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ଏବଂ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଶିଳ୍ପୀମାନେ ଝୋଟି ଚିତା ଆଙ୍କିଛନ୍ତି । ଏଥିପାଇଁ ସପ୍ତାହେରୁ ଅଧିକ ହେବ ରାଜ୍ୟର କୋଣ ଅନୁକୋଣରୁ ଚିତ୍ରଶିଳ୍ପୀମାନେ ଆସି ପୁରୀରେ ଏକତ୍ରିତ ହୋଇଛନ୍ତି । ରଥର ତିନି ରଙ୍ଗ ଯଥା ନାଲି, ହଳଦିଆ, ସବୁଜ ରଙ୍ଗକୁ ଝୋଟି ଚିତାରେ ପ୍ରାଥମିକତା ଦିଆଯାଇଛି । ଓଡ଼ିଶାର ପରିଚିତ ଟିପି ଚିତା, ଛଟା ଚିତା, କୋଠି ଚିତା ଆଦି ଅଙ୍କାଯାଇଛି । କେବଳ ସେତିକି ନୁହେଁ ମହାପ୍ରଭୁ ଆସିବେ ବୋଲି ବଡ଼ଦାଣ୍ଡ ଯାକ ଡାକବାଜି ଲଗାଯାଇଛି । ଏହି ଡାକବାଜିରେ ଭକ୍ତି ଭଜନ ବାଜୁଛି । ମହାପ୍ରଭୁଙ୍କର ଏହି ଭଜନ ଶୁଣିଲେ ଆପେ ଭକ୍ତର ପାଦ ନାଚି ଉଠୁଛି ।

# ଦିବ୍ୟାଙ୍ଗ ବର-କନ୍ୟାଙ୍କ ନିଆରା ବିବାହ

ଧାମନଗର, ୧୩।୭ : ଧାମନଗର ଏନଏସି ଅଧୀନ ଦକ୍ଷିଣବାଡ଼ ସ୍ଥିତ ପ୍ରସିଦ୍ଧ ମୁରଲୀ ମନୋହର ମନ୍ଦିର ପରିସରରେ ସୋମବାର ଏକ ନିଆରା ବିବାହ ଅନୁଷ୍ଠିତ ହୋଇଛି। କନ୍ୟା ପକ୍ଷ ଅତି ଗରିବ ହୋଇଥିବାରୁ ଧାମନଗର ବରିଷ୍ଠ ନାଗରିକ ପରିଷଦର ଉଦ୍ୟମରେ ଯାଜପୁର ଜିଲ୍ଲା ମହମଦ ଜାମପୁର (ଭାୟା-ସୁଜନପୁର)ର ପବିତ୍ର ପଣ୍ଡାଙ୍କ କନ୍ୟା ରୁବିନା ପଣ୍ଡାଙ୍କ ସହ ଧାମନଗର ବୈକୁଣ୍ଠୀ ମୁଥାନଗରର ଉପେନ୍ଦ୍ର ଦାଶଙ୍କ ପୁଅ ତପନ ଦାଶଙ୍କ ସୋମବାର ବୈଦିକ ରୀତିନୀତିରେ ବିବାହ ସମ୍ପନ୍ନ ହୋଇଛି। ଉଭୟ ବର ଓ କନ୍ୟା ଜନ୍ମରୁ ପ୍ରାୟ ୮୦ ପ୍ରତିଶତ ଶାରୀରିକ ଅକ୍ଷମ ହୋଇଥିଲେ ମଧ୍ୟ ପରିବାରର ସହମତି ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ବିବାହ ଉତ୍ସବ ଆନନ୍ଦ ଉଲ୍ଲାସର ସହ ସମ୍ପନ୍ନ ହୋଇଛି।

### ଅବହେଳାର ସୀମା ଟପିଲା

# ହଷ୍ଟେଲ ଛାତ୍ରଙ୍କ ମୁଣ୍ଡ ଘାଆରୁ ବାହାରିଲା ପୋକ

ଚମ୍ପୁଆ, ୧୪/୭(ନିପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଭଣ୍ଡା ପଞ୍ଚାୟତ ଅନ୍ତର୍ଗତ ବାସୁଦେବପୁର ପ୍ରାଥମିକ ବିଦ୍ୟାଳୟର ହଷ୍ଟେଲରେ ଘଟିଛି ଏକ ଅଭାବନୀୟ ଘଟଣା। ଏହି ଘଟଣା ସମସ୍ତଙ୍କୁ ଚକିତ କରିବା ସହ ଶିକ୍ଷା ବ୍ୟବସ୍ଥାର ବିକଳଚିତ୍ରକୁ ପଦାରେ ପକାଇଛି। ହଷ୍ଟେଲରେ ରହି ପାଠ ପଢୁଥିବା ଜଣେ ପଞ୍ଚମ ଶ୍ରେଣୀ ଛାତ୍ରଙ୍କ ମୁଣ୍ଡରେ ହୋଇଥିବା ଘାଆରେ ପୋକ ସାଲୁବାଲୁ ହେବା ଏବଂ କର୍ତ୍ତୃପକ୍ଷଙ୍କ ନିଷ୍କ୍ରିୟତା ସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ସୂଚନା ଅନୁଯାୟୀ, କମଣ୍ଡ ଗ୍ରାମର କାଳିଆ ମୁଣ୍ଡାଙ୍କ ପୁଅ କପିଳେଶ୍ୱର ମୁଣ୍ଡା ସମ୍ପୃକ୍ତ ବିଦ୍ୟାଳୟର ହଷ୍ଟେଲରେ ରହି ପାଠ ପଢୁଥିଲେ। ଛୁଟି ପରେ କପିଳେଶ୍ୱର ସ୍କୁଲ ନଆସିବାରୁ ବିଦ୍ୟାଳୟ ପକ୍ଷରୁ ପରିବାରକୁ ଖବର ଦିଆଯାଇଥିଲା। ଏହାପରେ ବାପା କାଳିଆ ପୁଅକୁ ଆଣି ହଷ୍ଟେଲରେ ଛାଡ଼ିଥିଲେ। ସେତେବେଳେ କପିଳେଶ୍ୱରଙ୍କ ମୁଣ୍ଡରେ ଏକ ଘାଆ ଥିଲା। ଅଭିଯୋଗ ହୋଇଛି ଯେ, ହଷ୍ଟେଲ କର୍ତ୍ତୃପକ୍ଷ ଏହି ଘାଆକୁ ସମ୍ପୂର୍ଣ୍ଣ ଅଣଦେଖା କରିଥିଲେ। ଫଳରେ ସଂକ୍ରମଣ ବୃଦ୍ଧି ପାଇ ଘାଆରେ ପୋକ ହୋଇଯାଇଥିଲା। ଅବସ୍ଥା ଗୁରୁତର ହେବା ପରେ କର୍ତ୍ତୃପକ୍ଷ ତାଙ୍କୁ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ, କିନ୍ତୁ ପରିସ୍ଥିତି ସଙ୍କଟାପନ୍ନ ଥିବାରୁ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ସେଠାରେ ତାଙ୍କର ଚିକିତ୍ସା ଚାଲିଛି।

### ଗଜପତିଙ୍କୁ ଚିଠି ଲେଖି ସମର୍ଥନ ଜଣାଇଲା ବେଙ୍ଗାଲୁରୁ ଇସ୍କନ

# ପୁରୀ ପରମ୍ପରା ଅନୁସାରେ ହେବ ସବୁ ରୀତିନୀତି

**ପୁରୀ, ୧୪।୭(ନିପ୍ର):** ପୁରୀ ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତିକୁ ସମର୍ଥନ କରିଛି ବେଙ୍ଗାଲୁରୁ ଇସ୍କନ । ନିର୍ଦ୍ଧାରିତ ତିଥିରେ ହିଁ ହେବ ରଥଯାତ୍ରା । ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ପରମ୍ପରା ଓ ରଥଯାତ୍ରା ସମୟକୁ ନେଇ ଚାଲିଥିବା ବିତର୍କ ମଧ୍ୟରେ ଶ୍ରୀମନ୍ଦିର ପରିଚାଳନା କମିଟିର ଆଭିମୁଖ୍ୟକୁ ବେଙ୍ଗାଲୁରୁ ସ୍ଥିତ ଇସ୍କନ ପକ୍ଷରୁ ପୂର୍ଣ୍ଣ



ସମର୍ଥନ ମିଳିଛି । ଦୁଇ ଇସ୍କନ ସଂଗଠନ ମଧ୍ୟରେ ଭିନ୍ନମତ ଦେଖିବାକୁ ମିଳିଛି । ବେଙ୍ଗାଲୁରୁ ଇସ୍କନର ଗଭର୍ଣ୍ଣିଂ ବଡି କମିଶନର ଅଧ୍ୟକ୍ଷ ମଧୁ ପଣ୍ଡିତ ଦାସ, ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ଅଧ୍ୟକ୍ଷ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ଏକ ପତ୍ର ଲେଖି ନିଜର ସ୍ପଷ୍ଟ ଆଭିମୁଖ୍ୟ ଜଣାଇଛନ୍ତି । ସେ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଗ୍ଲୋବାଲ ହରେକୃଷ୍ଣ ମୁଭମେଣ୍ଟର ସମସ୍ତ କେନ୍ଦ୍ରରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ମୂଳ ପୀଠ ଦ୍ୱାରା ଅନୁମୋଦିତ ନଅ ଦିନିଆ ସମୟସୀମା ମଧ୍ୟରେ ହିଁ ରଥଯାତ୍ରା ଆୟୋଜନ କରାଯିବ । ଏହା ସହିତ ନିର୍ଦ୍ଧାରିତ ତିଥିରେ ହିଁ ସ୍ନାନଯାତ୍ରା ନୀତି ସମ୍ପନ୍ନ କରାଯିବ । ଏହି ନିଷ୍ପତ୍ତି ସମସ୍ତ ସନାତନୀଙ୍କୁ ପ୍ରଭୁ ଜଗନ୍ନାଥଙ୍କ ସେବାରେ ଏକଜୁଟ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ପୁରୀର ପ୍ରାଚୀନ ପରମ୍ପରା ରକ୍ଷା କରିବା ଦିଗରେ ଗଜପତି ମହାରାଜାଙ୍କ ନିରଳସ ସେବାକୁ ସେ ଉଚ୍ଚ ପ୍ରଶଂସା କରିଛନ୍ତି । ପତ୍ରରେ ଏହା ମଧ୍ୟ ସ୍ପଷ୍ଟ କରାଯାଇଛି ଯେ, ବେଙ୍ଗାଲୁରୁ ଇସ୍କନ ହେଉଛି ପଶ୍ଚିମବଙ୍ଗର ମାୟାପୁରରେ ମୁଖ୍ୟାଳୟ ଥିବା ଅନ୍ୟ ଇସ୍କନ ସଂଗଠନଠାରୁ ସମ୍ପୂର୍ଣ୍ଣ ପୃଥକ୍ ଓ ସ୍ୱାଧୀନ ପ୍ରତିଷ୍ଠାନ । ମାୟାପୁର ଗ୍ରୁପ୍ ମୁମ୍ବାଇରେ ପଞ୍ଜୀକୃତ ହୋଇଥିବା ବେଳେ ବେଙ୍ଗାଲୁରୁ ଇସ୍କନ ସୋସାଇଟି କର୍ଣ୍ଣାଟକରେ ପଞ୍ଜୀକୃତ ।

# ସମ୍ଭାବ୍ୟ କୋଭିଡ-୧୯ ସମୀକ୍ଷା: 'ଗୁଜବରେ ବିଚଳିତ ହୁଅନ୍ତୁ ନାହିଁ'

ଭୁବନେଶ୍ୱର, ୧୪।୭: ସମ୍ଭାବ୍ୟ କୋଭିଡ-୧୯ ପରିସ୍ଥିତିକୁ ଦୃଷ୍ଟିରେ ରଖି ଲୋକସେବା ଭବନଠାରେ ମଙ୍ଗଳବାର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ବୈଠକରେ ଅଧ୍ୟକ୍ଷତା କରି ବିଭିନ୍ନ ପ୍ରସ୍ତୁତି ଓ ଆବଶ୍ୟକୀୟ ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଥିଲେ। ବୈଠକ ପରେ ମନ୍ତ୍ରୀ କହିଛନ୍ତି ରାଜ୍ୟ ସରକାର କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସହ ନିରନ୍ତର ସମନ୍ୱୟରେ ଅଛନ୍ତି ଏବଂ ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। କୌଣସି ଗୁଜବ କିମ୍ବା ଅପପ୍ରଚାରରେ ବିଚଳିତ ଅଥବା ଭୟଭୀତ ନ ହୋଇ ସଚେତନ ରୁହନ୍ତୁ ଏବଂ ଆବଶ୍ୟକ ସ୍ୱାସ୍ଥ୍ୟ ସୁରକ୍ଷା ନିୟମାବଳୀ ପାଳନ କରନ୍ତୁ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ବୈଠକରେ ସ୍ୱାସ୍ଥ୍ୟ ସଚିବ, ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା ଓ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ରେଲୱେ ଭିତ୍ତିଭୂମି ଢାଞ୍ଚାରେ ସଂସ୍କାର ଘୋଷଣା

# ରେଲଭୂମି ପୋର୍ଟାଲରେ ହେବ ଦ୍ରୁତ ଜମି ଅଧିଗ୍ରହଣ



**ନୂଆଦିଲ୍ଲୀ, ୧୪/୭(ପିଆଇବି):** ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର ଭାରତୀୟ ରେଳବାଇର ଆଧୁନିକୀକରଣ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ଢାଞ୍ଚାଗତ ସଂସ୍କାର ଘୋଷଣା କରି କହିଛନ୍ତି ଯେ ଜମି ଅଧିଗ୍ରହଣର ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଡିଜିଟାଇଜେସନ୍ କରିବା ପାଇଁ ରେଳବାଇ 'ରେଳ ଭୂମି' ପୋର୍ଟାଲ୍ ଆରମ୍ଭ କରିବ। ଏହି ୱେବ-ଆଧାରିତ ପ୍ଲାଟଫର୍ମ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ଦ୍ରୁତ ଏବଂ ପ୍ରଭାବଶାଳୀ କରିବ ଏବଂ ପ୍ରକଳ୍ପଗୁଡ଼ିକର ତଦାରଖ କରିବା, କ୍ଷତିପୂରଣ ପ୍ରଦାନ କରିବା ଏବଂ ଅନଲାଇନ୍ ବୈଧାନିକ ପ୍ରକ୍ରିୟା ପରିଚାଳନା କରିବା ପାଇଁ ବିଭିନ୍ନ ରେଳ ବ୍ୟବସ୍ଥାକୁ ସମନ୍ୱିତ କରିବ। ରେଳ ଭବନରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ବୈଷ୍ଣବ କହିଛନ୍ତି ଯେ ରେଳବାଇରେ ବ୍ୟାପକ ସଂସ୍କାର ଅଭିଯାନ ଚାଲିଛି ଏବଂ ୨୦୨୬ ମସିହାରେ ୫୨ଟି ସଂସ୍କାର କାର୍ଯ୍ୟକାରୀ କରାଯାଉଛି। ସେ କହିଥିଲେ ଯେ ନିର୍ମାଣ, ପରିବହନ, ଦକ୍ଷତା ବିକାଶ, ୱାଗନ ଡିଜାଇନ ଏବଂ କଣ୍ଟେନର ନୀତି ସମେତ ଅନେକ କ୍ଷେତ୍ରରେ ବଡ଼ ପରିବର୍ତ୍ତନ କରାଯାଇଛି। ରେଳ ମନ୍ତ୍ରୀ ସୂଚନା ଦେଇଛନ୍ତି ଯେ ଫ୍ଲାଇ ଆଶ୍ ବର୍ତ୍ତମାନ ଖୋଲା ୱାଗନ୍ ପରିବର୍ତ୍ତେ କଣ୍ଟେନରରେ ପରିବହନ କରାଯିବ। ଏହା ପରିବହନ, ସଂରକ୍ଷଣ ଏବଂ ଅବତରଣ ସମୟରେ ଧୂଳି ଦ୍ୱାରା ସୃଷ୍ଟି ହେଉଥିବା ପରିବେଶ ପ୍ରଦୂଷଣକୁ ରୋକିପାରିବ। ସେ ସୂଚନା ଦେଇଛନ୍ତି ଯେ ଦେଶରେ ବାର୍ଷିକ ପ୍ରାୟ ୩୪୦ ନିୟୁତ ମେଟ୍ରିକ୍ ଟନ୍ ଫ୍ଲାଏ ଆଶ୍ ଉତ୍ପାଦିତ ହୁଏ, ଯେଉଁଥିରୁ ୯୬ ନିୟୁତ ମେଟ୍ରିକ୍ ଟନ୍ ସିମେଣ୍ଟ ଶିଳ୍ପରେ ବ୍ୟବହୃତ ହୁଏ, ଯେତେବେଳେ କି କେବଳ ୧୩ ନିୟୁତ ମେଟ୍ରିକ୍ ଟନ୍ ଅର୍ଥାତ୍ ପ୍ରାୟ ୪ ପ୍ରତିଶତ ଫ୍ଲାଏ ଆଶ୍ ରେଳବାଇ ଦ୍ୱାରା ପରିବହନ କରାଯାଏ।



**ପବିତ୍ର ରଥଯାତ୍ରା ଅବସରରେ ବିଦ୍ୟୁତ୍ ସୁରକ୍ଷା ନିୟମାବଳୀ ଅବଲମ୍ବନ କରନ୍ତୁ ଏବଂ ସୁରକ୍ଷିତ ରୁହନ୍ତୁ ।**

ଓଡ଼ିଶାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା ପବିତ୍ର ରଥଯାତ୍ରାର ଆୟୋଜକମାନଙ୍କୁ ବିଦ୍ୟୁତ୍ ସୁରକ୍ଷା ନିୟମାବଳୀ ପାଳନ କରିବାକୁ ଅନୁରୋଧ କରାଯାଉଛି ।

- ରଥକୁ ନିର୍ଦ୍ଧାରିତ ମାର୍ଗରେ ସୁରକ୍ଷିତ ଭାବରେ ନେବା ପାଇଁ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରେ ଲିଖିତ ଭାବେ ଜଣାନ୍ତୁ ।
- ପୂଜାପେଣ୍ଡାଲ, ଯାତ୍ରାସ୍ଥଳୀ, ହୋଟେଲ, ଦୋକାନ ବଜାର, ଅଧିକ ଜନସମାଗମ ସ୍ଥାନରେ ବୈଦ୍ୟୁତିକ ଉପକରଣର ସୁରକ୍ଷା ଯାଞ୍ଚ ପାଇଁ ସ୍ଥାନୀୟ ବିଦ୍ୟୁତ୍ ନିରୀକ୍ଷକଙ୍କୁ ଲିଖିତ ଭାବେ ଅବଗତ କରାନ୍ତୁ ।

**ଶକ୍ତି ବିଭାଗ, ଓଡ଼ିଶା ସରକାର**
**ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ**

OIPR 4001/4025/2/26-27/0002

4001/201/2627

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ